


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-45 ◆FRIDAY ◆8 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୫ ◆ଶୁକ୍ରବାର ◆୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଚାଷୀଙ୍କୁ ଶୋଷୁଛି ବୀମା କମ୍ପାନୀ
# ନେଉଛି ଅଧିକ; ଦେଉଛି କମ୍

**ପ୍ରିମିୟମ୍ ଦେୟ ତୁଳନାରେ କ୍ଷତିପୂରଣ ରାଶି ଯଥେଷ୍ଟ କମ୍**

**୯ ବର୍ଷରେ କମ୍ପାନୀ ନେଇଛନ୍ତି ୧୨ ହଜାର କୋଟିର ପ୍ରିମିୟମ୍**

■ **ଭୁବନେଶ୍ୱର,୭।୮ (ସମିସ):** ଫସଲବୀମା ପ୍ରିମିୟମ ବାବଦରେ କମ୍ପାନୀଗୁଡ଼ିକ ପ୍ରତିବର୍ଷ କୋଟି କୋଟି ଟଙ୍କା ନେଉଛନ୍ତି। ହେଲେ ଫସଲ କ୍ଷତି ଆଧାରରେ ଚାଷୀମାନଙ୍କୁ କ୍ଷତିପୂରଣ ଦେଉ ନାହାନ୍ତି। କ୍ଷତିପୂରଣ ଟଙ୍କା ପାଇବା ପାଇଁ ଚାଷୀଙ୍କୁ ଧାଇଁଧାଇଁ ଶେଷରେ ନିରାଶ ହେବାକୁ ପଡୁଛି ଓ ଯେଉଁମାନେ କ୍ଷତିପୂରଣର ଜଟିଳ ପ୍ରକ୍ରିୟାକୁ କୌଣସି ପ୍ରକାର ଶେଷ କରୁଛନ୍ତି, ସେମାନଙ୍କୁ ଯେତିକି ଅର୍ଥ ମିଳୁଛି ତାହା କ୍ଷତି ତୁଳନାରେ ଯଥେଷ୍ଟ କମ୍। ଏପରିକି କମ୍ପାନୀଗୁଡ଼ିକ ବୀମା ପ୍ରିମିୟମ ବାବଦରେ ଯେତିକି ଟଙ୍କା ନେଉଛନ୍ତି ତାହାର ଚାରିଭାଗରୁ ଭାଗେ ବି କ୍ଷତିପୂରଣ ମିଳୁନାହିଁ। ଯାହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ବଢୁଛି ଏବଂ ଫସଲବୀମାର କାର୍ଯ୍ୟକାରୀତା ଓ ଏହାର ସଫଳତାକୁ ନେଇ ସରକାରଙ୍କ ଶ୍ରେୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ୨୦୨୪ରେ ଗଞ୍ଜାମ ଜିଲ୍ଲାର ୧ଲକ୍ଷ ୪୫ ହଜାର ୭୧୬ଜଣ ଚାଷୀ ବୀମା କରିଥିଲେ। ଏହି ବାବଦରେ ଚାଷୀଙ୍କର ୭୬ କୋଟି ୩୪ ଲକ୍ଷ ୧ ହଜାର ପ୍ରିମିୟମ ଟଙ୍କା ବୀମା କମ୍ପାନୀ ପାଇଥିଲା। ମାତ୍ର ସେହିବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ଓ କ୍ଷତିପୂରଣ ପାଇବାକୁ ଲୋକେ କ୍ଲେମ୍ କରିଥିଲେ। ବୀମା କମ୍ପାନୀ ଫସଲ କ୍ଷତି ପାଇଁ ଚାଷୀଙ୍କୁ କ୍ଲେମ ଅନୁଯାୟୀ କ୍ଷତିପୂରଣ ସହାୟତା ଦେବା ତ ଦୂରର କଥା, ପ୍ରିମିୟମ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କାର ଯଥେଷ୍ଟ କମ୍ ଅର୍ଥାତ ମାତ୍ର ୧୦କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ସମୁଦ୍ରକୁ ଶଙ୍ଖେ ଟଙ୍କା ଦେଇ ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ସରକାର ଓ କମ୍ପାନୀର ମିଳିଭଗତରେ ▶ପୃଷ୍ଠା-୭

---

**ଏନ୍‌ଡିଏ ବୈଠକରେ ଉପରାଷ୍ଟ୍ରପତି ଚୟନ ନିଷ୍ପତ୍ତି**

# ମୋଦୀ ବାଛିବେ ପ୍ରାର୍ଥୀ

■ **ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ଆସନ୍ତା ସେପଟେମ୍ବର ୯ ତାରିଖରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ବିଜ୍ଞପ୍ତି ଜାରି କରିଛନ୍ତି। ଏହାସହିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଖାଲିପଡ଼ିଥିବା ଉପରାଷ୍ଟ୍ରପତି ପଦରେ କିଏ ବସିବ, ତାହାକୁ ନେଇ କସରତ ଆରମ୍ଭ ହୋଇଯାଇଛି। ସଂଖ୍ୟା ଦୃଷ୍ଟିରୁ କ୍ଷମତାସୀନ ଏନ୍‌ଡିଏ ଆଗୁଆ ଥିବାରୁ ଏହାର ପ୍ରାର୍ଥୀ ଉପରାଷ୍ଟ୍ରପତି ହେବା ପ୍ରାୟ ନିଶ୍ଚିତ। ଏନ୍‌ଡିଏ ପ୍ରାର୍ଥୀ ବାଛିବା ଲାଗି ମେଣ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେମାନେ ଯାହାକୁ ପ୍ରାର୍ଥୀ କରିବେ, ତାହାକୁ ଏନ୍‌ଡିଏ ଗ୍ରହଣ କରିବ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ନେତାମାନଙ୍କ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମିତ ଶାହ, ଜେପି ନଡ୍ଡା, ଲଲନ ସିଂହ, ଶ୍ରୀକାନ୍ତ ସିନ୍ଦେ, ଶ୍ରୀକୃଷ୍ଣା ଦେବରାୟାଲୁ ଏବଂ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ଭବତଃ ଆସନ୍ତା ୧୨ ତାରିଖରେ ଏନ୍‌ଡିଏ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି।

ଆଜି ନିର୍ବାଚନ କମିସନ ପକ୍ଷରୁ ଜାରି କରାଯାଇଥିବା ଉପରାଷ୍ଟ୍ରପତି ନିର୍ବାଚନ ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯାଇପାରିବ। ▶ପୃଷ୍ଠା-୭

---

**ସରକାରୀ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର**

## ୩୭ ପ୍ରତିଶତ ଡାକ୍ତର ପଦ ଖାଲି

**୫୫% ବିଶେଷଜ୍ଞ ଡାକ୍ତର ନାହାନ୍ତି**

■ **ଭୁବନେଶ୍ୱର, ୭।୮ (ସମିସ):** ଦୁଇ ଦିନ ତଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟି ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି। ମାତ୍ର ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିଲେ ବି ସେଥିପ୍ରତି ମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନାହାନ୍ତି। ଫଳସ୍ୱରୂପ ସାମାନ୍ୟତମ ସ୍ୱାସ୍ଥ୍ୟ ସମସ୍ୟା ହେଲେ ବି ରୋଗୀମାନେ ବାଧ୍ୟହୋଇ ଭୁବନେଶ୍ୱର, କଟକ ଆଦି ସହରକୁ ଦୌଡୁଛନ୍ତି। କିଛି ରୋଗୀ 'ଗୋପବନ୍ଧୁ' ଓ 'ଆୟୁଷ୍ମାନ' ଯୋଜନାରେ ସହାୟତା ପାଉଥିବାବେଳେ ଆଉ କିଛି ରୋଗୀ ଘରୋଇ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏମିତିକି 'ଆୟୁଷ୍ମାନ' କାର୍ଡରେ ମାତ୍ରାଧିକ ସମସ୍ୟା ହେତୁ ଲୋକମାନେ ନିଜର ଜମିବାଡ଼ି ବିକ୍ରି କରି ଘରୋଇ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ଗତ ମାର୍ଚ୍ଚ ମାସରେ ସରକାର ବିଧାନସଭାରେ ▶ପୃଷ୍ଠା-୭

---

**ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଯୌନ ନିର୍ଯାତନା**

## ହସ୍ପିଟାଲ ମ୍ୟାନେଜର୍ ଗିରଫ



**ଡ୍ୟୁଟି ସମୟରେ ଅଶ୍ଳୀଳ ଆଚରଣ ଓ ଇଙ୍ଗିତ କରୁଥିଲେ**


**ଆଇସିସି କମିଟିରେ ମିଳିନଥିଲା ନ୍ୟାୟ**

■ **ଫୁଲନଖରା, ୭।୮ (ସମିସ):** ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବଙ୍କୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ମ୍ୟାନେଜର୍ ନିଶିଥ ରଞ୍ଜନ ସାହୁଙ୍କୁ କଟକ ସଦର ଥାନା ପୁଲିସ ଗିରଫ କରିଛି। ଗତ ୪ ମାସ ଧରି ନିଶିଥ ଅଶୋଭନୀୟ ଆଚରଣ ▶ପୃଷ୍ଠା-୭

---

**ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମାହୁତି ଘଟଣାରେ ନବୀନଙ୍କ କ୍ଷୋଭ**

## ଆଉ କେତେ ଚିତା ଜଳିଲେ ଜାଗିବେ ରାଜ୍ୟ ସରକାର ?



■ **ଭୁବନେଶ୍ୱର, ୭।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ଜଣେ + ୩ ଛାତ୍ରୀ ଆତ୍ମାହୁତି କରିବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଥିବା ବେଳେ ଏହାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେ ଚିତା ଜଳିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଅତ୍ୟାଚାର, ଅପରାଧ ସାମ୍ନାକୁ ଆସୁଥିବା ବେଳେ ଆତ୍ମାହୁତି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି ହୃଦୟବିଦାରକ, ସମ୍ବେଦନଶୀଳ ଘଟଣା ରୋକିବାରେ ▶ପୃଷ୍ଠା-୭




## ଅହମଦାବାଦ ବିମାନ ଦୁର୍ଘଟଣା

# ୬୦ ପୀଡିତ ପରିବାର ଆମେରିକା କୋର୍ଟ ଯିବେ

ଅହମଦାବାଦ, ୭।୮(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ଯାତ୍ରୀଙ୍କ ୬୦ ପରିବାର ବୋଇଂ କମ୍ପାନୀ ବିରୋଧରେ କୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବିମାନର ନିର୍ମାତା କମ୍ପାନୀ ବୋଇଂ ବିରୋଧରେ ଆମେରିକା କୋର୍ଟରେ ମକଦ୍ଦମା କରିବାକୁ ପସ୍ତୁତି ଆରମ୍ଭ କରିଛନ୍ତି। ଏଥିପାଇଁ ସେମାନେ ଆମେରିକାର ଜଣାଶୁଣା ଓକିଲ ତଥା ଆଇନ ବିଶେଷଜ୍ଞ ମାଇକ ଆଣ୍ଡ୍ରୁ୍ୟଜ୍‌ଙ୍କୁ ନିୟୋଜିତ କରିଛନ୍ତି। ଦୁର୍ଘଟଣା ଯାଞ୍ଚ ନେଇ ଏହି ପୀଡିତ ପରିବାରଗୁଡିକ ପ୍ରଶ୍ନ ଉଠାଇଛନ୍ତୀ। ବିମାନ କକ୍‌ପିଟ୍‌ର ଭଏସ ରେକର୍ଡର ଓ ଫ୍ଲାଇଟ୍ ଡାଟା ରେକର୍ଡର ତଥ୍ୟ ଦେବାକୁ ପୀଡିତ ପରିବାରଗୁଡିକ ଦାବି କରିଛନ୍ତି। ଏହାଦ୍ୱାରା ସ୍ୱାଧୀନ ଭାବେ ସ୍ୱତନ୍ତ୍ର ଯାଞ୍ଚ କରିହେବ ବୋଲି ପରିବାର ତରଫରୁ କୁହାଯାଇଛି। ଆଣ୍ଡ୍ରୁ୍ୟଜ ଗୁରୁତର ଭାବେ ଆହତ ଓ ମୃତ୍ୟୁବରଣ କରିଥିବା ମାମଲାରେ ବିଶେଷଜ୍ଞ ଭାବେ ଜଣାଶୁଣା। ଏହାପୂର୍ବରୁ ସେ କେତୋଟି ଟ୍ରକ୍ ଓ କାର ନିର୍ମାତା କମ୍ପାନୀ ବିରୋଧରେ କେସ ଲଢି ସାରିଛନ୍ତି। ଉଲ୍ଲେଖଥାଉକି ଜୁନ୍ ୧୨ରେ ଅହରାହ୍ନ ୧.୩୮ ରେ ଅହମଦାବାଦ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବାର କିଛି ସେକେଣ୍ଡ ପରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବିମାନ ଯାତ୍ରୀ, କ୍ରୁ ମେମ୍ବରଙ୍କ ସମେତ ଏଥିରେ ମୋଟ୍ ୨୭୦ଜଣ ମୃତ୍ୟୁବରଣ କରିଥିଲେ। ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ଏଥିରେ ମୃତ୍ୟୁବରଣ କରିଥିଲେ।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ପନ୍ନୁର ହତ୍ୟା ଧମକ

ଅମୃତସର, ୭।୮(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ହତ୍ୟା ଧମକ ମିଳିଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କୀ ସଂଗଠନ 'ଶିଖ ଫର ଜଷ୍ଟିସ୍' (ଏସ୍‌ଏଫ୍‌ଜେ) ମୁଖ୍ୟ ଗୁରପତବନ୍ତ ସିଂହ ପନ୍ନୁ ଏହି ହତ୍ୟା ଧମକ ଦେଇଛି। ଏ ନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ଜାରି କରିଛି। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଗବନ୍ତ ମାନ ନିଶାଣରେ ରହିବେ ବୋଲି ସେ ଧମକ ଦେଇଛି। ସ୍ୱାଧୀନତା ଦିବସରେ ଭଗବନ୍ତ ତ୍ରିରଙ୍ଗା ଉଡାଇବାକୁ ଆମେ ବିରୋଧ କରୁଛୁ ବୋଲି ସେ ଭିଡିଓରେ କହିଛି। ସେ ଲ୍ୟାଣ୍ଡ ପୁଲିଂ ପଲିସିକୁ ନେଇ ଲୋକଙ୍କୁ ଉସ୍‌କାଇବାକୁ ମଧ୍ୟ ପ୍ରୟାସ କରିଛି। ସେହିପରି ସେ ଅମୃତସର ବସଷ୍ଟାଣ୍ଡ ନିକଟସ୍ଥ ମନ୍ଦିର, କୋର୍ଟ ପରିସର ଓ ଖାଲସା କଲେଜର ଦିଆଲିରେ 'ଖଲିସ୍ତାନୀ ଏସ୍‌ଏଫ୍‌ଜେ ରେଫରେଣ୍ଡମ ଓ ଭଗବନ୍ତ ମାନ ମୁର୍ଦ୍ଦାବାଦ'ର ସ୍ଲୋଗାନ ଲେଖାଇଛି ବୋଲି ସେ ଦାବି କରିଛି। ପନ୍ନୁ ଭାରତର ସ୍ୱାଧୀନତା ଦିବସକୁ ବିରୋଧ କରୁଛି। ତେଣୁ ସେ ଏହାକୁ ପାଳନ କରିବାକୁ ମଧ୍ୟ ଖୋଲାଖୋଲି ଭାବେ ବିରୋଧ କରୁଛି ବୋଲି ଭିଡିଓରେ କହିଛି।

## ପ୍ରୟାଗରାଜରେ ଏନ୍‌କାଉଣ୍ଟର; ଗ୍ୟାଙ୍ଗଷ୍ଟର ନିହତ

ଲକ୍ଷ୍ନୌ, ୭।୮(ଏଜେନ୍ସି): ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ସ୍ପେଶିଆଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଝାଡଖଣ୍ଡର କୁଖ୍ୟାତ ଗ୍ୟାଙ୍ଗଷ୍ଟର ଛୋଟୁ ଧନବାଦିଆ ଉର୍ଫ ଆଶିଷ ରଞ୍ଜନକୁ ଏନ୍‌କାଉଣ୍ଟର କରିଛି। ଆଶିଷ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସର୍ଭିଲାନ୍ସ ଜରିଆରେ ତା'ର ଠିକଣାକୁ ଠାବ କରାଯାଇଥିଲା। ସ୍ଥାନୀୟ ଶଙ୍କରଗଡ଼ ସ୍ଥିତ ଶିବରାଜ ଛକରେ ତାକୁ ଏସ୍‌ଟିଏଫ୍ ଘେରାଉ କରିଥିଲା। ସେ ବାଇକ୍‌ରେ ଯାଉଥିବା ବେଳେ ତା'ର ପିଛା କରାଯାଇଥିଲା। କିନ୍ତୁ କିଛି ବାଟ ଯାଇ ସେ ଏକେ-୪୭ରେ ଆଖିବୁଜା ଗୁଳି ଚଳାଇଥିଲା। ଏସ୍‌ଟିଏଫ୍‌ର ପାଲଟା ଗୁଳିରେ ସେ ଆହତ ହୋଇଥିଲା। ତାକୁ ହସ୍ପିଟାଲ ନିଆଯାଇଥିଲା କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ୧୦ ମିନିଟର ଏହି ଏନ୍‌କାଉଣ୍ଟରରେ ୪୬ ରାଉଣ୍ଡ ଫାୟାରିଂ ହୋଇଥିଲା। ତାଠାରୁ ଏକେ-୪୭ ଓ ୯ ଏମ୍‌ଏମ୍‌ର ଗୁଳି ଜବତ କରାଯାଇଛି।

## ଖାଇକୁ ଖସିଲା ସିଆରପିଏଫ୍ ଗାଡ଼ି: ୩ ଯବାନ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜମ୍ମି- କଶ୍ମୀରର ଉର୍ଦ୍ଧ୍ୱମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଗୁରୁବାର ସକାଳ ୧୦.୩୦ରେ ସିଆରପିଏଫ୍‌ର ଏକ ଗାଡ଼ି ୨୦୦ ଫୁଟ ଗଭୀର ଖାଇରେ ଖସିପଡ଼ିଛି। ଏହି ଦୁର୍ଘଟଣା ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ଥିତି ଗମ୍ଭୀର ରହିଛି ବୋଲି ସ୍ଥାନୀୟ ପ୍ରଶାସନ ତରଫରୁ କୁହାଯାଇଛି। ଯବାନମାନଙ୍କୁ ନେଇ ଏହି ଗାଡି ଆସୁଥିଲା। ତେବେ ନିୟନ୍ତ୍ରଣ ହରାଇ ଗାଡି ଖାଇକୁ ଖସିଥିଲା ବୋଲି ସିଆରପିଏଫ୍ ଅଧିକାରୀମାନେ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଥାଉ କି, ପୂର୍ବରୁ ଜୁଲାଇ ୧୬ରେ ଲଦାଖରେ ଏକ ମିନି ବସ ଖାଇରେ ଖସି ପଡ଼ିବା ଫଳରେ ୨ ଜଣଙ୍କ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଥିଲେ।

## ୫ ସାଥୀଙ୍କୁ ଗୁଳି ମାରିଲେ ଯବାନ

ୱାସିଂଟନ, ୭।୮(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟର ଫର୍ଟ ଷ୍ଟିୱାର୍ଟସ୍ଥିତ ସେନା କ୍ୟାମ୍ପରେ ଜଣେ ସୈନିକ ନିଜ ପର୍ସନାଲ ହ୍ୟାଣ୍ଡଗନ୍‌ରେ ନିଜର ସାଥି ସୈନିକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିମାଡ କରିଥିଲେ। ଆକ୍ରମଣକାରୀ ସୈନିକଙ୍କ ନାମ କ୍ୱୋରୋନେଲିଅସ ରାଡଫର୍ଡ ବୋଲି ଜଣାଯାଇଛି। ଏହି ଘଟଣାରେ ୫ ଜଣ ସୈନିକ ଆହତ ହୋଇଛନ୍ତି। ଆଟଲାଣ୍ଟର ଦକ୍ଷିଣପୂର୍ବ ଦିଗରେ ଫର୍ଟ ଷ୍ଟିୱାର୍ଟ ୩୮୬ କିମି ଦୂରରେ ଅବସ୍ଥିତ। ଭାରତୀୟ ସମୟ ଅନୁସାରେ ବୁଧବାର ରାତି ୮.୨୬ରେ ଏହି ଘଟଣା ଘଟିଥିଲା। ଆକ୍ରମଣ କରିବା ମାତ୍ରେ ହିଁ ରାଡଫର୍ଡଙ୍କୁ ଅନ୍ୟ ସୈନିକମାନେ କାବୁ କରି ନେଇଥିଲେ। ଆହତ ସୈନିକଙ୍କୁ କମ୍ୟୁନିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନିର୍ବାଚନ କମିସନଙ୍କ ବିରୋଧରେ ରାହୁଲଙ୍କ 'ଭୋଟ ଚୋରି' ଅଭିଯୋଗ

# କର୍ଣ୍ଣାଟକରେ ଭୟଙ୍କର ଜାଲିଆତି

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜାଲ ଭୋଟର, ଜାଲ ଠିକଣା, ଜାଲ୍ ଫଟୋ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର। ନିର୍ବାଚନ କମିସନ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ବିଜେପିକୁ ଜିତାଇବା ଲାଗି କମିସନ ବଡ଼ ଧରଣର ଜାଲିଆତି କରିଛନ୍ତି। କର୍ଣ୍ଣାଟକରେ ଏକ ଲୋକସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷ ଭୋଟ୍ ଚୋରି କରାଯାଇଛି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ଜିତାଇବା ଲାଗି ଭୋଟର ତାଲିକାରେ ହଜାର ହଜାର ଜାଲ ଭୋଟରଙ୍କୁ ସାମିଲ କରାଯାଇଛି। କର୍ଣ୍ଣାଟକର କେନ୍ଦ୍ରୀୟ ବାଙ୍ଗାଲୋର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ୬ ଲକ୍ଷ ୫୦ ହଜାର ଭୋଟର ଥିବା ବେଳେ ଏକ ଲକ୍ଷରୁ ଅଧିକ ଭୋଟ୍ ଜାଲିଆତି ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ଏହି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଗଣତି ବେଳେ ପ୍ରାୟ ସବୁସ୍ଥାନରେ ଆଗୁଆ ଥିବା ବେଳେ ଫଳାଫଳ ଘୋଷଣା ବେଳେ ବିଜେପି ପ୍ରାର୍ଥୀଙ୍କୁ ୩୨ ହାର ୭୦୭ ଭୋଟରେ ବିଜୟୀ ଘୋଷଣା କରାଗଲା। କଂଗ୍ରେସ ପ୍ରାର୍ଥୀ ୬,୨୬,୨୦୮ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୬,୫୮,୯୧୫ ଭୋଟ୍ ପାଇଥିଲେ। ଏହାର ରହସ୍ୟ ଜାଣିବା ଲାଗି କଂଗ୍ରେସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ଅନୁସନ୍ଧାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଏହି ଲୋକସଭା ଆସନର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ବେଳେ ମହାଦେବପୁରା ବିଧାନସଭା ଆସନରେ ବହୁତ ପଛରେ ରହିଥିଲେ। ଏହି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୧ ଲକ୍ଷ ୧୪ ହଜାର ଭୋଟରେ ହାରିଯାଇଥିଲେ। ରାହୁଲ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଭୋଟ ଜାଲିଆତି



### ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷ ଭୋଟରଙ୍କୁ ନେଇ ଉଠାଇଲେ ପ୍ରଶ୍ନ

### ଅଭିଯୋଗକୁ ଖଣ୍ଡନ କଲେ ନିର୍ବାଚନ କମିସନ

### ସତ୍ୟପାଠ ଜରିଆରେ ତଥ୍ୟ ପ୍ରମାଣ ଦିଅ

ହୋଇଛି। ଏଠାରେ ୧୧ ହଜାର ୯୬୫ ଡୁପ୍ଲିକେଟ୍ ଭୋଟର ଅଛନ୍ତି। ୪୦ ହଜାର ୯ ଜଣ ଏମିତି ଭୋଟର ଅଛନ୍ତି, ଯାହାର ଠିକଣା ଠିକ୍ ନାହିଁ। ଗୋଟିଏ ଗୋଟିଏ ଠିକଣାରେ ୧୦ ହଜାର ୪୫୨ ଭୋଟରଙ୍କର ନାମ ରହିଛି। ପୁଣି ୪୧୩୨ ଏମିତି ଭୋଟର ରହିଛନ୍ତି ଯେଉଁମାନଙ୍କର ଫଟୋ ଇନ୍‌ଭାଲିଡ୍ ରହିଛି। ଏହାସହିତ ଫର୍ମ-୬ର ଅପବ୍ୟବହାର କରାଯାଇ ୩୩ ହଜାର ୬୯୨ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି। ନୂଆ ଭୋଟରମମାନଙ୍କ ମଧ୍ୟରେ ଅଧିକାଂଶ ବ୍ୟକ୍ତି ହେଉଛନ୍ତି ବୟସ୍କ।

ରାହୁଲ କହିଲେ ଯେ ତାଙ୍କ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କୁ ଏସଂପର୍କରେ ତଥ୍ୟ ମଗାଯାଇଥିଲା। କିନ୍ତୁ କମିସନ ଭୋଟର ତାଲିକା ଇଲେକଟ୍ରୋନିକ ଫର୍ମାଟରେ ନଦେଇ କାଗଜରେ ଦେଇଛନ୍ତି। ଏହି କାଗଜ ତାଲିକାର ଉଚ୍ଚତା ହେଉଛି ୭ ଫୁଟ୍। ଇଲେକଟ୍ରୋନିକ ଫର୍ମାଟରେ ଦେଇଥିଲେ ଜାଲିଆତି ୩୦ ସେକଣ୍ଡରେ ଧରାପଡ଼ି ଯାଇଥାନ୍ତା। କିନ୍ତୁ ବିଭ୍ରାନ୍ତ କରିବା ଲାଗି କାଗଜ ଫର୍ମାଟରେ ଦିଆଯାଇଛି। କାଗଜ ତଥ୍ୟରେ ଜାଲିଆତି ଧରିବା ଏକ କଷ୍ଟସାଧ୍ୟ ବ୍ୟାପାର। ଭୋଟର ତଥ୍ୟ ଯାଞ୍ଚ କରାଇନଦେବା ଲାଗି ରାଜନୈତିକ ଦଳଙ୍କୁ ଏଭଳି କାଗଜରେ ତଥ୍ୟ ଦେଉଛନ୍ତି କମିସନ। ତଥାପି ଏହି କାଗଜ ତଥ୍ୟକୁ ନେଇ ଯାଞ୍ଚ କରିବା ଲାଗି କଂଗ୍ରେସ ଟିମ୍‌କୁ ୬ ମାସ ଲାଗିଗଲା ବୋଲି ରାହୁଲ କହିଛନ୍ତି।

୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା। ବିଜେପି (୨୪୦) ନିଜ ଦମରେ ସରକାର ଗଠନ କରିପାରି ନଥିଲା। ସରକାର ପାଇଁ ଅନ୍ୟ ଦଳଙ୍କର ସହାୟତା ।।ନେଇଥିଲା। କିନ୍ତୁ ଏହାପରେ ହରିଆଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିକୁ ଅପ୍ରତ୍ୟାଶିତ ସଫଳତା ମିଳିଥିଲା। ଏହା କେବଳ ରାଜନୈତିକ ଦଳଙ୍କୁ ନୁହେଁ, ଏକଜିଟ୍ ପୋଲ୍ ସଂସ୍ଥାମାନଙ୍କୁ ମଧ୍ୟ ବିସ୍ମିତ କରିଥିଲା। ଏହାକୁ ନେଇ ସନ୍ଦେହ ବଢ଼ିବାରୁ କଂଗ୍ରେସ ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଭୋଟର ତାଲିକାରେ ଜାଲ ଭୋଟରଙ୍କୁ ସାମିଲ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

ତେବେ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କମିସନ କହିଛନ୍ତି ଯେ କଂଗ୍ରେସ ନେତା ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରମାଣ ଦାଲଖ କରନ୍ତୁ। ସଂସ୍ଥା ବିରୋଧରେ ଦେଶବାସୀଙ୍କୁ ବିଭ୍ରାନ୍ତ ନକରିବା ଲାଗି କହିଛନ୍ତି।

## ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାସବଭନରୁ ନଗଦ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଆବେଦନକୁ ଆଜି ଖାରଜ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ମାମଲାରେ ଜଷ୍ଟିସ ବର୍ମା ତାଙ୍କ ବିରୋଧରେ କୋର୍ଟ ଯାଞ୍ଚ କମିଟି ଦେଇଥିବା ରିପୋର୍ଟକୁ ଚ୍ୟାଲେଞ୍ଜ କରି ପିଟିସନ ଦାୟର କରିଥି।।ଲେ। କିନ୍ତୁ ସ।।ର୍ବୋଚ୍ଚ ଅଦାଲତ ଏହି ପିଟିସନକୁ ଖାରଜ କରି।।ଦେଇଛନ୍ତି। ଫଳ।।ରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଚାଲୁ ରହିବ ବୋଲି ସ୍ପଷ୍ଟ ହୋଇଯାଇଛି।

ଜଷ୍ଟିସ ବର୍ମା ତାଙ୍କ ବାସଭବନରେ ଅଧାଜଳା ନଗଦ ଟଙ୍କା ଜବତ ମାମଲାରେ ଇନ୍ ହାଉସ୍ କମିଟିର ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଏହି ରିପୋର୍ଟରେ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି ଉଲ୍ଲେଖ କରାଯାଇଥିଲା। ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ ହେବା ପରେ ଏବେ ଦୁଇଟି ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମଟି ହେଲା ସେ ଇସ୍ତଫା ଦେବେ। ଯଦି ଏହା ହୁଏ, ତେବେ ସେ ମହାଭିଯୋଗକୁ ସାମ୍ନା କରିବାରୁ ବର୍ତ୍ତିଯିବେ ଓ ଅବସରପ୍ରାପ୍ତ ବିଚାରପତି ଭାବେ ସେ ପେନ୍‌ସନ ପାଇବେ। କିନ୍ତୁ ଯଦି ମହାଭିଯୋଗ ଜରିଆରେ ତାଙ୍କୁ ପଦରୁ ହଟା ଯାଏ ତେବେ ସେ ପେନସନ ସହିତ ଅନ୍ୟସବୁ ସୁବିଧାରୁ ବଞ୍ଚିତ ହେବେ। କିନ୍ତୁ ସେ ଇସ୍ତଫା ଦେବେ ନାହିଁ ବୋଲି ବହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

ସେପଟେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦର ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଚଳିତ ଅଧିବେଶନରେ ଲୋକସଭାର ୧୫୨ ସାଂସଦ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ।

## ଉତ୍ତରାଖଣ୍ଡ ବିପତ୍ତି: ୧୭୪ ଉଦ୍ଧାର, ୫୯ ନିଖୋଜ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୂପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଗୁଜରାଟର ୧୩୧ ଓ ମହାରାଷ୍ଟ୍ରର ୧୨୩ ସାମିଲ ରହିଛନ୍ତି। ଏମାନେ ଗଙ୍ଗୋତ୍ରୀ ଓ ଅନ୍ୟ ଅଞ୍ଚଳରେ ଫସି ରହିଥିଲେ। ସେହିପରି ୯ ଯବାନ ଓ ୫୦ ନାଗରିକ ସମେତ ୫୯ ଜଣ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି। ଭାରତୀୟସେନାରଚିନୁକହେଲିକପ୍ଟରକୁଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଛି। ଏୟାର ଲିଫ୍ଟିଂ ପାଇଁ ଅର୍ଦ୍ଧସୈନିକ ବଳର ଯବାନମାନଙ୍କୁ ଓ ଏକାଧିକ ମେଡିକାଲ ଟିମ୍‌ଗୁଡିକୁ ନିୟୋଜିତ କରାଯାଇଛି। ରୁଷିଆ ନିର୍ମିତ ଏମ୍‌ଆଇ-୧୭ ହେଲିକପ୍ଟରକୁ ମଧ୍ୟ ବ୍ୟବହାର କରାଯାଉଛି। ଆଇଟିବିପି ଏହି ହେଲିକପ୍ଟର ସଞ୍ଚାଳନ କରୁଛି। ଗୁରୁବାର ସକାଳ ୧୦ଟା ସୁଦ୍ଧା ପ୍ରଭାବିତ ଅଞ୍ଚଳଗୁଡିକରୁ ୬୧ ଜଣ ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଣଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ହସ୍ପିଟାଲକୁ ହଲିକପ୍ଟର ମାଧ୍ୟମରେ ନିଆଯାଇଥିଲା। ଭୂସ୍ଖଳନ ଯୋଗୁଁ ଜିଲ୍ଲାର ବିଭିନ୍ନ ମୁଖ୍ୟ ସଡକ ବନ୍ଦ ହୋଇଛି। ବୁଧବାର ଧରାଲୀରୁ ୧୯୦ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମାତିଲ ହେଲିପ୍ୟାଡ୍ ବୁଲି ଦେଖିଛନ୍ତି ଓ ଏୟାରଲିଫ୍ଟ ହୋଇଥିବା ଲୋକଙ୍କୁ ଭେଟିଛନ୍ତି। ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସାହଯ୍ୟ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ପାର୍ବତ୍ୟାଞ୍ଚଳରେ ମାଟି କିମ୍ବା କାଦୁଅ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଚାଲୁ ରହିଛି। କେତେକାଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ସକ୍ଷମ ହୋଇନାହାନ୍ତି। ହର୍ଶୀଲ ଉପତ୍ୟାକାକୁ ମଧ୍ୟ ଯିବା ସମ୍ଭବ ହୋଇପାରିନାହିଁ। ୧୦୦ମି ଲମ୍ବ ଲୁହା ନିର୍ମିତ ପୋଲ ଭୁଶୁଡିବା ଫଳରେ ଏହି ସ୍ଥାନ ଏପର୍ଯ୍ୟନ୍ତ ଅପହଞ୍ଚ ରହିଛି।

## ୟୁପିରେ ୩୬୦ ଘର ଭୁଶୁଡିଛି, ୨ ଦିନରେ ୧୬ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶିମଲା ଜିଲ୍ଲାରେ ବୁଧବାର ରାତି ୧୦.୧୫ରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ନାଗୋଲି ନଦୀରେ ଭୟଙ୍କର ବନ୍ୟା ଆସିଛି। ବୁଧବାର ମଣ୍ଡିର ଦବାଡାରେ ଚଣ୍ଡିଗଡ଼- ମାନାଲୀ ଫୋରଲେନ୍ ଫ୍ଲାଇଓଭରରେ ଭୂସ୍ଖଳନ କାରଣରୁ ଫାଟ ସୃଷ୍ଟି ହୋଇଛି। ଫଳରେ ମଣ୍ଡି- ମନାଲୀ, ଚଣ୍ଡିଗଡ଼- ସମ୍‌ଲା ଫୋରଲେନ୍ ସମେତ ୫୩୩ ସଡକ ବନ୍ଦ ହୋଇଛି। ସେପଟେ ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ପ୍ରାୟସବୁ ନଦୀରେ ବନ୍ୟା ଆସିଛି। ପ୍ରୟାଗରାଜ, ବାରଣାସୀ ସମେତ ୨୪ ଜିଲ୍ଲାରେ ୧, ୨୪୫ ଗାଁ ବନ୍ୟା ଘେରରେ ରହିଛି। ବର୍ଷା କାରଣରୁ ୟୁପିରେ ୩୬୦ ଘର ଭୁଶୁଡିଛି। ଗତ ଦୁଇଦିନରେ ହୋଇଥିବା ବର୍ଷା ଯୋଗୁଁ ୧୬ ଲୋକଙ୍କ ମୃତ୍ୟୁ ହୋଇଛି। ବିହାରର ଗଙ୍ଗା ଓ ସୋନ ନଦୀରେ ମଧ୍ୟ ବନ୍ୟା ଆସିଛି। ବିହାର ଓ ଝାଡଖଣ୍ଡ ସମେତ ୧୨ଟି ରାଜ୍ୟରେ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ହିମାଚଳ ସମେତ ୧୧ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।


## ପୁଣି ଆମେରିକା ଯିବେ ପାକ୍ ସେନାମୁଖ୍ୟ ଅସିମ ମୁନୀର୍

କରାଚୀ, ୭।୮(ଏଜେନ୍ସି): ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନୀର ଚଳିତ ସପ୍ତାହ ପୁଣି ଆମେରିକା ଗସ୍ତରେ ଯିବେ। ସେ ସିଇଏନ୍‌ଟିସିଓଏମ୍ (ସେଣ୍ଟ୍ରାଲ କମାଣ୍ଡ)ର ନୂଆ ମୁଖ୍ୟଙ୍କ ନିଯୁକ୍ତି ସମାରୋହରେ ଯୋଗ ଦେବେ। ଦୁଇମାସ ମଧ୍ୟରେ ସେ ଦ୍ୱିତୀୟଥର ପାଇଁ ଆମେରିକା ଗସ୍ତ କରିବେ। ପୂର୍ବରୁ ସେ ଜୁନ୍ ୧୪ରେ ଆମେରିକା ଗସ୍ତରେ ଯାଇଥିଲେ। ସେ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦୁଇଘଣ୍ଟା ଲଞ୍ଚ୍ ମିଟିଂରେ ସାମିଲ ହୋଇଥିଲେ। ବନ୍ଦ କୋଠାରୀରେ ଏହି ବୈଠକ ବସିଥିଲା। ପ୍ରଥମଥର ପାଇଁ କୌଣସି ଆମେରିକାର ରାଷ୍ଟ୍ରପତି ସେତେବେଳେ ପାକିସ୍ତାନ ସେନାମୁଖ୍ୟଙ୍କ ସହ ବୈଠକରେ ମିଳିତ ହୋଇଥିଲେ। ମୁନୀର ସେତେବେଳେ ଭାରତ ସହିତ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ। କେବଳ ସେତିକି ନୁ।।ହେଁ, ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ସେ ପ୍ରସ୍ତାବ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ।

## ଆୟର୍ଲାଣ୍ଡରେ ଭାରତୀୟ ବାଳିକାକୁ ଚୁଟି ଟାଣି ଆକ୍ରମଣ

ଡବ୍ଲିନ୍, ୭।୮(ଏଜେନ୍ସି): ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ ପରେ ଏବେ ଆୟର୍ଲାଣ୍ଡରେ ମଧ୍ୟ ଭାରତୀୟ ନାଗରିକମାନେ ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହେଉଛନ୍ତି। ଏହି ୟୁରୋପୀୟ ଦେଶରେ ଜଣେ ୬ ବର୍ଷର ଭାରତୀୟ ନାବାଳିକା ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହୋଇଛନ୍ତି। ଏହି ଭାରତୀୟ ବାଳିକା ହେଉଛନ୍ତି ନିଆ ନବୀନ।। ନିଆଙ୍କ ପରିବାର କେରଳର କୋଟ୍ଟାୟାମରୁ ଯାଇ ଆୟର୍ଲାଣ୍ଡରେ ରହୁଛନ୍ତି। ଅୟର୍ଲାଣ୍ଡର ଦକ୍ଷିଣ ପୂର୍ବରେ ଥିବା ୱାଟରଫର୍ଡ ସିଟିରେ ନିଆ ତାଙ୍କ ଘର ବାହାରେ ଖେଳୁଥିଲେ। ଏତିକି ବେଳେ ୧୨ରୁ ୧୪ ବର୍ଷର କେତେଜଣ ପିଲା ଆସି ନିଆଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଅସନା ଓ ଭାରତ ଫେରିଯାଅ ବୋଲି କହିଥିଲେ। ସେମାନେ ନିଆଙ୍କ ମୁହଁକୁ ମୁଥ ମାରିଥିଲେ। ପୁଣି ପିଲାମାନେ ତାଙ୍କ ବେକକୁ ଧକ୍କା ମାରିବା ସହ ଚୁଟି ମଧ୍ୟ ଟାଣିଥିଲେ ଥିଲେ ବୋଲି ତାଙ୍କ ମା ଅନୁପା ଅଚୁଥାନ 'ଆଇରିଶ ମିରର'କୁ କହିଛନ୍ତି। ଜଣେ ନର୍ସ ଭାବେ ଅନୁପା ୮ ବର୍ଷ ହେବ ସ୍ୱାମୀଙ୍କ ସହ ଆୟର୍ଲାଣ୍ଡରେ ରହୁଛନ୍ତି। ନିକଟରେ ତାଙ୍କୁ ଆୟର୍ଲାଣ୍ଡର ନାଗରିକତା ମିଳିଛି। ଗତ ସୋମବାର ଏହି ଘଟଣା ଘଟିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା ବୋଲି ସେ କହିଛନ୍ତି। ଏହି ପିଲାମାନେ ଅନୁପାଙ୍କୁ ମଧ୍ୟ ପରିହାଶ କରିଥିଲେ। ଅବଶ୍ୟ ଆୟର୍ଲାଣ୍ଡରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି। ଏହି ଘଟଣା ପରେ ଡବ୍ଲିନସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛି।

## ବର୍ଷ ଶେଷରେ ଭାରତ ଆସିବେ ପୁତିନ



ନୂଆଦିଲ୍ଲୀ/ ମସ୍କୋ, ୭।୮(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବେ। ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ ଏହି ସୂଚନା ଦେଇଛନ୍ତି। ଡୋଭାଲ ଆଜି ରାଷ୍ଟ୍ରପତି ପୁତିନଙ୍କୁ ମଧ୍ୟ ଭେଟିଛନ୍ତି। ରୁଷ ସହିତ ସଂପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କ୍ଷୁବ୍ଧ ହୋଇ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲଦୁଥିବା ବେଳେ ପୁତିନଙ୍କ ଭାରତ ଗସ୍ତକାର୍ଯ୍ୟକ୍ରମ ଏବଂ ମସ୍କୋରେ ପୁତିନଙ୍କ ସହିତ ଡୋଭାଲଙ୍କ ସାକ୍ଷାତ ବିଶେଷ ଗୁରୁତ୍ୱ ବହନ କରୁଛି।


ଏହାପୂର୍ବରୁ ଡୋଭାଲ ଆଜି ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ଭେଟିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି।

ଅପରେସନ ସିନ୍ଦୂର ପରେ ଏହା ଡୋଭାଲଙ୍କର ପ୍ରଥମ ମସ୍କୋ ଗସ୍ତ। ପୁତିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ। ସେ ମାତ୍ର ୪ ଘଣ୍ଟା

### ପୁତିନଙ୍କୁ ଭେଟିଲେ ଡୋଭାଲ

ପାଇଁ ଭାରତ ଆସିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ଚୁକ୍ତି ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ଗତ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଥର ରୁଷିଆ ଗସ୍ତରେ ଯାଇଥିଲେ। ଭାରତ ରୁଷିଆର ଦ୍ୱିତୀୟ ସର୍ବାଧିକ ତୈଳ କ୍ରେତା ରହିଆସିଛି। ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ୦.୨ ପ୍ରତିଶତ ତୈଳ ଆମଦାନୀ କରୁଥିଲା। କିନ୍ତୁ ଏବେ ଏହା ବୃଦ୍ଧିପାଇଁ ୪୫ ପ୍ରତିଶତରେ ପହଞ୍ଚିଛି।

## ଖୁବ୍‌ଶୀଘ୍ର ଟ୍ରମ୍ପ-ପୁତିନ ସାକ୍ଷାତ



ମସ୍କୋ, ୭।୮(ଏଜେନ୍ସି): ଖୁବଶୀଘ୍ର ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ସାକ୍ଷାତ ହେବାକୁ ଯାଉଛି। ଏ ସଂକ୍ରାନ୍ତରେ ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ରେମଲିନର ଅଧିକାରୀମାନେ ଗୁରୁବାର ସୂଚନା ଦେଇଛନ୍ତି। ଏହି ବୈଠକ ଆସନ୍ତା ସପ୍ତାହରେ ବସିବ। ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଶେଷ କରିବାକୁ ରୁଷିଆକୁ ଟ୍ରମ୍ପ ଅଗଷ୍ଟ ୮ ସୁଦ୍ଧା ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି। ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି କୁହାଯାଇଛି। ତେବେ ଏହି ବୈଠକରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୋଗ ଦେବେ କି ନା ସେ ନେଇ କିଛି କୁହାଯାଇନାହିଁ। ଏହି ବୈଠକ କେଉଁଠାରେ ବସିବ ସେ ନେଇ ସହମତି ହୋଇ ସାରିଛି ଓ ଏ ନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ପୁତିନଙ୍କ ବୈଦେଶିକ ବିଭାଗର ପରାମର୍ଶ ଦାତା ୟୁରୀ ଓସାକୋଭ କହିଛନ୍ତି। ଚଳିତବର୍ଷ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମଥର ପାଇଁ ପୁତିନଙ୍କୁ ଭେଟିବେ। ୨୦୨୧ ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥର ପାଇଁ ଶିଖର ବୈଠକ ବସିବ। ସେତେବେଳର ରାଷ୍ଟ୍ରପତି ଜୋ ବାଇଡେନ ଓ ପୁତିନ ଜେନିଭାରେ ବୈଠକରେ ଏକାଠି ହୋଇଥିଲେ। ୟୁକେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ଦୃଷ୍ଟିକୋଣରୁ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରିବ।

# ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍

ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ । ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ; ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ । ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶବିଦେଶର ଫେସନ୍ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



■ ହସ୍ତତନ୍ତ କେବଳ ଜୀବିକା ନୁହେଁ; ଆମ ଜୀବନଶୈଳୀର ଅଭିନ୍ନ ଅଙ୍ଗ: ମାଧୁରୀ
■ ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

କାର୍ଯ୍ୟକ୍ରମରେ ମାଧୁରୀ ଦୀକ୍ଷିତ ଉପସ୍ଥିତ ରହି କହିଥିଲେ ଯେ ହସ୍ତତନ୍ତ କେବଳ ଜୀବିକା ନୁହେଁ; ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ । ଏହି ଅବସରରେ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତତନ୍ତ ଦିବସର ମାସ୍କଟ "ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଲଙ୍ଗା ନାବାଳିକାଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କୁ ଗିରଫ ଦାବି

# ବିଜେଡିର ହରତାଳ, ଜିଲ୍ଲାବାସୀଙ୍କ ପୂର୍ଣ୍ଣ ସମର୍ଥନ

ପୁରୀ,୭।୮ (ସମିସ): ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଅଭିଯୁକ୍ତଙ୍କୁ ଗିରଫ ଦାବି ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ପୁରୀ ଜିଲ୍ଲାରେ ହରତାଳ କରାଯାଇଛି । ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପୁରୀ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ଜିଲ୍ଲାବାସୀ । ପୁରୀରୁ ପିପିଲି, ବ୍ରହ୍ମଗିରିରୁ ଅସ୍ତରଙ୍ଗ ଜିଲ୍ଲାର ୧୧ଟି ବ୍ଲକ୍, ଗୋଟିଏ ପୌରସଂସ୍ଥା ଏବଂ ୩ଟି ଏନ୍‌ଏସିରେ ପୁରୀ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ସେମାନଙ୍କ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିବା ବେଳେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ବିଜେଡି ନେତା ଓ କର୍ମୀ ରାସ୍ତାରେ ବସି ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ ।

ରାଜ୍ୟରେ ନାରୀ ଓ ଛାତ୍ରୀ ନିର୍ଯାତନା ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି । ନିକଟରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କରିବା, ବଲଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା, କେନ୍ଦ୍ରାପଡ଼ାରେ ପୁଲିସକୁ ନ୍ୟାୟ ପାଇଁ ଗୁହାରି କରି ଜଣେ ଛାତ୍ରୀ ଆତ୍ମଦାହ କରିବା ଏମିତି ଅନେକ ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ । ଏହି ସମସ୍ତ ଘଟଣାର ନିରପେକ୍ଷ ଓ ଏକ ନ୍ୟାୟିକ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରିଥିଲେ ବିଜେଡି କର୍ମୀ ।



**ଗଡ଼ିଲାନି ଗାଡ଼ି, ଖୋଲିଲାନି ବ୍ୟାବସାୟିକ ପ୍ରତିଷ୍ଠାନ**

ଉଦ୍‌ବେଗର ବିଷୟ ହେଉଛି, ପୁରୀ ଜିଲ୍ଲା ବଲଙ୍ଗାରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିବା ଘଟଣା ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରି ନାହିଁ । ଦୀର୍ଘ ୧୫ଦିନ ମୃତ୍ୟୁ ସଂଗ୍ରାମ କରି ପୀଡ଼ିତା ହାରିଯାଇଥିଲେ ହେଁ ତାଙ୍କୁ ନ୍ୟାୟ ମିଳି ପାରିନାହିଁ । ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିବା ବେଳେ ଦୋଷୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି । ଓଡ଼ିଶାର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଦୁର୍ବଳ ତଦନ୍ତ ପ୍ରକ୍ରିୟା ଅପରାଧୀମାନଙ୍କୁ ଅଧିକ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛି ବୋଲି ହରତାଳକାରୀ ନାରାବାଜି ଦେଇଥିଲେ ।

ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଅଠରନଳାଠାରୁ ବାଇକ୍ ଶୋଭାଯାତ୍ରା ବାହାରିଥିଲା । ଏଥିରେ ଶହଶହ ଦଳୀୟ କର୍ମୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ମୋହନ ମାଝୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଶ୍ରୀ ଖୁଣ୍ଟିଆ କହିଥିଲେ, ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଯେଉଁ ୬ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା, ତାହାକୁ ପୁରୀବସୀ ଦୃଢ଼ ସମର୍ଥନ ଦେଇଛନ୍ତି । ରାଜ୍ୟରେ ମହିଳା, ଛାତ୍ର ଆଉ ସୁରକ୍ଷିତ ମନେ କରୁନାହାନ୍ତି । ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ଭଉଣୀ ଅଭିଯୋଗ ନେଇ ସ୍ଥାନୀୟ ବିଧାୟକ, ସାଂସଦଙ୍କ ପାଖକୁ ଗଲେ । ହେଲେ କେହି ନ ଶୁଣିବାକୁ ବାଧ ହୋଇ ସେ ଆତ୍ମହତ୍ୟା କଲେ । ବଲଙ୍ଗାରେ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ଉଠାଇ ନେଇ ନିଆଁ ଲଗାଇଦେଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୀଡ଼ିତାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଥିଲେ ସେ ସୁସ୍ଥ ହୋଇଆସୁଛନ୍ତି । ହେଲେ ହଠାତ୍ ଏମିତି କ'ଣ ହେଲା ସେ ଆଖି ବୁଜିଦେଲେ । ଏହି ଘଟଣାରେ ପୁଲିସର ତଦନ୍ତ ଦିଗହରା ହୋଇଛି । ବିଜେପି ସରକାର ଚାପରେ ପୁଲିସ ଚେପା ହୋଇଯାଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କୁ ଗିରଫ କରାଯାଉ । ନାରୀଙ୍କୁ ସୁରକ୍ଷା ଦେବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଗତକାଲି କେନ୍ଦ୍ରାପଡ଼ାରେ ଜଣେ ଭଉଣୀ ପୁଲିସଠାରୁ ନ୍ୟାୟ ନ ପାଇବା ଫଳରେ ବାଧ ହୋଇ ନିଜେ ଆତ୍ମାହୁତି କରିଛନ୍ତି । କିଛି ଦିନ ପୂର୍ବରୁ ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ରାଜ୍ୟରେ ପ୍ରତିଦିନ ମହିଳା ନିର୍ଯାତନା, ଦୁଷ୍କର୍ମ ବଢ଼ି ଚାଲିଛି । ନୈତିକତା ଦୃଷ୍ଟିରେ ମୋହନ ମାଝୀ ସରକାର ଇସ୍ତଫା ଦାବି କରିଥିଲେ ଶ୍ରୀ ଖୁଣ୍ଟିଆ ।

ସେହିପରି ପୁରୀ ବିଧାୟକ ସୁନୀଲ ମହାନ୍ତି କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ । ପ୍ରତିଦିନ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି । ଗୋପାଳପୁରରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି, ବଲଙ୍ଗାରେ ନାବାଳିକାଙ୍କୁ ଜାଳିଦେବା ପରେ ବୁଧବାର କେନ୍ଦ୍ରାପଡ଼ାରେ ନ୍ୟାୟ ନ ମିଳିବାରୁ ଜଣେ ଛାତ୍ରୀ ଆତ୍ମଦାହ କରିଛନ୍ତି । ନିଶା କାରବାର ବଢୁଛି, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ସାଧାରଣ ଲୋକେ ଆଜି ଭୟଭୀତ । ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ ନ ଥିବାରୁ ଅପରାଧୀମାନଙ୍କ ସାହସ ବଢୁଛି । ଏହାର ପ୍ରତିବାଦରେ ବିଜୁ ଜନତା ଦଳ ଜିଲ୍ଲାରେ ହରତାଳ କରିଥିଲା, ଏହାକୁ ଜନସାଧାରଣ ଦୃଢ଼ ସମର୍ଥନ ଜଣାଇଛନ୍ତି ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାନ୍ତି । ପୁରୀରେ ବିଜେଡି ନେତା ଦିବାକର ପାତ୍ର, ଶାନ୍ତିଲତା ପ୍ରଧାନ, ଗୌରହରି ପ୍ରଧାନ, ରବିଶଙ୍କର ପ୍ରତିହାରୀ ପ୍ରମୁଖ ହରତାଳରେ ସାମିଲ୍ ହୋଇଥିଲେ ।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ତଦନ୍ତରୁ ଅନ୍ତର ହେଲେ ଆଇଜି ସାଇନି

# ଶାସକ ଦଳକୁ ସମ୍ପୃକ୍ତି ଧରାପଡ଼ିବା ଭୟ: ବିଜେଡି

ଭୁବନେଶ୍ୱର,୭।୮ (ସମିସ): ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ଦାୟିତ୍ୱରେ ଥିବା ଆଇଜି ଏସ୍. ସାଇନି ହଠାତ୍ ଛୁଟିରେ ଯିବା ଓ ତାଙ୍କ ସ୍ଥାନରେ ଅନ୍ୟ ଏକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ସାଧାରଣରେ ସଂଶୟ ସୃଷ୍ଟି କରିଛି । ଏହାଦ୍ୱାରା ତଦନ୍ତ ବାଟବଣା ହେବା ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି । ଏବିଭିପିର ୨ ସଦସ୍ୟଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ସାଇନି ଦାୟିତ୍ୱରୁ ଅପସରି ଯିବାକୁ ସମଗ୍ର ରାଜ୍ୟବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏବିଭିପି ଓ ଶାସକ ଦଳର ସମ୍ପୃକ୍ତି ସାର୍ବଜନୀନ ହେବା ଭୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପ୍ରଥମରୁ ବାଲେଶ୍ୱର ପୁଲିସକୁ କ୍ଲିନ୍‌ଚିଟ୍ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ପରବର୍ତ୍ତୀ ସମୟରେ ଆଇଜି ଏସ୍. ସାଇନିଙ୍କୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ । ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏବିଭିପିର ସମ୍ପୃକ୍ତି ବାବଦରେ କ୍ରାଇମବ୍ରାଞ୍ଚ ଖୁଲାସା କରିବା ସହ ଏବିଭିପିର ୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା ।



**୨ ଏବିଭିପି ସଦସ୍ୟଙ୍କ ଗିରଫର ୨୪ ଘଣ୍ଟା ମଧ୍ୟରେ ଛୁଟିରେ ଗଲେ ଆଇଜି**

ଏହି ଗିରଫଦାରୀ ପରେ ଏବିଭିପି ଓ ବିଜେପିର କୁତ୍ସିତ ଚେହେରା ପଦାକୁ ଆସିଥିଲା । ଏଥିରେ ଆହୁରି କିଛି ଏବିଭିପି ସଦସ୍ୟ ଓ ବିଜେପିର ନେତାମାନଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିଲା । ତଦନ୍ତ ଆଗକୁ ବଢ଼ିଲେ ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ପଦାକୁ ଆସିବାର ଭୟ ଥିବାରୁ ଏସ୍. ସାଇନିଙ୍କୁ ତଦନ୍ତ ପ୍ରକ୍ରିୟାରୁ ଅନ୍ତର କରାଯାଇଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଥିଲେ ।

ବିଧାୟକ ଶ୍ରୀ ଦାସ କହିଥିଲେ ଯେ ବିରୋଧୀ ଦଳ ଏବଂ ଗଣମାଧ୍ୟମର ଚାପରେ ଘଟଣାର ୨୨ ଦିନ ପରେ ୨ ଜଣ ଏବିଭିପି କର୍ମକର୍ତ୍ତାଙ୍କୁ ୩ ତାରିଖ ରାତିରେ ଗିରଫ କରାଯାଇଥିଲା । ଏହାର ୨୪ ଘଣ୍ଟା ମଧ୍ୟରେ ଏସ୍. ସାଇନି ଛୁଟିରେ ଯାଇଥିଲେ । ଏହାପରେ ସ୍ପଷ୍ଟ ହୋଇଛି ଯେ ଘଟଣାରେ ବିଜେପିର ବଡ଼ ନେତାଙ୍କ ସମ୍ପୃକ୍ତି ଖୁଲାସା ହେବା ଆଶଙ୍କାରେ ସରକାର ଭୟଭୀତ ହୋଇ ଏଭଳି ଷଡ଼ଯନ୍ତ୍ର କରିଛନ୍ତି । ତେଣୁ ସୌମ୍ୟାଶ୍ରୀ ମୃତ୍ୟୁ ଭଳି ଗୋଟିଏ ସମ୍ବେଦନଶୀଳ ଘଟଣାରେ ଅଚାନକ ତଦନ୍ତ ଅଧିକାରୀଙ୍କୁ ଛୁଟିରେ ପଠାଇ ତାଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କେଉଁ ସ୍ୱାର୍ଥରେ କରାଯାଇଛି ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ କହିଥିଲେ ।

# ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୭।୮ (ସମିସ): ରାଜ୍ୟରେ ପ୍ରଚଳିତ ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ । ଓଡ଼ିଶା ଗୋ-ହତ୍ୟା ନିରୋଧ ଆଇନ ୧୯୬୦ରେ ଏହା ଉଲ୍ଲେଖ ଥିବା ବେଳେ ଏହି ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଗୋ ଜ୍ଞାନ ଫାଉଣ୍ଡେସନ୍ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ସେହିଭଳି ଓଡ଼ିଶା ଗୋହତ୍ୟା ନିରୋଧ ଆଇନ-୧୯୬୦ର ଧାରା ୩ ଅନୁସାରେ ସମ୍ପୂର୍ଣ୍ଣ ଗାଈ ହତ୍ୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଅନ୍ୟପଟରେ କେବଳ ଗୋରୁ ବା ବଳଦ ହତ୍ୟା ପାଇଁ ପ୍ରାଧିକୃତ ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଆଣିବା ପରେ ହିଁ ଅନୁମତି ମିଳିପାରିବ ବୋଲି ଉକ୍ତ ଆଇନରେ ବ୍ୟବସ୍ଥା ରହିଛି । ତେବେ କଟକ ସହରରେ ଗୋ-ହତ୍ୟା ପାଇଁ କୌଣସି ପ୍ରମାଣପତ୍ର ଜାରି ହୋଇନାହିଁ । ସେହିପରି ଏଥିପାଇଁ କୌଣସି ଅନୁମତି ଦିଆଯାଉନାହିଁ କିମ୍ବା ସରକାରଙ୍କ ପକ୍ଷରୁ କେହି ପ୍ରାଧିକୃତ ଅଧିକାରୀ ମଧ୍ୟ ନିଯୁକ୍ତ ହୋଇନଥିବା ନେଇ ପୂର୍ବରୁ କଟକ ମହାନଗର ନିଗମ ପ୍ରଶାସନ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା । ଆଜି ମାମଲାର ଶୁଣାଣି ବେଳେ ଏହି ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ମଧ୍ୟ ସ୍ପଷ୍ଟ ହୋଇନଥିଲା । ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ସେପ୍ଟେମ୍ବର୧କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି ।

ମାମଲାରୁ ପ୍ରକାଶ ଯେ ଓଡ଼ିଆ ବଜାର, ଜନତାଗଳି, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ଗୋ-ହତ୍ୟା ପାଇଁ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । କିନ୍ତୁ, ଏହି ନିର୍ଦ୍ଦେଶ ପାଳନ ହୋଇ ନଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଂଘନ ପୂର୍ବକ ଗୋହତ୍ୟା କରାଯାଇ ଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପୀୟୂଷ ପଣ୍ଡା ସହାୟତା କରୁଛନ୍ତି ।

# ଆଜି ଡିଜିପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୭।୮ (ସମିସ): ରାଜ୍ୟରେ ବଢୁଥିବା ମହିଳା ହିଂସା ଓ ନାରୀଙ୍କୁ ନ୍ୟାୟ ଦାବି କରି ଶୁକ୍ରବାର ସକାଳ ୧୦ଟାରେ କଟକ ଡିଜିପି ଅଫିସ ଘେରଉ କରିବାକୁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି । ଏନେଇ ଗୁରୁବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଗୋଟିଏ ମାସ ମଧ୍ୟରେ ରାଜ୍ୟରେ ଦୁଇ ଜଣ ଯୁବତୀ ଆତ୍ମାହୁତି କରିଛନ୍ତି ଏବଂ ଅନ୍ୟ ଜଣଙ୍କୁ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି । ପୁଲିସ ଏବଂ ସରକାର ପୂର୍ବରୁ ସାମାନ୍ୟ ପଦକ୍ଷେପ ନେଇଥିଲେ ଏଭଳି ହୃଦୟବିଦାରକ ଘଟଣା ଦେଖିବାକୁ ମିଳି ନ ଥା'ନ୍ତା । ସରକାର କିମ୍ବା ପ୍ରଶାସନ ଅଭିଯୁକ୍ତଙ୍କୁ କାଠଗଡ଼ାକୁ ଆଣିବାରେ କୌଣସି ତତ୍ପରତା ଦେଖାଉ ନାହାନ୍ତି । ତେଣୁ ଅପରାଧୀ ନିର୍ଭୟରେ ତାଙ୍କ ଅମାନୁଷିକ କାର୍ଯ୍ୟକଳାପ କରି ଚାଲିଛନ୍ତି । ପୁଲିସ ତଦନ୍ତ କରୁଛି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ମୁଖ୍ୟ ଅପରାଧୀମାନଙ୍କୁ ଧରିପାରୁନି । ପ୍ରକୃତରେ ପୁଲିସ ଅଭିଯୁକ୍ତଙ୍କୁ ଧରିପାରୁନି କି ଧରିବାକୁ ଚାହୁଁନି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି ।

ଅନ୍ୟପଟେ ନାରୀ ନିର୍ଯାତନା ଏବଂ ଏହାକୁ ନେଇ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ପୁଲିସ ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ମୁଖପାତ୍ର ଆଇନଜୀବୀ ନିଶିକାନ୍ତ ମିଶ୍ର କହିଛନ୍ତି । ଏମିତି କି ବଲଙ୍ଗା ପୀଡ଼ିତାଙ୍କ ମାଆ ଦେଇଥିବା ଏତଲା ଓ ବିଏନ୍‌ଏସ ଅନୁସାରେ ତଦନ୍ତ ନ କରି ସରକାର ଦେଇଥିବା ସଂଳାପ ଅନୁସାରେ ପୁଲିସ ତଦନ୍ତ କରୁଛି ବୋଲି ଶ୍ରୀ ମିଶ୍ର ସରକାରଙ୍କୁ ନିଶାଣ କରିଛନ୍ତି । ପୁଲିସ ବିଜେପି ଏବଂ ତାଙ୍କ ସରକାରକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସମସ୍ତ ନୀତି ନିୟମକୁ ଉଲଂଘନ କରି ତଦନ୍ତ କରୁଛି । ଏପରିକି ତଦନ୍ତ ଚାଲୁଥିବା ସମୟରେ ତଦନ୍ତର ସ୍ଥିତି ସମ୍ପର୍କରେ ଲୋକ ଲୋଚନରେ ପ୍ରକାଶ କରିବା ସୂଚନା ଅଧିକାର ପରିସରରୁ ବାହାରେ ରଖାଯାଇଥିବା ସ୍ଥଳେ ପୁଲିସର ସାମାଜିକ ଗଣମାଧ୍ୟମରେ ଏଭଳି ମନ୍ତବ୍ୟ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ ବୋଲି ମୁଖପାତ୍ର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।



# ହାଇୱା ଧକ୍କାରେ ବାପା-ଝିଅ ମୃତ

କୁଜଙ୍ଗ, ୭।୮ (ସମିସ): କୁଜଙ୍ଗରେ ଆଜି ଏକ ହୃଦୟବିଦାରକ ଘଟଣା ଘଟିଛି । ଏକ ହାଇୱା ଧକ୍କାରେ ବାପା-ଝିଅଙ୍କ ଜୀବନ ଯାଇଛି । ମୃତକଦ୍ୱୟ ହେଲେ, କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ଓ ତାଙ୍କ ଝିଅ ଲୋରି ବିଶ୍ୱାଳ । ଲୋରି ପାରାଦୀପସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ପାଠ ପଢ଼େ । ସ୍କୁଲ ଛୁଟି ପରେ ଆଜି ଉଭୟ ବାପ-ଝିଅ ଘରକୁ ଫେରୁଥିବା ବେଳେ କୋଠିଆସାହି ଗଡ଼ା ନିକଟରେ ଏକ ହାଇୱା ସେମାନଙ୍କୁ ଚାପି ଦେଇଥିଲା । ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା ।

**ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମଦାହ ଘଟଣା**

# ଗାଁ ମଶାଣିରେ ଜଳିଲା ସଂଗୀତାଙ୍କ ଜୁଇ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୭।୮ (ସମିସ): ପୁରୁଷବନ୍ଧୁ ଦ୍ୱାରା ଉତ୍ପୀଡ଼ନର ଶିକାର ହୋଇ ଆତ୍ମାହୁତି ଦେଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ କାଠିଆପଡ଼ା ଗ୍ରାମର ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ମୃତଦେହ ଆଜି କଟକ ବଡ଼ ମେଡିକାଲରେ ବ୍ୟବଚ୍ଛେଦ ହୋଇଛି । ଆଜି କଡା ସୁରକ୍ଷାବଳୟ ଭିତରେ

■ ଏସ୍‌ସିବିରେ ଶବ ବ୍ୟବଚ୍ଛେଦ; ଭିସେରା ନମୁନା ସଂଗ୍ରହ
■ ଥାନା ଏଏସ୍‌ଆଇଙ୍କୁ ହେଡ୍‌କ୍ୱାର୍ଟର୍ସ ବଦଳି
■ ବାପା-ମା' ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ
■ ପରିବାରଲୋକଙ୍କୁ ଭେଟିଲେ ବିଜେଡି, କଂଗ୍ରେସ, ବିଜେପି ଓ ବାମପନ୍ଥୀ ଦଳ

ସଙ୍ଗୀତାଙ୍କ ମୃତଦେହ କଟକ ବଡ ମେଡିକାଲ ଅଣାଯାଇଥିଲା । କେନ୍ଦ୍ରାପଡା ପୁଲିସର ଗୋଟିଏ ସେକ୍ସନ ଫୋର୍ସ ଏଠାରେ ନିୟୋଜିତ ହୋଇଥିଲେ । ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇଥିଲା । ବ୍ୟବଚ୍ଛେଦ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଏସପି କାର୍ଯ୍ୟାଳୟର ଜଣେ ଆଇଆଇସିଙ୍କ ନେତୃତ୍ୱରେ ମହିଳା ଏସଆଇ, ଜିଲ୍ଲା ସାଇଣ୍ଟିଫିକ ଅଫିସର ଓ ଜଣେ ଡାକ୍ତର ଉପସ୍ଥିତ ଥିଲେ । ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବା ଏସ୍‌ସିବି ମେଡିକାଲର ଏଫଏମଟି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅନ୍ୟପଟେ ପୀଡ଼ିତାଙ୍କ ଭିସେରା ନମୂନା ସଂଗ୍ରହ ହୋଇଥିବା ବେଳେ ଏହାକୁ



ଭୁବନେଶ୍ୱର ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବ୍ରୋଟୋରୀ ପଠାଯିବାକୁ ସ୍ଥିର ହୋଇଛି । ପରେ ଗାଁ ମଶାଣିରେ ଏକ ଶୋକାକୁଳ ପରିବେଶରେ ସଂଗୀତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି । ଅପରପକ୍ଷେ, ଆଜି ବିଜେଡି, କଂଗ୍ରେସ, ବିଜେପି ଓ ବାମପନ୍ଥୀ ଦଳର ପ୍ରତିନିଧିମାନେ କାଠିଆପଡ଼ା ଗ୍ରାମକୁ ଯାଇ ପୀଡ଼ିତାଙ୍କ ପରିବାରଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି ।

ସେହିପରି, ସଂଗୀତାଙ୍କ ମୃତ୍ୟୁ ଉପରକୁ ପରଦା ହଟାଇବା ପାଇଁ ପୁଲିସ ସମସ୍ତ ଦିଗକୁ ଛାନଭିନ୍ କରିଛି । ଗତକାଲି ପୁଲିସ ସଂଗୀତାଙ୍କ ପ୍ରେମିକ ଘର ଉପରେ ଚଢ଼ଉ କରିଥିଲେ ମଧ୍ୟ ସେ କୌଶଳକ୍ରମେ ଫେରାର୍ ହୋଇଯାଇଥିଲା । ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା ଦାୟିତ୍ୱରେ ଥିବା ଆଇଆଇସି ବନ୍ଦନା ପାତ୍ର କାଠିଆପଡ଼ା ଗ୍ରାମକୁ ଯାଇ ସଂଗୀତାଙ୍କ ବାପା-ମାଆଙ୍କୁ ପଚରାଉଚରା କରିବା ସହ ପଡ଼ୋଶୀ ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ କରିଛନ୍ତି । ସେହିପରି ଏହି ଘଟଣାରେ ଗ୍ରାମାଞ୍ଚଳ ଥାନା ଏଏସ୍‌ଆଇ ଶୈଳେନ୍ଦ୍ର ମୋହନ ପଲାଇଙ୍କୁ ହେଡ୍‌କ୍ୱାର୍ଟରକୁ ବଦଳି କରାଯାଇଛି । ଅପରପକ୍ଷେ, କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ପ୍ରାଥମିକ ତଦନ୍ତରେ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମସ୍ତ କଥା ଜଣାପଡ଼ିବ । ସବୁ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି । ପୁଲିସ ବିରୋଧରେ ଯେଉଁ ଅଭିଯୋଗ ହୋଇଛି, ତାହାକୁ ମଧ୍ୟ ଲିଖିତ ଭାବେ ପରିବାରଲୋକେ ଦେଇନାହାନ୍ତି । ଏବେ ତଦନ୍ତ ଚାଲିଛି ଓ ଏହା ଶେଷ ହେବା ପରେ କିଏ ଅପରାଧୀ, କିଏ ଆତ୍ମହତ୍ୟା ପାଇଁ ବାଧ କରିଛି ତାହା ଜଣାପଡ଼ିବ ବୋଲି କହିଛନ୍ତି ।

## ବେଗୁନିଆ ବିଜେପିରେ ଗୋଷ୍ଠୀକନ୍ଦଳ ଉଗ୍ର

# ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ

ଖୋର୍ଦ୍ଧା,୭।୮ (ସମିସ): ବେଳକୁ ବେଳ ବେଗୁନିଆ ବିଜେପିରେ କୁହୁଳୁଛି କନ୍ଦଳ ନିଆଁ । ବିଗତ ଦିନରେ ନିର୍ବାଚନମଣ୍ଡଳୀ ଭିତରେ ଛକାପଞ୍ଝା ଲାଗିଥିବା ବେଳେ ଗୁରୁବାର ଏହା ଉଗ୍ରରୂପ ନେଇଥିଲା । ଗୁରୁବାର ଚାଷୀଙ୍କ ଅଭିଯୋଗ ନେଇ ଖୋର୍ଦ୍ଧା ଡିଆର୍‌ସିଏସ୍ ଅଫିସ ଆସିଥିବା ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ । ଏଥିସହ ଶ୍ରୀ ବିଜୁଳିଙ୍କ ଫର୍ଚୁନର ଗାଡ଼ିକୁ ଭାଙ୍ଗିବା ସହ ତାଙ୍କ ସୁନାଚେନ୍ ଛଡ଼ାଇ ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ତେବେ କାଉନସିଲର୍ କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦିନ ଦିପହରରେ ରାସ୍ତା ଉପରେ ଗୁଣ୍ଡାଗିରି କରିଥିବା ବେଳେ ଆର୍‌ଡି ବଙ୍ଗଳାକୁ ସେମାନେ ଦୀର୍ଘ ଦିନ ଧରି ଆଡ୍ଡାସ୍ଥଳୀ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି । ଶ୍ରୀ ବିଜୁଳିଙ୍କ ଅଭିଯୋଗ ଉପରେ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁସାରେ, ଗୁରୁବାର ବେଗୁନିଆ ବ୍ଲକ୍ ଛତ୍ରପଡ଼ା ସେବା ସମବାୟ ସମିତିର ୪୦ରୁ ୫୦ଜଣ ଚାଷୀଙ୍କୁ ସାଙ୍ଗରେ ଧରି ଶ୍ରୀ ବିଜୁଳି ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସେଠାରେ ଚାଷୀଙ୍କ ହିତ ଦୃଷ୍ଟିରୁ ପଞ୍ଜୀକରଣ କାର୍ଯ୍ୟ ଛତ୍ରପଡ଼ା କଳିଙ୍ଗ କ୍ଲବ୍‌ଠାରେ ଶୁଭାରମ୍ଭ କରିବା ନିମନ୍ତେ ଆଲୋଚନା କରି କାର୍ଯ୍ୟାଳୟରୁ ବାହାରୁଥିଲେ । ଏହି ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଡାକବଙ୍ଗଳା ଭିତରୁ ଯୋଜନା ମୁତାବକ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅନୁଗତ ସାରୁଅ କାଠ ଖୁଣ୍ଟିଆର ବିଶ୍ୱଜିତ



ଭୁଜବଳ ତାଙ୍କୁ ବିଧାୟକଙ୍କ ସହ କଥା ହେବାକୁ ଫୋନ୍ ଲଗାଇ ଧରାଇଥିଲେ । ସେ ଫୋନ୍ ଧରିବାରେ ବିଧାୟକ ଶ୍ରୀ ଜଗଦେବ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବେଗୁନିଆରେ ବେଶୀ ରାଜନୀତି କରୁଛୁ ବୋଲି କହିଥିଲେ । ବେଗୁନିଆ ନ ମାଡ଼ିବାକୁ ପୂର୍ବରୁ ଧମକ ଦେଇଥିବା ବେଳେ କାହିଁକି ଗଲୁ ପ୍ରଶ୍ନ କରିବା ସହ ଜୀବନରେ ମାରିବାକୁ ପୂର୍ବରୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ମାତ୍ର ଶ୍ରୀ ବିଜୁଳି କିଛି ନ କହି ଫୋନ୍ କାଟିଦେବାରେ ସାନପଦର ଗ୍ରାମର ଅଂଶୁମାନ ପଟ୍ଟନାୟକ ତାଙ୍କ କଲର ଧରି ଆକ୍ରମଣ କରିଥିଲେ । ବେକରେ ଥିବା ୩୯ ଗ୍ରାମ୍ ଓଜନର ଏକ ସୁନାଚେନ୍‌କୁ ଛଡ଼ାଇ ନେଇ ବେଗୁନିଆ ଗଲେ ବୋମା ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା ।

ପାଖରେ ଥିବା ଖୋର୍ଦ୍ଧା ପୌର ପରିଷଦର କାଉନସିଲର କମଳ ପ୍ରଧାନ(ଅଖୁ) ଏବଂ ଡଙ୍ଗରପଡ଼ାର

■ ଖୋର୍ଦ୍ଧା ବିଧାୟକଙ୍କ ଅନୁଗତ ଭିଆଇଲେ କାଣ୍ଡ
■ ଭାଙ୍ଗିଲେ ଗାଡ଼ି, ଛଡ଼ାଇନେଲେ ସୁନାଚେନ୍
■ କାଉନ୍‌ସିଲର କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦେଖାଇଲେ ଗୁଣ୍ଡାରାଜ୍

ବିଶ୍ୱଦୀପ ପ୍ରଧାନଙ୍କ ସମେତ ୭ରୁ ୮ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଫର୍ଚୁନର ଗାଡ଼ି (ଓଡି.୦୨ଡିବି-୮୭୮୭)କୁ ଲୁହାରଡ୍, ଠେଙ୍ଗା ଓ ପଥରମାଡ଼ କରି ଭଙ୍ଗାରୁଜା କରିଥିଲେ । ଏଥିସହିତ ବେଗୁନିଆ ମାଟି ମାଡ଼ିଲେ ହତ୍ୟା ଧମକ ଦେଇ ଚାଲିଯାଇଥିବାବେଳେ ଶ୍ରୀ ବିଜୁଳିଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ନମ୍ବର ୩୩୩/୨୫ରେ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚଳାଇଛି ।

# ନାରୀ ନିର୍ଯାତନା ବିରୋଧରେ ବିଜେଡିର ୬ ଘଣ୍ଟିଆ ହରତାଳ

ବ୍ରହ୍ମଗିରି,୭।୮ (ସମିସ)




ଗୁରୁବାର ବ୍ରହ୍ମଗିରି ବିଜେଡି ତରଫରୁ ବଳଙ୍ଗା ପାଡ଼ିତାଙ୍କୁ ନ୍ୟାୟ ପାଇଁ ହରତାଳ କରାଯାଇଛି। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟା ପୁରୀ ବନ୍ଦ ରହିଥିଲା। ବ୍ରହ୍ମଗିରି ଜନସାଧାରଣ ଏହି ବନ୍ଦ ଡକରାକୁ ସମର୍ଥନ ଜଣାଇଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି ବନ୍ଦ ଡକରା ଦିଆଯାଇଥିଲା। ରାଜ୍ୟରେ ନାରୀ ଓ ଛାତ୍ରୀ ନିର୍ଯାତନା ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିକଟରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା, ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା, ବଳଙ୍ଗା ନାବାଳିକାକୁ ଜିଅନ୍ତା ଜାଳିଦେବା ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ। ଏଣୁ ସମସ୍ତ ଘଟଣାର ନିରପେକ୍ଷ ଓ ଏକ ନ୍ୟାୟିକ ତଦନ୍ତ କରାଯାଇ ପାଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶ୍ରୀ ଦାସବର୍ମା।

ଡବଲ ଇଞ୍ଜିନ୍ ବିଜେପି ସରକାର ୧୫ ମାସ ଭିତରେ ଶିକ୍ଷାଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଚରମ ବିଫଳତା ହାସଲ କରିଛି। ଓଡ଼ିଶାର ଚାଷୀକୁଳ ସରକାରୀ ବ୍ୟବସ୍ଥାରେ ଧାନ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଆଜି ବଡ଼ ସଙ୍କଟରେ। ମହିଳା ନିର୍ଯାତନା ଓ ଛାତ୍ରୀଙ୍କୁ ଦୁଷ୍କର୍ମ ଆଜି ରାଜ୍ୟର ନିତିଦିନିଆ ଘଟଣା ପାଲଟିଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓଡ଼ିଶାର ପରିଚୟକୁ ସର୍ବଭାରତୀୟ ସ୍ତରରେ ନିନ୍ଦିତ କରିଛି। ରାଜ୍ୟରେ ବିକାଶ ପ୍ରକ୍ରିୟା ସମ୍ପୂର୍ଣ୍ଣ ଠପ୍ ହୋଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ଗଢ଼ି ଉଠିଥିବା ବିଭିନ୍ନ ଭିତ୍ତିଭୂମି ଯଥା- ସ୍କୁଲ, କଲେଜ, ମେଡିକାଲ କଲେଜ, ନୂତନ ପାଣି ଟାଙ୍କି, ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ମୋହନ ସରକାର କେବଳ ରଙ୍ଗ ବଦଳେଇବାରେ ବ୍ୟସ୍ତ। ଆଗାମୀ ଦିନରେ ଓଡ଼ିଶାକୁ ଏକ ବିକଶିତ ଏବଂ ଆତ୍ମନିର୍ଭର କରି ଗଢ଼ିତୋଳିବାରେ ନୂତନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଦୀର୍ଘ ୧୫ ଦିନ ମୃତ୍ୟୁ ସହ ଲଢ଼େଇ କରି ଶେଷରେ ଆଖି ବୁଜିଦେଲେ ବଳଙ୍ଗା ପୀଡ଼ିତା। ହେଲେ ତାଙ୍କ ମୃତ୍ୟୁର କାରଣ ଉପରୁ ଏପର୍ଯ୍ୟନ୍ତ ପରଦା ହଟିପାରି ନାହିଁ। କେଉଁ ପରିସ୍ଥିତିରେ ତାଙ୍କ ଦେହରେ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। ତାଙ୍କ ବାପା କହିଥିଲେ ବାଇକରେ ତାଙ୍କୁ ଉଠାଇ ନେଇ ନିଆଁ ଲଗାଇ ଦେଇଛନ୍ତି। ସେହିପରି ଦିଲ୍ଲୀ ଏମ୍ସରେ ଡାକ୍ତର ଚିକିତ୍ସା ଚାଲିଥିବାବେଳେ ଗଣମାଧ୍ୟମରେ କୁହାଗଲା, ପାଡ଼ିତାଙ୍କ ଚିକିତ୍ସାରେ ସୁଧାର ଆସୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପାଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ କହିଥିଲେ, ପାଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି। ଖୁବ୍ଶୀଘ୍ର ସେ ଭଲ ହୋଇଯିବେ। କିନ୍ତୁ ହଠାତ୍ ପାଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇ ରହିଛି। ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାର ଜାଣିଶୁଣି ଦୋଷୀଙ୍କୁ ଚିହ୍ନଟ କରୁ ନ ଥିବା ନେଇ ଅଭିଯୋଗ କରିଛନ୍ତି। ପୁରୀ ହେଉଛି ଜଗନ୍ନାଥଙ୍କ ମାଟି। ଏଠି ସତ୍ୟର ଉତ୍ପାଦନ ହେଉ ଏବଂ ବଳଙ୍ଗା ପାଡ଼ିତାଙ୍କୁ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି ଶ୍ରୀ ଦାସବର୍ମା। ତେଣୁ ତାଙ୍କୁ ନ୍ୟାୟ ଦାବିରେ ଗୁରୁବାର ଜିଲ୍ଲା ବନ୍ଦ ଡକରା ଦିଆଯାଇଥିଲା। ଗୋଲୁଆଳ, ହଳଦିଆ, କାଠୁଆରେଡ଼ି, ପିଣ୍ଡୁ ହଲ, ଗୋପ ଛକ, ବସଷ୍ଟାଣ୍ଡ, ସୁନାମୁହିଁ ଛକ, ଖଡ଼ୁରିଆ ଛକ, ରାଏବିଧାର ଆଦି ଛକରେ ଦଳୀୟ କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ପଦ୍ମମାଳା ବେହେରା, ବ୍ଲକ୍ ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଭ୍ୟ ଜନ୍ମେଶ୍ୱର ସାହୁ, ବିଜେଡିର ବରିଷ୍ଠ ନେତା ଭଗବାନ ନାୟକ, କୃଷ୍ଣଚନ୍ଦ୍ର ରାଏ, ଯୁଧିଷ୍ଠିର ନାୟକ, ପ୍ରଫୁଲ୍ଲ ଜେନା, ଭାସ୍କର ଜେନା, ସୁର ପ୍ରସାଦ ମହାନ୍ତି, ଜୟନ୍ତ ମହାନ୍ତି, ବିଜୟ ଦଳାଇ, ନନ୍ଦ କିଶୋର ବିଶାଳ, ସର୍ବେଶ୍ୱର ପଲେଇ, କାଳୁ ମହାପାତ୍ର, ସନାତନ ଜେନା ଏବଂ ବିଜୁ ମହିଳା ନେତ୍ରୀ ପ୍ରତିମା ଜେନା, ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ଶକୁନ୍ତଳା ମିଶ୍ର ଓ ବିଜୁ ଯୁବ ଛାତ୍ର ସହିତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ନିମାପଡ଼ା



ବଳଙ୍ଗା ମୃତ ନାବାଳିକାଙ୍କ ପରିବାରକୁ ସଠିକ୍ ନ୍ୟାୟ ପ୍ରଦାନ ଦାବିରେ ଗୁରୁବାର ପୁରୀ ଜିଲ୍ଲାରେ ୬ ଘଣ୍ଟିଆ ହରତାଳ କରାଯାଇଛି। ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଆହ୍ୱାନ କ୍ରମେ ନିମାପଡ଼ା ବିଜେଡି ନେତା ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ନିମାପଡ଼ା ଦୋଳବେଦୀ ଛକ ନିକଟରେ ମୁଖ୍ୟ ରାସ୍ତା ଅବରୋଧ ସହ ହରତାଳ କରାଯାଇଛି। ବଳଙ୍ଗା ନାବାଳିକା କିଭଳି ପୋଡ଼ି ହୋଇ ପ୍ରାଣ ହରାଇଲେ ତାହାର ତଦନ୍ତ ବାଟବଣା ହେବା ସହ ତାଙ୍କୁ ସଠିକ୍ ନ୍ୟାୟ ମିଳିଲା ନାହିଁ। ଏହାର ପ୍ରତିବାଦରେ ଗୁରୁବାର ନିମାପଡ଼ା ଦୋଳବେଦୀ ଛକଠାରେ ନଗର ସଭାପତି ଦିଲ୍ଲୀପ କୁମାର ପାତ୍ର, ଯୁବ ସଂଗଠକ ମାନସ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଯୁବନେତା ବିଜୟ ପଟ୍ଟନାୟକ, ଗଙ୍ଗାଧର ବେହେରା, ପବିତ୍ର ମହାପାତ୍ର, ଚନ୍ଦ୍ରାମଣି ବରାଳ, ଭାଗ୍ୟଧର ଖଟୋଇ, ରଶ୍ମିରଞ୍ଜନ ପଣ୍ଡା, ତପନ ପ୍ରଧାନ, ଫକୀର ପରିଡ଼ା, ଗୁଡୁ ନାୟକ, ଯୁବ ଛାତ୍ର ବିଜେଡି କୁମାର ସୌମେନ ଦାଶଙ୍କ ସମେତ ହଜାର ହଜାର ଦଳୀୟ କର୍ମୀ ହରତାଳରେ ସାମିଲ ଥିଲେ। ବିଜେଡିର ଏହି ବନ୍ଦକୁ କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ରନାଥ ସାହୁ, ଦଣ୍ଡପାଣି ସାହୁ, ନବଘନ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ବେହେରା, ଶଙ୍କର ପରିଡ଼ା, ରବୀନ୍ଦ୍ର ପ୍ରଧାନ, ପରମୁ ବାଘ, କାଳନ୍ଦୀ ବେହେରା, ଚୈତାଳି ଦାସ, କୈଳାସ ପ୍ରଧାନ ପ୍ରମୁଖ ସମର୍ଥନ ଜଣାଇଛନ୍ତି। ନିମାପଡ଼ା ବିଜେଡି ନେତା ଶ୍ରୀ ନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ବଳଙ୍ଗାଠାରୁ ଖେଲାର ଓ ନିମାପଡ଼ା ମୁଖ୍ୟବଜାର ଦେଇ ଗୋପ ପର୍ଯ୍ୟନ୍ତ ଏକ ବିରାଟ ବାଇକ ଶୋଭାଯାତ୍ରା କରାଯାଇଥିଲା।

## ଚାରିଛକ



ଚାରିଛକ ମୁଖ୍ୟ ବଜାରରେ ବିଜୁ ଜନତା ଦଳ ପକ୍ଷରୁ ୬ ଘଣ୍ଟିଆ ହରତାଳ ସହ ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଆହ୍ୱାନରେ ନିମାପଡ଼ା ନେତା ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ ପୂର୍ବତନ ସମିତିସଭ୍ୟ ମହେନ୍ଦ୍ର କୁମାର ନାୟକ, ତପନ ପ୍ରଧାନ, ପ୍ରକାଶ ତ୍ରିପାଠୀ, ଲକ୍ଷ୍ମୀଧର ପ୍ରଧାନ, ମାନସ ପ୍ରଧାନ, ଦୁର୍ଲ୍ଲଭ ନାୟକ, ପଦ୍ମଲାଭ ବାରିକ, ନକୁଳ ମଲ୍ଲିକ, ଚକ୍ରଧର ସାହୁ, ବଳରାମ ନାୟକ, ପୂର୍ଣ୍ଣଚନ୍ଦ୍ର ଖଟୋଇ, ପ୍ରଦୀପ୍ତ ଦାସ, ଲକ୍ଷ୍ମୀଧର ସାହୁ, ଭଗବାନ ନାୟକ, ଦିଜବର ପ୍ରଧାନ, ବଟକୃଷ୍ଣ ରାଉତ, ଶ୍ୟାମସୁନ୍ଦର ସାହୁ, ଶ୍ରୀଧର ସାହୁ, ବ୍ରଜବନ୍ଧୁ ସାହୁ, ରଞ୍ଜନ ମଲ୍ଲ, କୈଳାସ ବେହେରା, ଲକ୍ଷ୍ମୀଧର ବେହେରା, ବଇଜ ବିଶ୍ୱାଳ, ବାବୁଲି ଦାସଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ମୁଖ୍ୟ ବଜାରରେ ହରତାଳ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଚାରିଛକ ଅଞ୍ଚଳର ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

## ପିପିଲି



ବଳଙ୍ଗାର ନାବାଳିକା ମୃତ୍ୟୁକୁ ନେଇ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ପୁରୀ ଜିଲ୍ଲା ବନ୍ଦ ଡକରା ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ଏନ୍ଏସି, ପୌରାଞ୍ଚଳଗୁଡ଼ିକ ଏହି ବନ୍ଦରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ପିପିଲିଠାରେ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ବିଜେଡି ଯୁବ ନେତା ସୁବ୍ରତ ଛାଟୋଇ ପ୍ରମୁଖ ଏଠାରେ ସାମିଲ ହୋଇଥିଲେ। ପିପିଲିର ପ୍ରମୁଖ ସ୍ଥାନ ଟୋଲ୍ଗେଟ୍, ପିପିଲି ଏନ୍ଏସିର ହାଟଛକ, ମଙ୍ଗଳପୁର ବଜାର ଓ ସାତଶଙ୍ଖଠାରେ ବିଜେଡି କର୍ମୀମାନେ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ପିପିଲି ଟୋଲ୍ଗେଟ୍ଠାରେ ପିପିଲି ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଧିରେନ୍ଦ୍ର ସାମନ୍ତରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପୂର୍ବତନ ସରପଞ୍ଚ ସୁକାନ୍ତ ପଣ୍ଡା, ବିରଜା ପ୍ରସାଦ ପଟ୍ଟନାୟକ, ପ୍ରକାଶ ଧଳ, ଛାତ୍ର ବିଜେଡି ସଭାପତି ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ରାସ୍ତାରେ ଟାୟାର ଜାଳି ଗାଡ଼ି ମୋଟର ଯାତାୟାତ ପୂରା ଠପ୍ କରି ୬ ଘଣ୍ଟିଆ ପୁରୀ ବନ୍ଦ ଡକରାକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିଥିଲେ। ସେହିପରି ପିପିଲି ଏନ୍ଏସିଠାରେ ଅଧ୍ୟକ୍ଷ ସେକ୍ ବାବୁ, ପୌରାଞ୍ଚଳ ସଭାପତି ଶରତ ବେହେରା, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, କାଉନ୍ସିଲର ଚନ୍ଦନ ସେଠୀ, ଲିଲିତା ପାତ୍ର, ମାନସୀ ବେହେରା, ସୁର ବେହେରା, କବିନ୍ଦ୍ର ବରାଳ, ଛାତ୍ର ସଭାପତି ଫଜଲ ଖାଁ ପ୍ରମୁଖ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଘଟଣାରେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ।

## ସାକ୍ଷୀଗୋପାଳ



ବଳଙ୍ଗା ନାବାଳିକାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ଡକରା ଦିଆଯାଇଥିବା ୬ ଘଣ୍ଟିଆ ପୁରୀ ଜିଲ୍ଲା ବନ୍ଦ ସତ୍ୟବାଦୀରେ ସଫଳ ହୋଇଛି। ସକାଳୁ ସାକ୍ଷୀଗୋପାଳ ମନ୍ଦିର ମୁଖ୍ୟ ରାସ୍ତାର ଷ୍ଟେଟ୍ ବ୍ୟାଙ୍କ ଛକରେ ଦଳର କର୍ମକର୍ତ୍ତାମାନେ ଟାୟାର ଜଳାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅପାରଗ ସରକାରଙ୍କ ଇସ୍ତଫା ଦାବିକରି ଆନ୍ଦୋଳନକାରୀମାନେ ନାରାବାଜି ଦେଇଥିଲେ। ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାକ୍ଷୀଗୋପାଳ ବଜାରରେ ଏକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ବ୍ଲକ୍ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ, ବ୍ଲକ୍ ଯୁବ ବିଜେଡି ସଭାପତି ଶରତ କୁମାର ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ପୂର୍ବତନ ଉପାଧ୍ୟକ୍ଷ ବିକ୍ରମ ଜେନା, ଆମ୍ରି ଅଧ୍ୟକ୍ଷ ମହମ୍ମଦ ଜିକରିଆ, ସରପଞ୍ଚ ଦୁଃଶାସନ ପ୍ରଧାନ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା କସ୍ତୁରୀ ସାହୁ, ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ, ସ୍ୱାଧୀନ ଜେନା, ସୁବାସ ପ୍ରଧାନ, ସୁବ୍ରତ ଛାଟୋଇ, ବିଜୟ ମହାପାତ୍ର, ଦେବଦତ୍ତ ସାମନ୍ତରାୟ, ସବୁଜ କେଶରୀ ମିଶ୍ର, ଦେବେନ୍ଦ୍ର ମହାପାତ୍ର, ହଟକିଶୋର ବାରିକ, ଆଶୁତୋଷ ପଣ୍ଡା, କାର୍ତ୍ତିକ ବାରିକ, ସମ୍ବିତ୍ ପ୍ରଧାନ, ବାଙ୍କୁ ସ୍ୱାଇଁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ବଳଙ୍ଗା



ବଳଙ୍ଗା ନାବାଳିକାଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଗୁରୁବାର ବିଜେଡିର ୬ ଘଣ୍ଟିଆ ବନ୍ଦ ଡକରା ସଫଳ ହୋଇଥିବା ଦେଖିବାକୁ ମିଳିଛି। ସକାଳ ୬ଟାରେ ବଳଙ୍ଗା ବଜାରରେ ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତା ରାସ୍ତାରୋକ କରିବା ସହିତ ଜୋର୍ଦାର୍ ଆନ୍ଦୋଳନ କରିଥିଲେ। ପରେ ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ପୁରୀରୁ ଏକ ଶୋଭଯାତ୍ରା ବଳଙ୍ଗା ବଜାରରେ ପହଞ୍ଚିଥିଲା। ସେଠାରୁ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଛକ ଛକରେ କାର୍ଯ୍ୟକର୍ତ୍ତାମାନେ ହରତାଳ କରିବା ସହିତ ଖେଲାର ବଜାର, ନିମାପଡ଼ା ଦେଇ ଗୋପ ନିକଟରେ ପହଞ୍ଚି ସେଠାରେ ବିଭିନ୍ନ ନାରା ଦେବା ସହିତ ବଳଙ୍ଗା ଘଟଣାର ରହସ୍ୟ ବାହାରକୁ ଆଣିବାକୁ ଦାବି କରାଯାଇଥିଲା। ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଦିଲ୍ଲୀପ ନାୟକ, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ମହାରଥୀ, ସୁବ୍ରତ ଛାଟୋଇ, ନାରୀ ନେତ୍ରୀ କସ୍ତୁରୀବାଳା ସ୍ୱାଇଁ, କୁଞ୍ଜଲତା ସାମଲ, ସମିତିସଭ୍ୟ ସୁନିଲ୍ ରଥ, ଗଙ୍ଗାଧର ଜେନା, ପ୍ରକାଶ ସାହୁ, ରଶ୍ମିରେଖା ଦାଶ, ସରପଞ୍ଚ ରାକେଶ ବାରିକ, ଦୀପକ ଦାଶ ପ୍ରମୁଖ ଏହି ଆନ୍ଦୋଳନରେ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗ



ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ପୁରୀ ଜିଲ୍ଲାରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡକରାର ପ୍ରଭାବ ଅସ୍ତରଙ୍ଗରେ ପଡ଼ିଛି। ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ବନ୍ଦ ମଧ୍ୟାହ୍ନ ୧୨ରେ ଶେଷ ହୋଇଥିଲା। ବଜାରକୁ ପ୍ରବେଶ ପୂର୍ବରୁ ଦୁଇଟି ସ୍ଥାନରେ ବାଉଁଶ ବାନ୍ଧି ବିଜେଡି କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ଅସ୍ତରଙ୍ଗ ବିଜେଡି ପକ୍ଷରୁ ବଜାରସ୍ଥିତ ନୂଆଗଡ଼ ଛକ ସମେତ ଅସ୍ତରଙ୍ଗ-କାକଟପୁର ଅଭିମୁଖେ ଥିବା ମୁଖ୍ୟ ରାସ୍ତାର କେନାଲ ଛକ ନିକଟରେ ରୁଣ୍ଡ ହୋଇ ରାସ୍ତା ଅବରୋଧ କରିଥିଲେ। ବିଭିନ୍ନ ଘଟଣାରେ ତୁରନ୍ତ ନ୍ୟାୟ ମିଳୁନଥିବା ଦର୍ଶାଇ ପୁଲିସର ଭୂମିକାକୁ ନେଇ ଅସ୍ତରଙ୍ଗ ଥାନା ପରିସରରେ କିଛି ସମୟ ପାଇଁ ବିଜେଡି କର୍ମୀମାନେ ଧାରଣାରେ ବସିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବରିଷ୍ଠ ବିଜେଡି ନେତା ପଞ୍ଚାନନ ସ୍ୱାଇଁ, ପ୍ରଫୁଲ୍ଲ ବେହେରା, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଯୁବନେତା ଚମ୍ପକ ବାରିକ୍, ପବିତ୍ର ସ୍ୱାଇଁ, ଦେବାଶିଷ ବାରିକଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, କର୍ମୀ ଓ ଅନ୍ୟମାନେ ସାମିଲ୍ ହୋଇଥିଲେ।

## କଣାସ




ବଳଙ୍ଗା ନାବାଳିକଙ୍କୁ ନ୍ୟାୟ ଦାବିରେ ବିଜୁ ଜନତା ଦଳ ପୁରୀ ଜିଲ୍ଲା ସଭାପତି ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଆହ୍ୱାନରେ ଗୁରୁବାର ଜିଲ୍ଲାର ସମସ୍ତ ବ୍ଲକ୍ରେ ସକାଳ ୬ରୁ ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା। କଣାସ ବ୍ଲକ୍ରେ ମଧ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ ହୋଇଥିଲା। କଣାସ ବ୍ଲକ୍ ବିଜେଡି ବରିଷ୍ଠ କର୍ମୀ ରାଜେଶ ହରିଚନ୍ଦନ, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ବଢ଼ାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, କାହ୍ନୁ ଜୟସିଂହ ପ୍ରମୁଖ ଶତାଧିକ ବିଜେଡି କର୍ମୀ ହାତରେ ବିଜେଡି ପତାକା ଧରି ଗୋଲାବଜାରରୁ ଏକ ଶୋଭାଯାତ୍ରାରେ ବାହାରି ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିକରି ସ୍ଲୋଗାନ୍ ଦେଇ କଣାସ ବସ୍ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ, ବ୍ଲକ୍ ବଜାର, ଜଙ୍କିଆ ବଜାର, ବିଜିପୁର ବଜାର ପରିକ୍ରମା କରି ଦୋକାନ ବଜାର ବନ୍ଦ ରଖିବା ପାଇଁ ଦୋକାନୀମାନଙ୍କୁ ନିବେଦନ କରିଥିଲେ। କଣାସରୁ କୌଣସି ଯାତ୍ରୀବାହୀ ବସ୍ ପୁରୀ, ଭୁବନେଶ୍ୱର, କଟକ ଯାଇନଥିଲା।

## ଗମ୍ଭାରୀପଦା




ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କାକଟପୁର ମୁଖ୍ୟରାସ୍ତାକୁ ମେଡିକାଲ ଛକ, କଲେଜ ଛକ, ବ୍ଲକ୍ ଛକଠାରେ ଅବରୋଧ କରି ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ସହିତ ତୁରନ୍ତ ଅପରାଧୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, କାକଟପୁର ସରପଞ୍ଚ ଅଭୟ ସେଠୀ, ହିମାଂଶୁ ଭୂଷଣ ଦୀକ୍ଷିତ, ଦୀପୁ ଦାଶ, ଶେଖ୍ ସର୍ଫରାଜ, ଦୀପୁ ଶତପଥୀ, ରଞ୍ଜିତ ନାୟକ, ମାନସ ଦୀକ୍ଷିତ, କାକଟପୁର ବ୍ଲକ୍ ବିଜେଡି ସମର୍ଥିତ ସରପଞ୍ଚମାନେ ଗ୍ରାମ ପଞ୍ଚାୟତସ୍ତରୀୟ ବିଜେଡିର ସଭାପତି ଓ କର୍ମୀମାନେ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ ୬ ଘଣ୍ଟିଆ ହରତାଳ କରିଥିଲେ।

## ନୟାହାଟ



ବଳଙ୍ଗା ନାବାଳିକା ମୃତ୍ୟୁ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ, ତାଙ୍କ ପରିବାର ବର୍ଗକୁ ୧ କୋଟି ଟଙ୍କା କ୍ଷତିପୂରଣ ଓ ପୁରୀ ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଘଟଣାକୁ ନେଇ ବିଜେଡି ପକ୍ଷରୁ ପୁରୀ ଜିଲ୍ଲା ବନ୍ଦ ଡକରା ଦିଆଯାଇଥିବାବେଳେ ଏହାର ପ୍ରଭାବ ନୟାହାଟ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ସକାଳ ୬ରୁ ଦିନ ୧୨ ଯାଏଁ ବଜାର ଦୋକାନ ବନ୍ଦ ଥିଲାବେଳେ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟାଲ ପ୍ରମୁଖ ବନ୍ଦ ରହିଥିଲା। ନୟାହାଟ ଫାଣ୍ଡି ପାଖରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ ବିଜେଡି କର୍ମୀ। ରାଜ୍ୟ ସରକାରଙ୍କ ଅପାରଗତା ସମ୍ବନ୍ଧରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ବଖାଣିଥିଲେ। ତାଙ୍କ ସହିତ ଧୂମାଳ ସଭାପତି ଦିଲ୍ଲୀପ ରାୟ, ବରିଷ୍ଠ ବିଜେଡି କର୍ମୀ ମହମ୍ମଦ ସମସୁଲ ଆର୍ଫିନ୍, ଯୁବ ନେତା ଅଭିମନ୍ୟୁ ସିଂହ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତି ରଞ୍ଜନ ଦଳାଇ, ନାଏବ ସରପଞ୍ଚ ଅଶୋକ ସାହୁ, ସହଦେବ ମାଣିକ ଓ ଜଙ୍ଗଲବୋରି ପଞ୍ଚାୟତର ବିଜେଡି ସଭାପତି କାହ୍ନୁ ଚରଣ ସାହୁ, କୈଳାସ ଚନ୍ଦ୍ର ସାହୁ, କାଶୀନାଥ ନାୟକ ପ୍ରମୁଖ ଶତାଧିକ କର୍ମୀ ରାସ୍ତାରୋକରେ ସାମିଲ୍ ହୋଇଥିଲେ। ସେହିପରି ଶୋରଭା ପଞ୍ଚାୟତ ବିଜେଡି ସଭାପତି ଜ୍ୟୋତି ରଞ୍ଜନ ନାୟକ, ତୁଷାର କୁମାର ସ୍ୱାଇଁ, ବିଜୟ ପରିଡ଼ା ପ୍ରମୁଖ ଟାୟାର ଜାଳି ଜହ୍ନିମାଳିଆ ଛକଠାରେ ରାସ୍ତା ଅବରୋଧ କରିଥିଲେ। ସେହିପରି ବାଉଲାଙ୍ଗ ପଞ୍ଚାୟତର ପଲ୍ଲୀ ଛକଠାରେ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଆଁର, ସନାତନ ସାହୁ, ସନ୍ତୋଷ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ଗୋପ

ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ବିଜେଡି ପକ୍ଷରୁ ଗୁରୁବାର ପୁରୀ ଜିଲ୍ଲାସାରା ହରତାଳ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୋପ ଅଞ୍ଚଳରେ ସକାଳ ୬ରୁ ମଧ୍ୟାହ୍ନ ୧୨ ଯାଏ ହରତାଳ କରାଯାଇଛି। ଫଳରେ ଦୋକାନ ବଜାର ସହ ଗାଡ଼ି ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ରାଜ୍ୟ ସରକାର ଜାଣିଶୁଣି ଅଭିଯୁକ୍ତଙ୍କୁ ଚିହ୍ନଟ କରୁ ନ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

# ବିଜେଡିରେ ମିଶିଲେ ୩୦ ବିଜେପି କର୍ମୀ



ସାକ୍ଷୀଗୋପାଳ,୭।୮ (ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଜୟପୁର ପଞ୍ଚାୟତର ୫ ନମ୍ବର ୱାର୍ଡ ସଭ୍ୟ ନାଗାର୍ଜୁନ ସେନାପତି ଗୁରୁବାର ନିଜର ପ୍ରାୟ ୩୦ ସମର୍ଥକଙ୍କ ସହିତ ଭାରତୀୟ ଜନତା ପାର୍ଟିକୁ ପରିତ୍ୟାଗକରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସୁବ୍ରତ ଛାଟୋଇ, ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ ଓ ଜୟପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉପସ୍ଥିତ ବିଜେଡି ନେତାମାନେ ଦଳୀୟ ଉତ୍ତରୀୟ ପ୍ରଦାନ କରି ୱାର୍ଡ ସଭ୍ୟ ଶ୍ରୀ ସେନାପତିଙ୍କ ସମେତ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବ ପରେ ସାକ୍ଷୀଗୋପାଳ ବଜାର ପରିକ୍ରମା କରାଯାଇଥିଲା।

# ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ବୈଠକ

ଗମ୍ଭାରୀପଦା,୭।୮ (ସମିସ): ପୁରୀ ଜିଲ୍ଲା କଂଗ୍ରେସ କମିଟି ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ଅତିଉର ରହମନଙ୍କ ନେତୃତ୍ୱରେ ବଳଙ୍ଗା ପୀଡ଼ିତାକୁ ନ୍ୟାୟ ଦାବିରେ ଏକ ମହମବତି ଶୋଭାଯାତ୍ରା କାକଟପୁର ସରକାରୀ ବସ୍ଷ୍ଟାଣ୍ଡ ପରିସରରୁ ବାହାରି ବଜାର ପରିକ୍ରମା କରି ଖୁଣ୍ଟିଆ ଟାୱାର ସଭାଗୃହରେ ସାମ୍ବାଦିକ ସମ୍ମିଳନୀର ଅୟୋଜନ କରିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ଜନାବ ଜିଆଉଲ ହକ୍, ପୁରୀ ଜିଲ୍ଲା କଂଗ୍ରେସ ଦଳର ସଂଯୋଜକ ରାଜେଶ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ଆଇନଜୀବୀ ପ୍ରଫୁଲ୍ଲ ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ହୃଷୀକେଶ ବେହେରା, ବିଚିତ୍ରାନନ୍ଦ ଦାଶ, ସୌମ୍ୟକାନ୍ତ ଖୁଣ୍ଟିଆ, ମିର୍ଜା ରଜବ ଅଲ୍ଲି, ଶେଖ୍ ହେମାୟତଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ବଳଙ୍ଗା ପୀଡ଼ିତାଙ୍କ ଆତ୍ମାର ସଦ୍ଗତି ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ରାଜ୍ୟ ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ପାଡ଼ିତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହିତ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ତୁରନ୍ତ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାନଗଲେ କଂଗ୍ରେସ ଦଳ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ ଜାରି ରଖିବ ବୋଲି ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ।



# ଶ୍ରୀକ୍ଷେତ୍ର ସିଟି

୭/୮/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୩୪,୫୨୮/-
ସୁନା: ୦୫.୩୦୦ ଗ୍ରାମ୍
ରୁପା: ୧୨.୬୦୦ ଗ୍ରାମ୍





## ବଲଙ୍ଗା ନାବାଳିକାଙ୍କୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ହରତାଳ





## ଜିଲ୍ଲା ସବ୍ ରେଜିଷ୍ଟ୍ରାର ଅଫିସ
# ଲାଞ୍ଚ ନ ଦେଲେ କାମ ହଉନି

ପୁରୀ,୭।୮ (ସମିସ)

ଲାଞ୍ଚ ନ ଦେଲେ କାମ ହେଉନି, ଯିଏ ହାତଗୁଞ୍ଜା ଦେଲା ତା' କାମ ହେଲା। ସେଠି ନିୟମ କି ବେନିୟମ ତାହା ବି ପରଖା ଯାଉନାହିଁ। ଆଉ ଯେଉଁମାନେ ଏଭଳି ଦୁର୍ନୀତିକୁ ସମର୍ଥନ ନ କରି ନିୟମକୁ ମାନି ସରକାରୀ ବ୍ୟବସ୍ଥାକୁ ଅପେକ୍ଷା କରୁଛନ୍ତି ସେମାନଙ୍କୁ ନିରାଶ ହେବାକୁ ପଡୁଛି। ସେମାନଙ୍କ କାମ ମାସ ମାସ ଧରି ହେଉନାହିଁ। ଗୋଟିଏପଟେ ରାଜ୍ୟ ସରକାର ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଛନ୍ତି। ଖୋଦ୍ ରାଜସ୍ୱ ମନ୍ତ୍ରୀ ତାଙ୍କ ବିଭାଗରେ ଦଲାଲି ଓ ବେନିୟମକୁ ପ୍ରଶ୍ରୟ ଦେବେ ନାହିଁ ବୋଲି ଗଣମାଧ୍ୟମରେ ଓଡ଼ିଶାବାସୀଙ୍କୁ ଭରସା ଦେବାଭଳି ମନ୍ତବ୍ୟ ଦେଉଛନ୍ତି। ମାତ୍ର ପୁରୀ ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଅଫିସରେ ଚାଲିଛି ବେଧଡ଼କ ବେନିୟମ କାର୍ଯ୍ୟ। ଏଠି ବେନିୟମ ବାଟରେ ଗଲେ ହିଁ କାମ ହେଉଛି ବୋଲି ଅଭିଯୋଗ ଆସିଛି।

ଅଭିଯୋଗକାରୀ କହିଛନ୍ତି, ଜିଲ୍ଲା ସବ୍ ରେଜିଷ୍ଟ୍ରାର ଅଫିସରେ ଲାଞ୍ଚ ନ ଦେଲେ କାମ ହେଉନି। କେତେଜଣ ମୋହରିରଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ନେଇ କେବଳ ସେହିମାନଙ୍କ କାର୍ଯ୍ୟ କରାଯାଉଥିବାବେଳେ ଅନ୍ୟମାନଙ୍କୁ ବିଭିନ୍ନ ଆଇନ କାନୁନ୍ ଦେଖାଇ ଦୀର୍ଘଦିନ ଧରି ଗୋଟିଏ କାମ ପାଇଁ ବାରମ୍ବାର ଦୌଡ଼ାଉଛନ୍ତି, ଯାହା ଫଳରେ ଜନଅସନ୍ତୋଷ ଦେଖାଦେଉଛି। ପରବର୍ତ୍ତୀ ସମୟରେ ସେହି ବେନିୟମ କାମଗୁଡ଼ିକୁ କାର୍ଯ୍ୟାଳୟରେ କିଛି ବାବୁମାନଙ୍କ ଜରିଆରେ ମୋଟା ଅଙ୍କର ଲାଞ୍ଚ ନେଇ ତାହାକୁ ନିୟମ କରିଦିଆଯାଉଛି। ଅର୍ଥାତ୍ ଅଟକା ଯାଉଥିବା କାମ ବି ହେଉଛି। କୌଣସି କାମ ପାଇଁ ପଚାରିଲେ କିରାଣିଙ୍କ ମାଧ୍ୟମରେ କରାଇବା ନିମନ୍ତେ କୁହାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ସମୁଦ୍ର କୂଳ ବେଳାଭୂମିରେ ଥିବା ସିପସରୁବାଲି ମୌଜା (ଖାତା ନଂ.୭୪) ଜମିର ୩/୪ ଏକର ଚକବନ୍ଦୀ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀ ଓ ଅମିନଙ୍କ ଦ୍ୱାରା ରେଜିଷ୍ଟ୍ରି ଦଲିଲ୍ ନ ଥାଇ ଜନୈକ ବ୍ୟକ୍ତିଙ୍କ ନାମରେ ରେକର୍ଡ କରାଯାଇଛି। ଏହି ଜମି କାରବାରରେ ମୋଟା ଅଙ୍କର ଲାଞ୍ଚ ନିଆଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ସପକ୍ଷରେ ରେଜିଷ୍ଟ୍ରି ହୋଇଛି। ସାଧାରଣ ଲୋକଙ୍କୁ ଭିଜିଟ୍ କରିବାକୁ ଅନୁମତି ଦେଉ ନ ଥିବା ବେଳେ ଯେଉଁମାନଙ୍କଠାରୁ ଅଧିକ ଟଙ୍କା ପାଉଛନ୍ତି କେବଳ ସେହିମାନଙ୍କର ଭିଜିଟ୍ ଦଲିଲ ରେଜିଷ୍ଟ୍ରି ହେଉଛି। ଏପରିକି ସମସ୍ତ ନିୟମ ପରିସର ଭିତରେ ଥିବା ରେଜିଷ୍ଟ୍ରି ଦଲିଲ୍‌ଗୁଡ଼ିକ ସର୍ବାଧିକ ତିନିଦିନ ମଧ୍ୟରେ ପ୍ରଦାନ କରିବା ନିମନ୍ତେ ନିୟମ ରହିଥିଲେ ମଧ୍ୟ ଦିନ ଦିନ ଧରି ଲୋକମାନେ ଦଲିଲ୍ ଫେରସ୍ତ ପାଇପାରୁନାହାନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଅଫିସରେ ଏଭଳି ଲାଞ୍ଚ କାରବାର ଏବଂ ବେନିୟମ କାର୍ଯ୍ୟ ଅଭିଯୋଗ ସଂକ୍ରାନ୍ତରେ ସବ୍‌ରେଜିଷ୍ଟ୍ରାର ତପନ ତରେଇଙ୍କୁ ପଚାରିବାରେ ସେମିତି କିଛି ହେଉନି। ଅଭଯୋଗ ଭିତ୍ତିହୀନ। ଯଦି ବି କେହି କିଛି ଅଭିଯୋଗ କରିଛନ୍ତି ସେ ବିଷୟରେ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ଏକ ବୈଠକ କରି କ'ଣ ହୋଇଛି ଦେଖିବି ବୋଲି କହିଥିଲେ।

## ମାରଣାସ୍ତ୍ର ଜବତ; ଅଭିଯୁକ୍ତ ଗିରଫ

ପୁରୀ,୭।୮ (ସମିସ): ପୁରୀ ସହରରେ ଉପରମୁହାଁ ହୋଇଛନ୍ତି ଅଭିଯୁକ୍ତ। ବିଶେଷକରି ଦାଦାବଟି ଆଦାୟକୁ ଅନେକ ସହଜ ଉପାୟ ଭାବିଛନ୍ତି। ଯେଉଁଥିପାଇଁ ଅଧିକାଂଶ ସମୟରେ ଦାଦାବଟି ଆଦାୟ ଅଭିଯୋଗ ଆସୁଛି। ଅସାମାଜିକ ଯୁବକଙ୍କୁ ସାବାଡ଼ କରିବା ଲାଗି ପୁଲିସ ପକ୍ଷରୁ ମଧ୍ୟ ଅଭିଯାନ ଚାଲିଛି। ଏହି କ୍ରମରେ ବୁଧବାର କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ତା'ଠାରୁ ୨ଟି ମାରଣାସ୍ତ୍ର ଜବତ କରିଛି। ଅଭିଯୁକ୍ତ ହେଲେ ଘୋଡ଼ାବଜାରର ଆଲୋକ ନାୟକ (୨୨)। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢ଼େ ୮ ଟା ସମୟରେ ପୁଲିସ ପାଟ୍ରୋଲିଂ କରୁଥିଲା। ଜଣେ ଅସାମାଜିକ ଯୁବକ ପାଖରେ ଦୁଇଟି ମାରଣାସ୍ତ୍ର ଥିବା ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ସଙ୍ଗେ ସଙ୍ଗେ ପୁଲିସ ସେଠାରେ ପହଞ୍ଚି ଆଲୋକଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଗୋଟିଏ ପିସ୍ତଲ ଏବଂ ଗୋଟିଏ ରିଭଲ୍‌ଭର ଜବତ ହୋଇଥିଲା। ଏ ନଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

## ବଜ୍ରପାତରେ ଚାଷୀ ମୃତ

କୁଣ୍ଢେଇ,୭।୮ (ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ଅବଦାନ ପଞ୍ଚାୟତ କନ୍ତିମଳା ଗ୍ରାମର ବାଇଧର ବଳ ନାମକ ଜଣେ ବ୍ୟକ୍ତି ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଘଟିବାରୁ ସେଥିରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ଚାରିଛକ,୭।୮ (ସମିସ): ଚାରିଛକ-କାକଟପୁର ମୁଖ୍ୟ ରାସ୍ତାର ସାହୁପୋଖରୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଚାରିଛକ ଥାନା ଅନ୍ତର୍ଗତ ଚୌରାଶୀ ଗ୍ରାମର ତ୍ରିଲୋଚନ ଦାଶ(୩୨) ଗୁରୁବାର ରାତି ସାଢ଼େ ୯ଟା ସମୟରେ ଚାରିଛକ ବଜାରରୁ ପରିବା ନେଇ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ସହିତ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ଚାରିଛକ ଥାନା ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ ପହଞ୍ଚି ଯୁବକଙ୍କ ବାଇକ୍‌ଟିକୁ ଜବତ କରିବା ସହିତ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ସିପିଆଇ, ସିପିଏମ୍ ପକ୍ଷରୁ ବିକ୍ଷୋଭ

ପୁରୀ,୭।୮ (ସମିସ): ବିଭିନ୍ନ ଦାବି ନେଇ ଗୁରୁବାର ସିପିଆଇ ଏବଂ ସିପିଏମ୍ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି ରାଜ୍ୟରେ ଆଇନ ଶୃଙ୍ଖଳା ରସାତଳଗାମୀ। ଆଇନ ବୋଲି କିଛି ନାହିଁ। ଅପରାଧୀମାନେ ଉପରମୁହାଁ ହୋଇଛି। ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ଘଟୁଛି। ରାଜ୍ୟରେ ନିରୀ ନିର୍ଯାତନା ବଢ଼ିଚାଲିଛି। ସେହିପରି ବହୁ ଚର୍ଚ୍ଚିତ ବଳଙ୍ଗା ନାବାଳିକା ପୋଡ଼ି ଘଟଣା ଉପରୁ ଏପର୍ଯ୍ୟନ୍ତ ରହସ୍ୟ ଉଠିପାରିନାହିଁ। ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ, ପୁଲିସ ତଦନ୍ତ ସନ୍ଦେହଜନକ ଥିବାରୁ ନ୍ୟାୟିକ ତଦନ୍ତ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରିଥିଲେ ସିପିଆଇ ଓ ସିପିଏମ୍। ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପ୍ରଦୀପ୍ତ ମହାନ୍ତି, ହରିହର ସେନାପତି, ଡ. ପ୍ରଫୁଲ୍ଲ ମହାପାତ୍ର, ଗୋପାଳ ପ୍ରଧାନ, ସିପିଏମ୍‌ର ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ସୁରେନ୍ଦ୍ର ଜେନା, ଶରତ ରାୟଗୁରୁ, ଶ୍ରୀକାନ୍ତ ପରିଜା, ବନବାସୀ ମହାପାତ୍ର ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।



## ଗଛ ଭାଙ୍ଗି ଛିଣ୍ଡିଗଲା ବିଦ୍ୟୁତ୍ ତାର

ଗୋପ,୭।୮ (ସମିସ): ଗୁରୁବାର ମଧ୍ୟାହ୍ନରେ ଗୋପ ଅଞ୍ଚଳରେ ପ୍ରବଳ ବର୍ଷା ପବନ ଓ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ ବଡ଼ ଗଛ ଭାଙ୍ଗି ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯିବା ସହ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଛି। ଗମନାଗମନରେ ବାଧାପ୍ରାପ୍ତ ହେବା ସହ ଲୋକମାନେ ବହୁ ହଇରାଣ ହରକତ ହୋଇଛନ୍ତି।



## ମହାପ୍ରଭୁଙ୍କୁ ଦର୍ଶନକଲେ ମୁଖ୍ୟମନ୍ତ୍ରୀ



ପୁରୀ,୭।୮ (ସମିସ): ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ସର୍କିଟ୍ ହାଉସ୍‌ରେ ପହଞ୍ଚିଥିଲେ। ତାଙ୍କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସ୍ୱାଗତ କରିଥିଲେ। ସେଠାରେ କିଛି ସମୟ ରହିବା ପରେ ଶ୍ରୀମନ୍ଦିରକୁ ଯାଇଥିଲେ। ତାଙ୍କୁ ସେବାୟତ, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ସ୍ୱାଗତ କରି ଭିତରକୁ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ଓ ତାଙ୍କ ପତ୍ନୀ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପିନାକ୍ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମନ୍ଦିରରୁ ଫେରିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା।

## ଶାନ୍ତିଶୃଙ୍ଖଳାରେ ଗଣେଶ ପୂଜା ପାଇଁ ଥାନା ପକ୍ଷରୁ ପ୍ରସ୍ତୁତି

ଚାରିଛକ,୭।୮ (ସମିସ)



ଚାରିଛକ ଥାନା ଅଞ୍ଚଳରେ ଚଳିତ ବର୍ଷ ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ସହ କରିବାକୁ ଚାରିଛକ ଥାନା ପକ୍ଷରୁ ସମସ୍ତ ପୂଜା ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉକ୍ତ ପ୍ରସ୍ତୁତି ବୈଠକରେ ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ଡ. କେଦାରନାଥ ସାହୁ, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ସୁଧାଂଶୁ ଭୂଷଣ ପ୍ରଧାନ, ରଶ୍ମି ରଞ୍ଜନ ଜେନା, ରମା ରମଣ ଦେବପାତ୍ର, ଭଗବାନ ମିଶ୍ର, ବିଶ୍ୱନାଥ ତ୍ରିପାଠୀ, ଦେବେନ୍ଦ୍ର ଦାଶ, ରମେଶ ଚନ୍ଦ୍ର ପଣ୍ଡା, ରଚିତ୍ରାନନ୍ଦ ଖଟୋଇ, ଅଭିମନ୍ୟୁ ପଣ୍ଡା, ଅରକ୍ଷିତ ଭୋଇ, ପ୍ରକାଶ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳ, କୈଳାଶ ଚନ୍ଦ୍ର କର, ଅଜୟ ପରିଡ଼ା, ପ୍ରଫୁଲ୍ଲ ପାତ୍ର, ବିଜୟ ପାତ୍ରଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗଣେଶ ଭସାଣ ସମୟରେ ଡିଜେ, ଆତସବାଜି ବନ୍ଦ ସହ ନିଶାଦ୍ରବ୍ୟ ସେବନକୁ ବାରଣ କରାଯାଇଛି। ଯେଉଁଠାରେ ଗଣେଶ ପୂଜା ଅନୁଷ୍ଠିତ ହେବ ସେହି ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ୧୦ ତାରିଖ ସୁଦ୍ଧା ଚାରିଛକ ଥାନାରେ ଲିଖିତ ଭାବେ ଜଣାଇବାକୁ କୁହାଯାଇଛି। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ଭସାଣ ଉତ୍ସବ ପାଳନ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

● ୧୨ରେ କୃମିନାଶକ ଔଷଧ ସେବନ

## ଜିଲ୍ଲାର ୩.୫୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଦିଆଯିବା ଲକ୍ଷ୍ୟ

ପୁରୀ,୭।୮ (ସମିସ): ଜାତୀୟ କୃମିନାଶକ ଦିବସ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୧୨ ତାରିଖରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ତଥା ସନ୍ତାନ ଜନ୍ମକ୍ଷମ ମହିଳା (୨୦ରୁ ୨୪ ବର୍ଷ) ମାନଙ୍କୁ ଜାତୀୟ କୃମିନାଶକ ଦିବସ ଅବସରରେ କୃମିନାଶକ ଔଷଧ ପ୍ରଦାନ କରାଯିବ। ଯେଉଁମାନେ ଅଗଷ୍ଟ ୧୨ରେ କୃମିନାଶକ ଔଷଧ ସେବନ କରି ନ ଥିବେ ସେମାନେ ଅଗଷ୍ଟ ୧୯ରେ ଔଷଧ ସେବନ କରିବେ। ଜିଲ୍ଲାରେ ମୋଟ ୨୨୦୫ ସରକାରୀ ବିଦ୍ୟାଳୟ, ୨୫୪ଟି ବେସରକାରୀ ବିଦ୍ୟାଳୟ ତଥା ୨୫୬୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ୍ ୩ ଲକ୍ଷ ୫୦ ହଜାର ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ।

### ସିବିଏସ୍‌ଇ ସଟ୍‌ପୁଟ୍ ପ୍ରତିଯୋଗିତା

## ପ୍ରଭୁଶ୍ରୀ ଛାତ୍ର ଅଜିତ୍‌ଙ୍କୁ ସ୍ୱର୍ଣ୍ଣ ପଦକ

ପୁରୀ,୭।୮ (ସମିସ): ଭୁବନେଶ୍ୱର କିଟ୍ ପରିସରରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର-୨




ଆଥ୍ଲେଟିକ୍ ମିଟ୍-୨୦୨୫ରେ ପୁରୀର ପ୍ରଭୁଶ୍ରୀ ଇଂଲିଶ୍ ମିଡିୟମ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ଅଜିତ୍ ଦାସ ସଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିବିଏସ୍‌ଇ କ୍ଲଷ୍ଟର ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଆଥ୍ଲେଟିକ୍‌ରେ ପୁରୀ ଜିଲ୍ଲାର ଜଣେ ଛାତ୍ର ପଦକ ଜିତିବା ନିଶ୍ଚିତ ଗର୍ବର ବିଷୟ। ସ୍କୁଲର ଅଧ୍ୟକ୍ଷ ଅଭିତ ମିଶ୍ର କଣ୍ଠ ଏହି ସଫଳତାକୁ ନେଇ କହିଛନ୍ତି 'ଅଜିତଙ୍କ ସଫଳତା ତାଙ୍କର ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ଏହା ସାରା ଜିଲ୍ଲା ପାଇଁ ଏକ ଗୌରବର ମୁହୂର୍ତ୍ତ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ଆଗାମୀ ଦିନରେ ସେ ଯେପରି ଅଧିକ ସଫଳତା ପାଇବେ ସେଥିଲାଗି ଅଧ୍ୟକ୍ଷ ଅଜିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ସ୍କୁଲର ପ୍ରିନ୍ସପାଲ୍ ଓ ଶିକ୍ଷକମାନେ ମଧ୍ୟ ଅଜିତଙ୍କ କଠିନ ପରିଶ୍ରମ, ଶୃଙ୍ଖଳାବଦ୍ଧ ଅଭ୍ୟାସକୁ ସ୍ୱୀକାର କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ସ୍ୱର୍ଣ୍ଣ ପଦକ କେବଳ ଏକ ବଡ଼ ସଫଳତା ନୁହେଁ, ଅନେକ ଉଦ୍ୟମୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କହିଛନ୍ତି।

## କାକଟପୁର ଥାନାର ନୂତନ ଆଇଆଇସି

କୁଣ୍ଢେଇ,୭।୮ (ସମିସ): କାକଟପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ବସନ୍ତ କୁମାର ସାହୁ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନା ମୁତାବକ, କାକଟପୁର ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ଅନ୍ୟତ୍ର ବଦଳି ପରେ ରାମଚଣ୍ଡୀ ଥାନାରେ କାର୍ଯ୍ୟରତ ବସନ୍ତ କୁମାର ସାହୁଙ୍କୁ କାକଟପୁର ଥାନାର ନୂତନ ଥାନା ଅଧିକାରୀ ଭାବେ ବଦଳି କରାଯାଇଥିଲା। ଲିଖିତ ନିର୍ଦ୍ଦେଶ ପାଇବା ପରେ ସେ କାକଟପୁର ଥାନାରେ ପହଞ୍ଚି ପୂର୍ବତନ ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କଠାରୁ ଆଇଆଇସି ଭାବେ ନିଜର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଭାବେ କାକଟପୁର ଥାନାରେ ଦାୟିତ୍ୱ ଗ୍ରହଣ କରିବା ପରେ ଥାନାର ସମସ୍ତ କର୍ମଚାରୀ ଓ କାକଟପୁର ପ୍ରେସ୍ କ୍ଲବ୍‌ର ସାମ୍ବାଦିକମାନେ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥା ସୁଦୃଢ଼ କରାଯିବା ସହ ସାଧାରଣ ଲୋକଙ୍କ ସୁରକ୍ଷା, ନିଶା ବେପାରୀ ଏବଂ କାକଟପୁର ଅଞ୍ଚଳରେ ଦିନକୁ ଦିନ ମଠ ମନ୍ଦିରରୁ ଚୋରି, ଡକାୟତି, ରାହାଜାନୀ ଓ ଲୁଟ୍ ଘଟଣା ତାଙ୍କ ପାଇଁ ଚ୍ୟାଲେଞ୍ଜ ରହିବ ବୋଲି ସେ ପ୍ରକାଶ କରିଛନ୍ତି।



# ଉପକଣ୍ଠ ରାସ୍ତା ମରଣଯନ୍ତା

## ଯାତାୟାତରେ ଅସୁବିଧା ଭୋଗୁଛନ୍ତି ସ୍କୁଲ ପିଲା

ପୁରୀ,୭।୮ (ସମିସ)



କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୫/୬ କିମି ମଧ୍ୟରେ ଥିବା ଅଞ୍ଚଳର ରାସ୍ତାଘାଟ ଅବସ୍ଥା ନ କହିଲେ ଭଲ। ବାରମ୍ବାର ଅଧିକାରୀଙ୍କ ନଜରକୁ ଆଣୁଛନ୍ତି ସ୍ଥାନୀୟ ଲୋକେ। ହେଲେ ସେମାନଙ୍କ କଥା ହେକି ଶୁଣୁନାହାନ୍ତି। ରାସ୍ତା ଅବସ୍ଥା ଏମିତି ଯେ, ଚାଲିକି ଯିବା ଅସମ୍ଭବ। ଏଭଳି ରାସ୍ତା ସମସ୍ୟା ଦେଖିବାକୁ ମିଳିଛି ପୁରୀ ସହର ଉପକଣ୍ଠ ବାଲିଗୁଆଳି ପଞ୍ଚାୟତରେ। ଯଥାଶୀଘ୍ର ଏହି ରାସ୍ତା ମରାମତି ନ ହେଲେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ପୁରୀ ସହରର ୩୦ ନମ୍ବର ୱାର୍ଡକୁ ଲାଗି ରହିଛି ବାଲିଗୁଆଳି ପଞ୍ଚାୟତ। ଏହି ପଞ୍ଚାୟତର ଏକ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୧୫୦୦ ଲୋକ ନିର୍ଭର କରୁଥିବା ଏହି ରାସ୍ତାର ଅବସ୍ଥା ବର୍ତ୍ତମାନ ଦୟନୀୟ ରହିଛି। ଯଦି ବଡ଼ ଅସରାଏ ବର୍ଷା ହୁଏ ତେବେ ଯିବାଆସିବା ଏକ ପ୍ରକାର ଅସମ୍ଭବ ହୋଇପଡ଼େ। ଏହି ରାସ୍ତା ପାଖରେ ବ୍ରହ୍ମଣ ପୋଖରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ପିଲାଙ୍କୁ ପାଠ ପଢ଼ିବାକୁ ଯିବା ଲାଗି ନାକେଦମ୍ ହେବାକୁ ପଡୁଛି। ଭଙ୍ଗା ଇଟା, ମାଟି ସାଙ୍ଗକୁ ଖାଲଖମା ଭର୍ତ୍ତି ଏହି ରାସ୍ତାରେ ପିଲା ଗଲାବେଳେ ପଡ଼ି ଆହତ ହୋଇଥା'ନ୍ତି। ମଧ୍ୟାହ୍ନ ଭୋଜନ ଗାଡ଼ି ଚାଳକ ଭୟରେ ଯିବାଆସିବା କରିଥା'ନ୍ତି। କେତେବେଳେ ଯେ ଗାଡ଼ି ଓଲଟି ନ ପଡ଼ିବ ତାହା କହିହେବ ନାହିଁ। ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ବିଡିଓଙ୍କୁ ଫେରାଦ ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରାସ୍ତା ଉପରେ ବହୁ ଲୋକ ନିର୍ଭର କରୁଛନ୍ତି। ଏହାର ଗୁରୁତ୍ୱ ବୁଝି ତୁରନ୍ତ ମରାମତି ହେବା ଦରକାର। ଯଦି ଏହା ଯଥାଶୀଘ୍ର କରା ନ ଯାଏ ତେବେ ଆମ୍ ଆଦ୍‌ମୀ ପାର୍ଟି ଆନ୍ଦୋଳନ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
TN.TPWODL/TP/O/SITC/2500001039 Date. 07.08.2025
TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :
**2 Year RC for SITC of 2 KVA UPS Along with Other Accessories.**
Interested bidders are to submit Tender Participation Fee and Authorization Letter through email on or before **18th August 2025, 18:00Hrs,** after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head-Contracts & Procurement

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

ସକାଳ
THE SAKALA

## ସଂସଦରେ 'ସାର୍'

ବିହାରରେ ଆସନ୍ନ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ ପାଇଁ ଜୁନ୍ ୨୫ ତାରିଖରୁ ଯେଉଁ ସ୍ୱତନ୍ତ୍ର ଅଭିଯାନ(ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍-ସାର) ଆରମ୍ଭ ହୋଇଥିଲା ତାହା ଗତ ଜୁଲାଇ ୨୫ ତାରିଖରେ ସମାପ୍ତ ହୋଇଛି। ସଂଶୋଧିତ ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି। ସମସ୍ତ ନକଲି, ଦ୍ୱୈତ ଓ ଭୂତ ଭୋଟରମାନଙ୍କୁ ବାଦ୍ ଦିଆଯାଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଅପରପକ୍ଷରେ ଅନେକ ବୈଧ ଭୋଟର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲୋଡ଼ା ଯାଇଥିବା ପର୍ଯ୍ୟାପ୍ତ ପ୍ରମାଣପତ୍ର ସୀମିତ ସମୟ ଭିତରେ ଦାଖଲ କରିପାରିନଥିବାରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ରିପୋର୍ଟ ତଲବ କରିଛନ୍ତି। ପ୍ରସଙ୍ଗର ଜଟିଳତା ଦୃଷ୍ଟିରୁ ଆଗାମୀ ଦିନରେ ଏହା ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

'ସାର'ର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହୋଇଛି ଦେଶର ସଂସଦ ଉପରେ। ମୌସୁମୀ ଅଧିବେଶନ ଆରମ୍ଭରୁ 'ସାର'କୁ ନେଇ ଉଭୟ ଗୃହରେ ହଙ୍ଗାମା ଲାଗି ରହିଥିବା ବେଳେ କେବଳ 'ଅପରେସନ୍ ସିନ୍ଦୂର' ବିତର୍କକୁ ବାଦ୍ ଦେଇ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରିନାହିଁ କି ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରୁଥିବା ବେଳେ ସରକାରୀ କଳ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ଅସ୍ୱାଭାବିକ ସ୍ଥିତିରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିନା ଆଲୋଚନା ଓ ବିତର୍କରେ ଉପସ୍ଥାପିତ ଓ ପାରିତ ହୋଇଯାଉଛି। ସଂସଦୀୟ ଗଣତନ୍ତ୍ରରେ ଏହା ଏକ ଅବାଞ୍ଛିତ ଅଧ୍ୟାୟ ସୃଷ୍ଟି କରିଛି।

ଆମେ ପୂର୍ବରୁ ମଧ୍ୟ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲୁ ଯେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ଭୋଟର ତାଲିକା ତ୍ରୁଟିଶୂନ୍ୟ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପାଇଁ ଯେଉଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା ତାହା ଯଥେଷ୍ଟ ନଥିଲା। ବିହାର ଭଳି ଏକ ଅବିକଶିତ ତଥା ଜନବହୁଳ ରାଜ୍ୟରେ ଦୁର୍ଗମ ଅଞ୍ଚଳର ଅପାଠୁଆ ଲୋକମାନେ 'ସାର'ରେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ ବୈଧ ଭୋଟରମାନେ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ହରାଇପାରନ୍ତି ବୋଲି ଆମେ ଆଶଙ୍କା କରିଥିଲୁ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ସେହି ଆଶଙ୍କା କେତେକାଂଶରେ ସତ ହୋଇଥିବା ଅଭିଯୋଗ ଆସୁଛି। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠରେ ଏହି ମାମଲା ବିଚାରାଧୀନ ଥିବାରୁ ଏବଂ ନିର୍ବାଚନ ଆୟୋଗ ଅଦାଲତରେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖିବାକୁ ଯାଉଥିବାରୁ ଆମେ ନିଜସ୍ୱ ମତ ଦେବା ଅନୁଚିତ ହେବ।

ସମ୍ପ୍ରତି 'ସାର'କୁ ନେଇ ସଂସଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଉପରେ କିଛିଟା ଆଲୋଚନା କରିବା। ସଂସଦ ସମ୍ପୂର୍ଣ୍ଣ ରୂପେ ନୀତି ନିର୍ଦ୍ଧାରକଙ୍କ ସ୍ୱାଧିକାର କ୍ଷେତ୍ର ହୋଇଥିବାରୁ ଆମେ ସେମାନଙ୍କୁ ଗୃହ ମଧ୍ୟସ୍ଥ କାର୍ଯ୍ୟଧାରା ଓ ଆଚରଣରେ ଉଚିତ/ଅନୁଚିତର ପାଠ ପଢ଼ାଇବା ଧୃଷ୍ଟତା ହେବ। କିନ୍ତୁ ସେମାନଙ୍କୁ ଯେଉଁ ଭୋଟରମାନେ ସେମାନଙ୍କ ପ୍ରତିନିଧି ଭାବେ ନୀତି ନିର୍ଦ୍ଧାରଣ ପାଇଁ ଭୋଟ ଦେଇ ସଂସଦକୁ ପଠାଇଛନ୍ତି ସେମାନଙ୍କ ପ୍ରତି ବା ସମ୍ପୃକ୍ତି ନିର୍ବାଚନ ମଣ୍ଡଳୀ ପ୍ରତି ଯେ କେତେକ ଉତ୍ତରଦାୟିତ୍ୱ ରହିଛି, ତାହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ସଂସଦୀୟ କାର୍ଯ୍ୟକ୍ରମ ବ୍ୟାହତ ହେଲେ କିମ୍ବା ଦୀର୍ଘସମୟ ଧରି ଅଚଳ ହେଲେ କିମ୍ବା ବାରମ୍ବାର ହଙ୍ଗାମା ହେଲେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକଙ୍କ ମନରେ କେତେକ ବିରୋଧାଭାସ ସୃଷ୍ଟି ହେବା ସ୍ୱାଭାବିକ।

ଜନତାଜନାର୍ଦ୍ଦନଙ୍କ ଦୃଷ୍ଟିକୋଣରୁ ଯେତେଦୂର ମନେ ହୁଏ ବିରୋଧୀ ଦଳର ନ୍ୟାଯ୍ୟ ଦାବିକୁ ଶାସକ ଦଳ ଯଦି ଉଦ୍ଦେଶ୍ୟମୂଳକ ଭାବେ ଏଡ଼ାଇ ଚାଲନ୍ତି ତେବେ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବ। ଅପରପକ୍ଷରେ ଯଦି କେବଳ ବିରୋଧ ଆଳରେ ହଙ୍ଗାମା ସୃଷ୍ଟି ଉଦ୍ୟମ ହୁଏ ତେବେ ସରକାରୀ ଦଳକୁ ଉତ୍ତରଦାୟୀ କରିବାର ସୁଯୋଗ ମଉଳି ଯିବ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ସରକାରୀ ଦଳରୁ ମିଳିପାରିବ ନାହିଁ। ଆଲୋଚନା ନ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକପାରିତ ହୋଇଯିବ। ସଂସଦ ଅଚଳ ହେଲେ ମଧ୍ୟ ଅମଲାତନ୍ତ୍ରକୁ ଆରାମ କରିବାର ସୁଯୋଗ ମିଳୁଛି ବୋଲି କେତେକ ନୀତିନିର୍ଦ୍ଧାରକଙ୍କ ମତ ମଧ୍ୟ ଗ୍ରହଣଯୋଗ୍ୟ। ଏହାଦ୍ୱାରା ରାଜକୋଷୀୟ ଅପଚୟ ମଧ୍ୟ ଚିନ୍ତାଜନକ।

ବିଧାନପାଳିକା ଅଚଳ ହେଲେ ଶାସକ ଓ ବିରୋଧୀ ତୁଳନାରେ ଗଣତନ୍ତ୍ର ହିଁ ଅଧିକ କ୍ଷତିଗ୍ରସ୍ତ ହୁଏ। ଜଣେ ଜଣେ ଜନପ୍ରତିନିଧି ଲକ୍ଷଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି। ବିଧାନପାଳିକା ହେଉଛି ଗଣତନ୍ତ୍ରକୁ ସଚଳ ଓ କାର୍ଯ୍ୟକ୍ଷମ କରୁଥିବା ଏକ କ୍ଷେତ୍ର। ଯଦି ତାହା ଅଚଳ ହୋଇଯାଏ ତେବେ ଗଣତାନ୍ତ୍ରିକ ବ୍ୟବସ୍ଥା ହିଁ ଅଚଳ ହୋଇପଡ଼ିବ ବୋଲି ଧରାଯିବ। ବିଧାନପାଳିକାରେ କେହି ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସମସ୍ତେ ଜନାଦେଶ ବଳରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଅଞ୍ଚଳକୁ ଦେଶର ଗଣତନ୍ତ୍ର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଦଳଗତ ଓ ଆଦର୍ଶଗତ ଦୃଷ୍ଟିରୁ ବିରୋଧାଭାସ ଥାଇପାରେ। କିନ୍ତୁ ତାହା ଆକ୍ରୋଶର ରୂପ ନେବା ଗଣତନ୍ତ୍ର ପାଇଁ ହିତକର ନୁହେଁ।

ଏବେ ସଂସଦ ଭିତରେ ଯାହା ଘଟୁଛି ତାହା ସାରାବିଶ୍ୱର ଲୋକ ଦେଖୁଛନ୍ତି। ସାମ୍ବାଦିକମାନେ କିଛି ଗଠନମୂଳକ ଆଲୋଚନାକୁ ଲିପିବଦ୍ଧ କରିବାକୁ ସକାଳୁ ରାତି ଯାଏଁ ଚାହିଁ ବସୁଛନ୍ତି। ଦେଶର ଯୁବପିଢ଼ି ନୀତି ନିର୍ଦ୍ଧାରକମାନଙ୍କଠାରୁ ପ୍ରେରଣାଦାୟୀ ବକ୍ତୃତା, ତର୍କ, ବିତର୍କ ଶୁଣିବା ପାଇଁ ଆଗ୍ରହୀ ହୋଇ ଚାହୁଁଛନ୍ତି। ଏଠାରେ ସଂସଦୀୟ ମନ୍ତ୍ରୀ କିରଣ ରିଜୁଙ୍କ ଏକ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ - 'ନକାରାତ୍ମକତା ପ୍ରଚାରସର୍ବସ୍ୱ ହୋଇପାରେ ଗଠନମୂଳକ କଦାପି ହୋଇପାରିବ ନାହିଁ।' ଏହା ସମସ୍ତ ନୀତି ନିର୍ଦ୍ଧାରକ ସ୍ମରଣକୁ ଆଣିବା ଉଚିତ।

ଆମେ ଏଠାରେ ଗଣତନ୍ତ୍ରର ଏକ ଦାୟିତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଲ୍ଲେଖ କରିବା ଉଚିତ ମଣୁଛୁ ଯେ ଦେଶର ଯେକୌଣସି ଅଞ୍ଚଳର ଯେଉଁ ସମସ୍ୟା ହେଉ ତାହା ସଂସଦରେ ଗୁରୁତ୍ୱ ପାଇବା ଦରକାର। ଠିକ୍ ସେହି ସମୟରେ 'ସାର' ଭଳି ଏକ ପ୍ରସଙ୍ଗରେ ଅବଶିଷ୍ଟ ଭାରତର ସମସ୍ୟା ଓ ପ୍ରସଙ୍ଗ ଯେ ଉପେକ୍ଷିତ ହେବା କଥା ନୁହେଁ। ଏ ଦିଗରେ ଉଭୟ ପକ୍ଷ ଧ୍ୟାନ ଦେବାକୁ ଆମର ସଂଭ୍ରମ ଅନୁରୋଧ।

## ଅଦୃଶ୍ୟ ଲେଖକର କଥା ଓ ବ୍ୟଥା

**ରାକେଶ ପଣ୍ଡା**

ଜଣେ ଲେଖକଙ୍କର ବିଭିନ୍ନ ପ୍ରକାରର ଲେଖା ପଢ଼ି ପାଠକ ଆନନ୍ଦ ଲାଭ କରିଥାଏ। ତା'ର ମନ ଓ ହୃଦୟକୁ ସ୍ପର୍ଶ କରୁଥିବା ଲେଖାଟିକୁ ନିକଟରେ ପାଇ ସେ ସ୍ୱାଭାବିକ ଭାବରେ ଆତ୍ମବିଭୋର ହୋଇପଡ଼େ। ଏଥିସହ ଉକ୍ତ ଲେଖାର ସୃଷ୍ଟି କର୍ତ୍ତା ବା ଲେଖକଟିକୁ ମଧ୍ୟ ସେ ହୃଦୟରୁ ଭଲପାଇ ବସେ। ଅନେକ ଶୁଭେଚ୍ଛା, ଶୁଭକାମନା ଓ ଆଶୀର୍ବାଦ ଅଜାଡ଼ି ଦିଏ। କିନ୍ତୁ ପାଠକର ଅଜାଣତରେ ବେଳେବେଳେ ଏମିତି ଘଟିଥାଏ ଯେ ଉକ୍ତ ଲେଖାଟିର ଲେଖକ ବୋଲାଉ ଥିବା ଅବା ପରିଚୟ ପାଇଥିବା ବ୍ୟକ୍ତି ଜଣଙ୍କ ତା'ର ପ୍ରକୃତ ସ୍ରଷ୍ଟା ହୋଇ ନଥା'ନ୍ତି! ଏହାଛଡ଼ା ଅନେକ ସମୟରେ ବଡ଼ ବଡ଼ ମଞ୍ଚ ଉପରେ ଏବଂ ଜନବହୁଳ ସାଧାରଣସଭାରେ ମଞ୍ଚାସୀନ ପ୍ରତିଷ୍ଠିତ ଅତିଥିବୃନ୍ଦ ସେଠାରେ ଉପସ୍ଥିତ ଜନତାଙ୍କୁ ପ୍ରଦାନ କରୁଥିବା ଭାଷଣ ମଧ୍ୟ ତାଙ୍କର ନିଜର ଲେଖା ବା ସୃଜନ ହୋଇ ନ ଥାଏ। ଯାହାକି ଜଣେ ଅଦୃଶ୍ୟ ତଥା ଅଜ୍ଞାତ ଲେଖକଙ୍କ ଦ୍ୱାରା ରଚନା କରାଯାଇଥାଏ। ଉକ୍ତ ବିଷୟବସ୍ତୁଟି ସାମାନ୍ୟ ବିତର୍କମୂଳକ ହେଲେ ମଧ୍ୟ ଏହା ଏକ ସଂବେଦନଶୀଳ ବାସ୍ତବତାକୁ ବହନ କରିଥାଏ।

ପୂର୍ବକାଳରେ ବିଶିଷ୍ଟ କବି/ଲେଖକମାନେ ପୃଷ୍ଠପୋଷକତା ଓ ଅନୁଗ୍ରହ ପାଇବା ପାଇଁ ନିଜ ରଚନାକୁ ରାଜାମହାରାଜାଙ୍କ ନାମରେ ଭଣିତା କରୁଥିଲେ, ଯାହା ସେମାନଙ୍କ ଗ୍ରନ୍ଥାବଳୀ ବା ସୃଜନକୃତିରେ ଦେଖିବାକୁ ମିଳେ। ଯୋଗୀ ଅରବିନ୍ଦ ମଧ୍ୟ ଯୁବାବସ୍ଥାରେ ଜନୈକ ରାଜାଙ୍କ ପାଇଁ ପ୍ରଚ୍ଛଦପଟ୍ଟ ଭାବେ ଲେଖୁଥିବା କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଏହି ଧାରା ଏବେ ମଧ୍ୟ ଜାରି ରହିଛି। ଦାରିଦ୍ର୍ୟ, ଅଭାବ ଓ ଅନାହାରରେ ଜୀବନ ବିତାଉଥିବା ମା' ଟିଏ ଯେପରି ନିଜର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କିମ୍ବା ଚିକିତ୍ସା ପାଇଁ କେଇଟା ଟଙ୍କା ବିନିମୟରେ ନିଜ ଜନ୍ମିତ ସନ୍ତାନକୁ ଜଣେ ଧନୀଲୋକର ହାତକୁ ଟେକି ଦେଇଥାଏ; ଠିକ୍ ସେହିପରି ନିଜର ଲେଖନୀକୁ ନେଇ ଆର୍ଥିକ ଅନଟନ ମଧ୍ୟରେ ବଞ୍ଚୁଥିବା କେତେ ଜଣ ଅଭାବୀ ଲେଖକ ବେଳେବେଳେ ନିଜର ଲେଖକୀୟ କୃତି ତଥା ମାନସ ସନ୍ତାନକୁ କିଛି ଟଙ୍କା ପାଇଁ ସମାଜର ପ୍ରତିଷ୍ଠିତ ଲୋକଙ୍କ ନାମରେ ଉତ୍ସର୍ଗ କରିଦିଅନ୍ତି। ପରବର୍ତ୍ତୀ ସମୟରେ ସେହି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ଉକ୍ତ ଲେଖାଟି ପ୍ରକାଶିତ ହୋଇ ସମାଜରେ ପାଠକୀୟ ଆଦୃତି ସହିତ ଏକ ନୂତନ ପରିଚୟ ଲାଭ କରିଥାଏ। ଲେଖାର ସୃଜନରେ ପରିଶ୍ରମ ଓ ସୃଜନଶୀଳତା ଜଣେ ବ୍ୟକ୍ତିଙ୍କର ଥାଏ, କିନ୍ତୁ ପରିଚୟ ଅନ୍ୟ ଜଣେ ମଣିଷର ହୋଇଥାଏ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଆମେରିକୀୟ ଲେଖକ କେଭିନ୍ ଟ୍ରୁଡୋଙ୍କ ଦ୍ୱାରା ରଚିତ ଏକ କାର୍ଯ୍ୟକ୍ରମ 'ୟୋର ୱିସ ଇଜ ୟୋର କମାଣ୍ଡ'ରେ ସେ ପ୍ରକାଶ କରିଛନ୍ତି ଯେ 'ଅତି ଧନୀ ଲୋକ କିମ୍ବା ଲେଖକମାନେ ବହି ଲେଖନ୍ତି ନାହିଁ। ସେମାନେ ଜାଣନ୍ତି ନାହିଁ ଯେ ସେମାନଙ୍କ ନାମରେ ପ୍ରକାଶ ହୋଇଥିବା ପୁସ୍ତକଗୁଡ଼ିକରେ କ'ଣ ଲେଖା ଅଛି। କାରଣ ସେମାନେ ଅଦୃଶ୍ୟ ଲେଖକ(ଘୋଷ୍ଟ ରାଇଟର)ଙ୍କ ଉପରେ ନିର୍ଭର କରନ୍ତି।

କିଛିଦିନ ତଳେ ଗୋଟିଏ ଅଜଣା ଫୋନ ନମ୍ବରରୁ ଜଣେ ଅଚିହ୍ନା ବ୍ୟକ୍ତି ମୋତେ କଲ୍ କରିଥିଲେ ଏବଂ ନିଜର ପରିଚୟ ଜଣେ ନାମୀ ଲୋକ ଭାବରେ ପ୍ରଦାନ କରି କହିଲେ ଯେ, 'ଆପଣଙ୍କ ଲେଖା ଅତି ଉଚ୍ଚକୋଟୀର। ମୋତେ ପଢ଼ିବାକୁ ଭଲ ଲାଗେ। ଆପଣ ୧୦୦୦ ଶବ୍ଦର ଗୋଟିଏ ନିବନ୍ଧ ମୋ ପାଇଁ ଲେଖିବେ କି? ଲେଖାଟି ମୋ ନାମରେ ରହିବ, ଯେଉଁଥିପାଇଁ ମୁଁ ଆପଣଙ୍କୁ ୨୦୦୦ ଟଙ୍କା ଦେବି। ତା'ସହ ଯଦି କେବେ କୌଣସି ବ୍ୟକ୍ତିଗତ କ୍ଷେତ୍ରରେ କିଛି ସହଯୋଗ ଦରକାର ହୁଏ ତେବେ ତାହା ମଧ୍ୟ ମୁଁ କରିବି। ପ୍ରତିଉତ୍ତରରେ ଧନ୍ୟବାଦ ଜ୍ଞାପନ ସହ ମୁଁ ଉକ୍ତ ବ୍ୟକ୍ତି ଜଣଙ୍କୁ କହିଲି, 'ଲେଖିବା ମୋର ପେସା ନୁହେଁ, ନିଶା। ଜୀବନ ବଞ୍ଚିବାର ଭିନ୍ନ କାରଣ ମଧ୍ୟ। ପ୍ରତିଟି ଲେଖାକୁ ମୁଁ ଅନ୍ତରଆତ୍ମାରୁ ଜନ୍ମ ଦିଏ, ଯାହା କି ମୋର ଗୋଟିଏ ସନ୍ତାନ ସଦୃଶ। ଜଣେ ଜନ୍ମଦାତା କିଛି ଟଙ୍କା ଓ ବ୍ୟକ୍ତିଗତ ସ୍ୱାର୍ଥ ତଥା ଲାଭ ପାଇଁ କ'ଣ କେବେ ନିଜର ସନ୍ତାନକୁ ବିକ୍ରି କରିପାରେ କି? ଯେଉଁ ଭାବନା ଆପଣଙ୍କ ମନକୁ ଆଜି ଗ୍ରାସ କରିଛି ତାହା ଗୋଟିଏ ଲେଖକ ପାଇଁ ବଡ଼ ଅପମାନ ଓ ସମାଜ ପାଇଁ ଅପରାଧ। ଯଦି ଲେଖକୀୟ ଦକ୍ଷତା ଓ ସୃଜନଶୀଳତା ଆପଣଙ୍କ ନାହିଁ, ତେବେ ଲେଖକ ହେବା ନିମନ୍ତେ ଆପଣ କିପରି ଚିନ୍ତା କରୁଛନ୍ତି ଏବଂ କିପରି ଏହାର ବ୍ୟବସାୟୀକରଣ କରୁଛନ୍ତି?' ଏହାପରେ ଉକ୍ତ ବିଷୟକୁ ନେଇ ମୁଁ କିଛି ପ୍ରତିଷ୍ଠିତ ସମୀକ୍ଷକ ଓ ଲେଖକଙ୍କଠାରୁ ଘଟଣା ସମ୍ବନ୍ଧରେ ଆହୁରି ଅଧିକ ଜାଣିବା ନିମନ୍ତେ ପ୍ରୟାସ କଲି। ମୁଁ ଜାଣିପାରିଲି ଯେ ବାସ୍ତବରେ ଜଣେ ଲେଖକର ସୃଜନଶୀଳତା ଓ ଲେଖକୀୟ ସୃଷ୍ଟିର କିଣା-ବିକା ହେଉଛି। ଯେଉଁଥିପାଇଁ, ସମାଜରେ ଏକ ଅଦୃଶ୍ୟ ବଜାର ମଧ୍ୟ କାର୍ଯ୍ୟ କରୁଛି। କିଛିତଥ୍ୟ ଅନୁସାରେ, ଏହି ଧାରା ପ୍ରାୟତଃ ୧୮୦୦ ଦଶକର ଶେଷ ଭାଗରୁ ଚାଲିଆସୁଛି। ଆଜିକାଲି ଏହି ଲେଖକମାନଙ୍କୁ ସାଧାରଣତଃ ଆଜିର ସମାଜର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଯୁକ୍ତି ଦିଅନ୍ତି, ଯେଉଁମାନଙ୍କ ପାଖରେ ନିଜର ପୁସ୍ତକ, ପ୍ରବନ୍ଧ କିମ୍ବା ଭାଷଣ ପ୍ରସ୍ତୁତ କରିବା ପାଇଁ ସମୟ କିମ୍ବା ଦକ୍ଷତାର ଅଭାବ ରହିଥାଏ। ତେବେ ନିଜର ଭାବନାକୁ ଶବ୍ଦରେ ରୂପାନ୍ତରିତ କରିବାର ଯନ୍ତ୍ରଣା, ଉଦ୍ୟମ ଓ ପରିଶ୍ରମକୁ ଜଣେ ଲେଖକ ହିସାବରେ ମୁଁ ଅତି ଗଭୀରତାର ସହ ବୁଝିଥାଏ। ଯେଉଁ ଲେଖକଟି କିଛି ଟଙ୍କା ପାଇଁ ନିଜର ଲେଖାକୁ ବିକ୍ରି କରିଦିଏ, ତା'ର ଅନ୍ତରରେ ସୃଷ୍ଟି ହେଉଥିବା ଉକ୍ତ ବେଦନା ଓ ପରିସ୍ଥିତି କଥା ଚିନ୍ତା କରି ମୋ ଆଖିରୁ ଦୁଇ ଧାର ଲୁହ ଖସି ଆସିଲା। ତେବେ ନୈତିକତା ଆଧାରରେ ଏହି ବିଷୟବସ୍ତୁ ତଥା କାର୍ଯ୍ୟକଳାପ କେତେ ଯଥାର୍ଥ, ତାହା ମୋ ମନର ପ୍ରଶ୍ନଘେର ମଧ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି।

ଏହି ପରିପ୍ରେକ୍ଷୀରେ, ଆଜିର ସମୟରେ ଲେଖନୀକୁ ପେସା ଭାବରେ ଗ୍ରହଣ କରିଥିବା ଲେଖକମାନଙ୍କୁ ଯଦି ତାଙ୍କର ସଠିକ ପାରିଶ୍ରମିକ ମିଳିବାର କିଛି ସରକାରୀ ଓ ବେସରକାରୀ ବନ୍ଦୋବସ୍ତ କରାଯା'ନ୍ତା, ତେବେ ଉକ୍ତ ଅଜ୍ଞାତ ଓ ଅଦୃଶ୍ୟ ଲେଖକଟି ପରଦା ପଛର ନାୟକ ଭାବରେ ରହିଯାଇ ନିଜର ପରିଚୟକୁ ସୁପ୍ତ ରଖନ୍ତା ନାହିଁ। ଏକ ସାମାଜିକ ପରିଚୟ ସହ ପାଠକମାନଙ୍କର ଭଲପାଇବାକୁ ସେ ସିଧାସଳଖ ଭାବରେ ଲାଭ କରିପାରନ୍ତା। ଏତଦ୍‌ବ୍ୟତୀତ, ଆଜିର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି, ଯେଉଁମାନେ କି ଅନ୍ୟର ଲେଖାକୁ ଅର୍ଥ ଓ କ୍ଷମତାରେ କ୍ରୟ କରି ନିଜର ନାମ ସହ ପ୍ରକାଶିତ କରିବାକୁ ରୁଚି ରଖନ୍ତି, ସେମାନେ ନିଜ ମନ, ହୃଦୟ ଓ ଚିନ୍ତାଧାରାକୁ ସାମାନ୍ୟ ବଡ଼ କରି ନିଃସ୍ୱାର୍ଥପର ଭାବରେ ଅଭାବୀ ଲେଖକଟିଏକୁ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଜରୁରୀ। ଲେଖକଟିର କଲମ ଚାଳନାକୁ ସହଯୋଗ ଓ ତ୍ୱରାନ୍ୱିତ କରିବା ପୂର୍ବକ ତା'ର ହାତଲେଖାଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶିତ କରି ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରୟାସ କରିବା ଉଚିତ। ଏହା ଏକ ଶିକ୍ଷିତ, ସମନ୍ୱିତ ଓ ସୁସ୍ଥ ସମାଜ ଗଠନ ଦିଗରେ ବଡ଼ କାରକ ସାଜିବ ବୋଲି ଅନୁମାନ କରାଯାଏ।

ବନ୍ଧାଲୋ(କଟକ), ମୋ: ୯୩୩୭୮ ୯୭୬୫୦

## ବ୍ୟବସ୍ଥା ଓ ବିଶ୍ୱାସ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗତିଶୀଳ ଜୀବନର ଭିଡ଼ ଭିତରେ ଅନେକ ଅପ୍ରତ୍ୟାଶିତ ଘଟଣା ସାଧାରଣ ହେବାରେ ଲାଗିଛି। ଧାର୍ମିକ ସମାବେଶରେ, ଟ୍ରେନ୍ ଚଢ଼ିବା ସମୟରେ, ଆଉ କେତେବେଳେ ଦେବାଳୟରେ। ଏହା ପରିତାପର ବିଷୟ ଯେ ଏହି ଘଟଣାଗୁଡ଼ିକରୁ କୌଣସି ଶିକ୍ଷା ନିଆଯାଉନାହିଁ। ପ୍ରତ୍ୟେକ ଥର ପୁଙ୍ଖାନୁପୁଙ୍ଖ ତଦନ୍ତ, କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ଦାବି କରାଯାଏ। କିନ୍ତୁ ଫଳାଫଳ ଶୁନ୍। ହରିଦ୍ୱାରର ପ୍ରସିଦ୍ଧ ମନସା ଦେବୀ ମନ୍ଦିରରେ ୨୭ ଜୁଲାଇର ଘଟଣା ଦୁଃଖଦ। ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୩୦ ଜଣ ଆହତ ହୋଇଥିଲେ। ତା' ପରଦିନ ଉତ୍ତରପ୍ରଦେଶର ବାରବାଙ୍କି ଜିଲ୍ଲାର ଆବାଶନେଶ୍ୱର ମନ୍ଦିରରେ ସମାନ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଲା। ମନେହୁଏ ଦଳାଚକଟାର ଏକ କ୍ରମ ଆରମ୍ଭ ହୋଇଛି ଏବଂ ବ୍ୟବସ୍ଥାଗତ ତ୍ରୁଟି ସଜାଡ଼ି ହୋଇପାରୁନାହିଁ।

ହରିଦ୍ୱାରର ଘଟଣା ପ୍ରଥମ ନଥିଲା। ପୂର୍ବରୁ ୧୯୮୬ କୁମ୍ଭମେଳାରେ ଦଳାଚକଟାରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ମସିହାରେ ହର କି ପେଡ଼ିରେ ୨୦ ଜଣ, ଶାନ୍ତିକୁଞ୍ଜର ଏକ କାର୍ଯ୍ୟକ୍ରମରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୫୦ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣାଗୁଡ଼ିକର କାରଣ ପ୍ରାୟ ସମାନ। ମହାକୁମ୍ଭ ପ୍ରୟାଗରାଜର ମୌନୀ ଅମାବାସ୍ୟା ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ମଧ୍ୟରେ ଘଟିଥିବା ଦୁର୍ଘଟଣା ଏବଂ ତା'ପରେ ଟ୍ରେନ ବିଳମ୍ବ, ପ୍ଲାଟଫର୍ମରେ ସଂଖ୍ୟାଧିକ ଲୋକଙ୍କ ଯୋଗୁଁ ଦିଲ୍ଲୀ ରେଳ ଷ୍ଟେସନର ଅପ୍ରୀତିକର ଘଟଣା କୁପରିଚାଳନା ଓ ବିଶୃଙ୍ଖଳାକୁ ଇଙ୍ଗିତ କରେ। ଏହା ପରେ ପରେ ବାଙ୍ଗାଲୋର ଆଇପିଏଲ୍ ବିଜୟ ପାଳନ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଦୁର୍ଘଟଣାରେ ସମସ୍ତେ ସ୍ତବ୍ଧ ହେଲେ। ପୂର୍ବରୁ ୨୦୨୪ ମସିହାରେ ଉତ୍ତର ପ୍ରଦେଶର ହାଥରସରେ ଜଣେ ଆତ୍ମ ଘୋଷିତ ବାବାଙ୍କ ସତସଙ୍ଗରେ ଦଳାଚକଟା ଘଟି ୧୨୧ ରୁ ଅଧିକଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ ମସିହାରେ ବୈଷ୍ଣୋ ଦେବୀ ମନ୍ଦିରରେ ନୂତନ ବର୍ଷ ଅବସରରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିଲେ। ୨୦୦୮ ମସିହାରେ ହିମାଚଳ ପ୍ରଦେଶର ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବ ଯୋଗୁଁ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୁରୀ ରଥଯାତ୍ରା ଭିଡରେ ୩ଜଣ ଶ୍ରଦ୍ଧାଳୁ ଜୀବନ ହାରିଲେ। ସେହିପରି ଜାନୁଆରୀ ୨୦୨୫ ରେ ତିରୁପତି ମନ୍ଦିରର ଟୋକନ୍ ବଣ୍ଟନ କେନ୍ଦ୍ରରେ ହଠାତ୍ ଭିଡ଼ ଜମିଗଲା ଏବଂ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତେ ୬ ଜଣ ପ୍ରାଣ ହରାଇଲେ। ପ୍ରଶ୍ନ ଉଠେ ଟୋକନ୍ ବଣ୍ଟନ ଭଳି ଡିଜିଟାଲ୍ ନିୟନ୍ତ୍ରିତ କାର୍ଯ୍ୟରେ ମଧ୍ୟ ଏତେ ବିଶାଳ ଭିଡ଼ କିପରି ହେଲା?

ଏହି ଘଟଣାଗୁଡ଼ିକ କେବଳ ସଂଖ୍ୟା ନୁହେଁ. ବରଂ ବ୍ୟବସ୍ଥାଗତ ବିଫଳତାର ପ୍ରମାଣ। ପ୍ରଶ୍ନ ହେଉଛି ଏପରି କେତେ ଘଟଣା ପରେ ସଚେତନ ହେବା? ମନସା ଦେବୀ ମନ୍ଦିରରେ ଦଳାଚକଟାର କାରଣ ବିଦ୍ୟୁତ୍ କରେଣ୍ଟ ବ୍ୟାପିବା ଗୁଜବ ବୋଲି କୁହାଯାଉଛି। ପ୍ରଶାସନିକ କର୍ମଚାରୀମାନେ ଏପରି ଆଶଙ୍କାକୁ ପୂର୍ବାନୁମାନ କରିବାରେ ଏତେ ଅସମର୍ଥ କାହିଁକି? ଏପରି ଘଟଣା ଦେଶବ୍ୟାପୀ ଧାର୍ମିକ ସ୍ଥଳ ଏବଂ ସାର୍ବଜନୀନ ସମାବେଶରେ ହୋଇଥିବା ମାରାତ୍ମକ ଦଳାଚକଟାର ଆଉ ଏକ ସଂଖ୍ୟା। ମନ୍ଦିର, ରେଳ ଷ୍ଟେସନ ଓ ମହାକୁମ୍ଭ ଭଳି ସ୍ଥାନରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୮୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଉଲ୍ଲେଖନୀୟ ଯେ ମନସା ଦେବୀ ମନ୍ଦିରର ଅଘଟଣ ଗୁଜବରୁ ସୃଷ୍ଟି ହୋଇନଥିଲା ବରଂ ବର୍ଷ ବର୍ଷର ଅସାବଧାନତା ପରିଣାମ।

ଏହାର ଗୋଟିଏ କାରଣ ସରକାର ଓ ଧାର୍ମିକ ସଂଗଠନଗୁଡ଼ିକ ଯେତେ ଅଧିକ ଭିଡ଼ ଏକାଠି କରିପାରିବେ ସେତେ ବଡ଼ ସଫଳତା ସାଉଁଟିବେ। ଭକ୍ତଙ୍କ ସଂଖ୍ୟା ଲକ୍ଷ ଓ କୋଟିରେ ଗଣନା କରାଯାଏ ଏବଂ ଏହା ଅନୁମାନ କରାଯାଏ ଯେ ବିଶ୍ୱାସ ଯେତେ ବ୍ୟାପକ ହେବ ସେତେ ଅଧିକ ମାନ୍ୟତା ମିଳିବ। ପ୍ରଶାସନ ପ୍ରାୟତଃ ଦାବି କରେ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି, ସିସି ଟିଭି କ୍ୟାମେରା ଲଗାଛି, ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି, ରୁଟ୍ ପ୍ଲାନ୍ ପ୍ରସ୍ତୁତ। ତେବେ ଏତେ ସବୁ ପରେ ଦୁର୍ଘଟଣା ଘଟି ଅନେକ ମୃତାହତ ହୁଅନ୍ତି କାହିଁକି? ବାସ୍ତବତା ହେଉଛି ଅଧିକାଂଶ ଧାର୍ମିକ କାର୍ଯ୍ୟକ୍ରମରେ ଭିଡ଼ର ସଠିକ୍ ପୂର୍ବାନୁମାନ କରାଯାଏ ନାହିଁ। ଆୟୋଜକମାନେ ଭିଡ଼ ବିଷୟରେ କୌଣସି ବୈଜ୍ଞାନିକ ଆକଳନ କରନ୍ତି ନାହିଁ। କୁମ୍ଭ ମେଳା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ଧାର୍ମିକ କାର୍ଯ୍ୟକ୍ରମ, ବିଶେଷ ଅବସରରେ ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୁଅନ୍ତି। ଭିଡ଼ର ଏକାଗ୍ରତା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରେ। ଯୋଜନାର ଅଭାବ ଯୋଗୁଁ ଏସବୁ ପ୍ରାୟତଃ ଅନିଶ୍ଚିତ ହୋଇଯାଏ। ଏପରିସ୍ଥିତିରେ ଗୁଜବ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତି ଦଳାଚକଟା ଭଳି ଦୁଃଖଦ ଘଟଣା ଘଟାଇଥାଏ। ଗତ ଗୋଟିଏ ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ପ୍ରମାଣ କରିଛି ଯେ ଆମର ପ୍ରଶାସନିକ ପ୍ରସ୍ତୁତି, ବୈଷୟିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ। ପ୍ରକୃତରେ ଅନେକ ଧାର୍ମିକ ସ୍ଥାନରେ ପଥଗୁଡ଼ିକ ବହୁତ ସଂକୀର୍ଣ୍ଣ ଏବଂ ପ୍ରସ୍ଥାନ-ପ୍ରବେଶ ସମାନ ପଥରେ ହୋଇଥାଏ। ଏହା ଅବ୍ୟବସ୍ଥିତ ଭିଡ଼ ସୃଷ୍ଟି କରେ। ପ୍ରଶାସନିକ ସ୍ତରରେ କରାଯାଇଥିବା ଅସମ୍ପୂର୍ଣ୍ଣ ଓ ଯାନ୍ତ୍ରିକ ପ୍ରସ୍ତୁତି ପ୍ରାୟତଃ କାଗଜପତ୍ରରେ ସୀମିତ ରହିଯାଏ।

ଏସବୁ ଏଡ଼ାଇବା ପାଇଁ ଭିଡ଼ ସ୍ଥାନରେ ଏକ ବ୍ୟବହାରିକ ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିବା ଜରୁରୀ। ବାସ୍ତବ-ସମୟ ମନିଟରିଂ ଏବଂ ବୈଷୟିକ ନିରୀକ୍ଷଣ ହେବା ଉଚିତ। ଯେପରି ବିମାନବନ୍ଦର କିମ୍ବା ବଡ଼ ଷ୍ଟାଡିୟମରେ କ୍ୟାମେରା, ସେନ୍ସର ଓ ଏଆଇ ଆଧାରିତ ମନିଟରିଂ ଥାଏ, ଧାର୍ମିକ ସ୍ଥଳରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବା ଉଚିତ। ଲୋକଙ୍କ ସଂଖ୍ୟାର ଲାଇଭ୍ ଟ୍ରାକିଂ, ସିସିଟିଭି ବିଶ୍ଳେଷଣ ଏବଂ ଭିଡ଼ର ଗତିବିଧି ଉପରେ ନଜର ରଖି ପରିସ୍ଥିତିକୁ ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ। ପ୍ରମୁଖ ଧାର୍ମିକ ସ୍ଥଳ ଏବଂ କାର୍ଯ୍ୟକ୍ରମ ପାଇଁ ସର୍ବନିମ୍ନ ମାନଦଣ୍ଡ ସ୍ଥିର କରାଯିବା ଉଚିତ। ଯେପରିକି ପ୍ରବେଶ ଏବଂ ପ୍ରସ୍ଥାନ ପଥ ସଂଖ୍ୟା, ଯୋଗାଯୋଗ ବ୍ୟବସ୍ଥା, ଅଡିଓ-ଭିଡିଓ ସୂଚନା ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଇତ୍ୟାଦି। ଭକ୍ତମାନେ ଭିଡ଼ରେ କିପରି ଚାଲିବେ, କ'ଣ କରିବେ ନାହିଁ, ଗୁଜବ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ନାହିଁ, କେଉଁ ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ଦେବେ ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଚିତ। ଛୋଟ ଭିଡିଓ, ରେଡିଓ ବାର୍ତ୍ତା, ମନ୍ଦିରରେ ପୋଷ୍ଟର, ସ୍ଥାନୀୟ ଟିଭିରେ ବିଜ୍ଞାପନ, ଏସବୁ ସହାୟକ ହୋଇପାରେ। ଏହାବ୍ୟତୀତ ଆଇନ ପ୍ରଣୟନ ଏବଂ ଦାୟିତ୍ୱର ସୁଚାରୁ ବଣ୍ଟନ ହେବା ଆବଶ୍ୟକ। ସାମଗ୍ରିକ ଭାବରେ ପ୍ରତିଥର ଦୁର୍ଘଟଣା ପରେ ବୟାନ ଆସେ, କ୍ଷତିପୂରଣ ଘୋଷଣା କରାଯାଏ, ତଦନ୍ତ ଆୟୋଗ ଗଠନ ହୁଏ। କିନ୍ତୁ ପୁଣି ସେହି ଅବହେଳାର ପୁନରାବୃତ୍ତି।

ବର୍ତ୍ତମାନ ଏକ ସକ୍ରିୟ ନୀତି ଗ୍ରହଣ କରିବା ସମୟର ଆବଶ୍ୟକତା। ପ୍ରତ୍ୟେକ ଘଟଣାକୁ ଏକ ପ୍ରକଳ୍ପ ଭାବରେ ଦେଖାଯିବା ଉଚିତ। ଯାହାର ଲକ୍ଷ୍ୟ କେବଳ ଧାର୍ମିକ ରୀତି ପାଳନ ନୁହେଁ, ବରଂ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ନିଶ୍ଚିତ ହୋଇପାରୁଥିବ। ବିଶ୍ୱାସ ଓ ସୁରକ୍ଷାର ସନ୍ତୁଳନ ସେତେବେଳେ ହାସଲ ହେବ, ଯେତେବେଳେ ନୀତି, ପ୍ରଯୁକ୍ତିବିଦ୍ୟା, ପ୍ରଶାସନ ଏବଂ ଜନସାଧାରଣ ସମନ୍ୱିତ ଭାବରେ ଏକାଠି କାମ କରିବେ।

ନୟାଗଡ଼, ମୋ: ୯୪୩୭ ୬୪୨୯୪୭

## ବିଭୀଷଣ ମନ୍ଦିର

**ଓଜସ୍ୱିନୀ**

ରାମାୟଣର କଥାବସ୍ତୁ ଆଧାରରେ ରାବଣଙ୍କ ଭ୍ରାତା ବିଭୀଷଣ ମହାନ ରାମଭକ୍ତ ହେଲେ ମଧ୍ୟ ସଦାସର୍ବଦା ତାଙ୍କର ଚରିତ୍ର ପ୍ରତାରଣାର କଳଙ୍କ ବହନ କରିଆସିଛି। କାରଣ ବିଭୀଷଣଙ୍କ ପାଇଁ ହିଁ ଅସୁରରାଜ ରାବଣ ନିହତ ହୋଇଥିଲେ। ତେଣୁ ଆଜି ମଧ୍ୟ ପାରିବାରିକ ବିବାଦ ମଧ୍ୟରେ ବିଭୀଷଣଙ୍କ ଉଦାହରଣ ଦେଇ 'ଘର ଡିଙ୍କି କୁମ୍ଭୀର', 'ଭାଇ ଭଗାରୀ' ଭଳି ଆପ୍ତବାକ୍ୟ ବ୍ୟବହାର କରାଯାଉଛି। ଏସବୁ ସତ୍ତ୍ୱେ ଭାରତର ଗୋଟିଏ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ଅଛି। ଶ୍ରଦ୍ଧାଳୁମାନେ ବିଭୀଷଣଙ୍କୁ ପରମ ରାମଭକ୍ତ ଭାବେ ବିଧିପୂର୍ବକ ପୂଜାର୍ଚ୍ଚନା କରି ଆଶିଷ ପ୍ରାର୍ଥନା କରୁଛନ୍ତି।

ବିଭୀଷଣଙ୍କ ଏହି ମନ୍ଦିର ରାଜସ୍ଥାନର କୋଟା ଜିଲ୍ଲା ଅନ୍ତର୍ଗତ କେଥୁନ୍‌ଠାରେ ରହିଛି। କୋଟା ରେଲୱେ ଷ୍ଟେସନ୍‌ରୁ ଏହାର ଦୂରତା ପ୍ରାୟ ୨୦ କିଲୋମିଟର। ଏହି ମନ୍ଦିର ପ୍ରାୟ ୫୦୦୦ବର୍ଷ ପୂର୍ବେ ନିର୍ମିତ ବୋଲି ଗବେଷକମାନେ ମତ ଦିଅନ୍ତି। ଏଠାରେ ବିଭୀଷଣଙ୍କର ମସ୍ତକର ଏକ ବିଶାଳ ପ୍ରତିମା ପୂଜିତ ହେଉଛି ଏବଂ ସମ୍ପୂର୍ଣ୍ଣ ଶରୀର ଭୂମି ଭିତରେ ଅଛି ବୋଲି କୁହାଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ମସ୍ତକ ପ୍ରତିମା ବର୍ଷକୁ ବର୍ଷ ଚାଉଳ ଦାନା ପ୍ରାୟ ଭୂମିରେ ନିମ୍ନଗାମୀ ହେଉଛି ବୋଲି ମନ୍ଦିରର ପୂଜାରୀ ଓ ପ୍ରତକ୍ଷଦର୍ଶୀମାନେ କହନ୍ତି। ମନ୍ଦିରର ଜିର୍ଣ୍ଣୋଦ୍ଧାର ମହାରାଜା ଦୁର୍ଜନ ସିଂହଙ୍କ ଶାସନ ସମୟରେ ଗୌତମ ପରିବାର ଦ୍ୱାରା ନିର୍ମାଣ କରାଯାଇଥିଲା। ତେଣୁ ଆଜି ମଧ୍ୟ ଉକ୍ତ ପରିବାରର ବଂଶଜ ନବରାତ୍ର ସମୟରେ ଏହି ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରିଆସୁଛନ୍ତି। କେବଳ ରାଜସ୍ଥାନରେ ହିଁ ବିଭୀଷଣଙ୍କ ଏହି ମନ୍ଦିର କାହିଁକି ଓ କିପରି ନିର୍ମାଣ ହେଲା, ସେ ସମ୍ପର୍କରେ ଗୋଟିଏ ସୁନ୍ଦର ଲୋକକଥା ରହିଛି।

### ବିଚିତ୍ର ବିଶ୍ୱାସ

ରଘୁକୁଳ ନନ୍ଦନ ଶ୍ରୀରାମ ବନବାସରୁ ଫେରିବା ପରେ ରାଜ୍ୟାଭିଷେକ ସମୟରେ ତିନିଲୋକର ଦେବଦେବୀଙ୍କ ସହିତ ସମସ୍ତ ପ୍ରାଣୀ ଧରାପୃଷ୍ଠରେ ଅବତରଣ କରିଥିଲେ। ଏହି ସମୟରେ ଦେବ ଦେବ ମହାଦେବ ହନୁମାନଙ୍କୁ କହିଲେ ଯେ, ସେ ସମ୍ପୂର୍ଣ୍ଣ ମୃତ୍ୟୁଲୋକ ଭ୍ରମଣ କରିବାକୁ ଚାହାନ୍ତି। ଏହାକୁ ବିଭୀଷଣ ଶୁଣୁଥିଲେ ଏବଂ ସେ ଗୋଟିଏ ଭାର ପ୍ରସ୍ତୁତ କରି ମହାଦେବ ଓ ହନୁମାନଙ୍କୁ ଦୁଇପଟେ ବସାଇ ଭାରତ ଭ୍ରମଣ କରାଇବା ପାଇଁ ମହାଦେବଙ୍କୁ ଅନୁମତି ଭିକ୍ଷା କଲେ। ବିଭୀଷଣଙ୍କ ଏତାଦୃଶ ଆଗ୍ରହରେ ମହାଦେବ ସ୍ୱୀକୃତି ପ୍ରଦାନ କରିବା ସହିତ ଗୋଟିଏ ସର୍ତ୍ତ ରଖିଲେ। ସର୍ତ୍ତ ଅନୁଯାୟୀ ଯେଉଁଠାରେ ଭାର ଭୂମି ସ୍ପର୍ଶ କରିବ, ସେଠାରେ ଯାତ୍ରା ସମାପ୍ତ ହେବ ଏବଂ ମହାଦେବ ଓ ହନୁମାନ ସେଠାରେ ହିଁ ବିରାଜମାନ ହେବେ। ଏହି ସର୍ତ୍ତରେ ରାଜି ହୋଇ ବିଭୀଷଣ ଗୋଟିଏ ବିଶାଳ ଭାର ପ୍ରସ୍ତୁତ କଲେ, ଯାହାର ଲମ୍ବ ୮ କୋଶ(ପ୍ରାୟ ୩୨ କିଲୋମିଟର) ଥିଲା। ମହାଦେବ ଓ ହନୁମାନଙ୍କୁ ଭାରର ଦୁଇପଟେ ବସାଇ ବିଭୀଷଣ ଯାତ୍ରା ଆରମ୍ଭ କଲେ। ଏକଦା ବିଭୀଷଣ ରାଜସ୍ଥାନର କେଥୁନ୍ (ପ୍ରାଚୀନ ନଗର କେଥୁନପୁର) ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ ମହାଦେବ ବସିଥିବା ଭାର ଭୂମିକୁ ସ୍ପର୍ଶ କଲା। ଏହି ସ୍ଥାନ କେଥୁନ୍‌ଠାରୁ ୪ କୋଶ ଅର୍ଥାତ୍ ୧୬ କିଲୋମିଟର ଦୂର ସ୍ଥିତ ଚାର୍ ଚୋମାରେ ଅବସ୍ଥିତ। ମହାଦେବ ସର୍ତ୍ତ ଅନୁଯାୟୀ ସେଠାରେ ହିଁ ବିରାଜମାନ ହେଲେ ଏବଂ ହୋଇ ସ୍ଥାନର ନାମାନୁସାରେ ଚୋମେଶ୍ୱର ମହାଦେବ ଭାବେ ପୂଜା ପାଇଲେ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ପଞ୍ଚମୁଖୀ ହୋଇଥିବାରୁ ଶିବଙ୍କ ପାଞ୍ଚଟି ସ୍ୱରୂପ ଏବଂ ପଞ୍ଚଭୂତର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଭାରର ଅନ୍ୟ ପଟେ ବସିଥିବା ହନୁମାନଙ୍କ ଭ୍ରମଣ ଯାତ୍ରା କୋଟାର ରଙ୍ଗବାଡ଼ି ନାମକ ସ୍ଥାନରେ ଅଟକି ଯାଇଥିଲା। ତେଣୁ ଏଠାରେ ରାମଭକ୍ତ ହନୁମାନଙ୍କ ଏକ ଭବ୍ୟ ମନ୍ଦିର ଅଛି। ଯେଉଁଠି ବିଭୀଷଣ ଠିଆ ହୋଇଥିଲେ ଉକ୍ତ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ନିର୍ମାଣ ହେଲା।

ପ୍ରତିବର୍ଷ ହୋଲି ସମୟରେ କେଥୁନ୍‌ରେ ୭ଦିନ ଧରି ବିଭୀଷଣ ମେଳାର ଆୟୋଜନ ହୋଇଥାଏ। ସାରା ଭାରତରେ କେବଳ ହୋଲିକା ଦହନ ଆୟୋଜନ କରାଯାଉଥିବାଚବେଳେ କେଥୁନ୍‌ରେ ହିରଣ୍ୟକଶିପୁ ଦହନ ମଧ୍ୟ କରାଯାଏ। ହୋଲିକା ଦହନ ପରଦିନ ହିରଣ୍ୟକଶିପୁର ପୁତ୍ତଳିକାକୁ ଦହନ କରାଯାଏ। ରାମଭକ୍ତ ବିଭୀଷଣଙ୍କ କୃପା ପ୍ରାପ୍ତ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହଙ୍ଗା ପଡ଼ିଲା ଅଦାଲତଙ୍କ ଆଦେଶ ଅବମାନନା

# ଡିଇଓଙ୍କୁ ହାଇକୋର୍ଟରେ ହାଜର କରାଇବେ ଆଇଆଇସି

କଟକ,୭।୮ (ସମିସ): ଅଦାଲତଙ୍କ ଆଦେଶ ଅବମାନନା କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ହାଇକୋର୍ଟଙ୍କ ଆଦେଶ ପାଳନ ପୂର୍ବକ ଡିଇଓଙ୍କ ତରଫରୁ ସତ୍ୟପାଠ ଦିଆଯାଇନଥିଲା କି ଶୁଣାଣି ସମୟରେ ଡିଇଓ ହାଜର ହୋଇନଥିଲେ । ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆସନ୍ତା ଅଗଷ୍ଟ ୧୩ରେ କଳାହାଣ୍ଡି ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ.କେ. ବେହେରାଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ବିଳମ୍ବରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିବା ପାଇଁ ଆବେଦନକାରୀଙ୍କୁ ତିନି ମାସ ମଧ୍ୟରେ ଏହି ଅର୍ଥ ଉପରେ ୬ ପ୍ରତିଶତ ସୁଧ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୩, ସେପ୍ଟେମ୍ବର ୨୯ ରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲା। ଏହାପରେ ଆବେଦନକାରୀ କଳାହାଣ୍ଡି ଡିଇଓଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ୨୦୨୪, ମେ ୨୦ରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡିଇଓଙ୍କୁ ନୋଟିସ୍ ଜାରି କରିଥିଲେ। ଗତ ଅଗଷ୍ଟ ୬ ସୁଦ୍ଧା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହୁଏ ତେବେ ପ୍ରତିପକ୍ଷ ଡିଇଓ ପରବର୍ତ୍ତୀ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଜୁଲାଇ ୧୦ରେ କହିଥିଲେ। ଏଥିପାଇଁ ପୁଣି ଅଧିକ ସମୟ ଲୋଡ଼ି ଲେଖାଯାଇଥିବା ଅଗଷ୍ଟ ୫ର ଏକ ଚିଠି ପ୍ରତିପକ୍ଷଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଏଣୁ ଆସନ୍ତା ଅଗଷ୍ଟ ୧୩ରେ ପ୍ରତିପକ୍ଷ ସମ୍ପୃକ୍ତ ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ କାଁ ଭାଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୮ (ସମିସ): ବଙ୍ଗଳାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଧୀରେ ଧୀରେ ପ୍ରଭାବ କମିବା ସହ ଓଡ଼ିଶାରେ ମଧ୍ୟ ପୁଣି ପାଗ ସ୍ୱାଭାବିକ ହେବା ନେଇ ଆକଳନ କରାଯାଉଛି। ଅନ୍ୟପଟେ ଗୁରୁବାର ରାଜ୍ୟର ଅନେକ ସ୍ଥାନରେ ଟାଣ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ହୋଇଛି। ପାରଳାଖେମୁଣ୍ଡିରେ ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବା ବେଳେ ଟିଟଲାଗଡ଼ ଓ ବୌଦ୍ଧ ଆଦିରେ ତାମପାତ୍ରା ୩୬ ଡିଗ୍ରୀ ଉପରେ ରହିଛି। ତାତି ଓ ଗୁଳୁଗୁଳି ସାଙ୍ଗକୁ କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଅନୁଭୂତ ହୋଇଛି। ଅନୁଗୁଳରେ ୨୯ ମିମି, ଛତ୍ରପୁରରେ ୨୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୨୧ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମୟୂରଭଞ୍ଜ ଓ କେନ୍ଦୁଝରର କିଛି ଅଞ୍ଚଳରେ ବର୍ଷା ଆଶଙ୍କା ରହିଥିବା ବେଳେ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରି ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଆସନ୍ତା ୧୩ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ନେଇ ଆକଳନ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେଉଛି ଅଧିକ...

ଚାଷୀଙ୍କ ପ୍ରିମିୟମ ଟଙ୍କାରୁ ୬୫ କୋଟି ଟଙ୍କା ଫାଇଦା ଉଠାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ସାରା ରାଜ୍ୟରେ ଏହି ସ୍ଥିତି ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀ ପାଇଁ ରକ୍ଷା କବଚ ବୋଲି କହି ଏହି ଯୋଜନାଟି ୨୦୧୬ ଖରିଫ୍‌ଠାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିଲେ। ଦେଶର କୋଟି କୋଟି ଚାଷୀ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏହି ଯୋଜନାରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ଦୀର୍ଘ ୯ ବର୍ଷ ହେଲା ଫାଇଦା ଉଠାଇ ଚାଲିଛନ୍ତି।

ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ବୋଲି ଅଭିଯୋଗ ହୋଇଛି। କାରଣ ବର୍ତ୍ତମାନ ଚାଷୀମାନେ ନିଜ ଚାଷର ୩୩ ପ୍ରତିଶତ କ୍ଷତି ହେବା ପରେ କ୍ଷତିପୂରଣ ପାଇଁ ଆବେଦନ କରି ପାରୁଛନ୍ତି। ଏହାସହିତ ପଞ୍ଜିକରଣ ପାଇଁ ୩ ଦିନ ସମୟ ମିଳୁଥିବା ବେଳେ ଏଥିରେ ଅନେକ ଜଟିଳ ପ୍ରକ୍ରିୟା ଛନ୍ଦି ଦିଆଯାଉଛି। ଯେଉଁଥିପାଇଁ ଅନେକ ଯୋଗ୍ୟ ଚାଷୀ ବୀମା କରି ମଧ୍ୟ ସଠିକ୍ ପରିମାଣରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛନ୍ତି।

### ମୋଦୀ ବାଛିବେ ...

୨୨ ତାରିଖରେ ପ୍ରାର୍ଥିପତ୍ରର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ଆବଶ୍ୟକ ପଡ଼ିଲେ ସେପଟେମ୍ବର ୯ ତାରିଖରେ ମତଦାନ ହେବ।

ଲୋକସଭା ଏବଂ ରାଜ୍ୟସଭାର ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୬ ଥିବା ବେଳେ ନିର୍ବାଚନ ଜିତିବା ଲାଗି ୩୯୪ ଭୋଟ୍ ଦରକାର। ବିଜେପି ଏହାର ସହଯୋଗୀଙ୍କୁ ନେଇ ଗଠିତ ଏନ୍‌ଡିଏ ପାଖରେ ୪୨୨ ଜଣ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ବିଜୟୀ ହେବା ପ୍ରାୟ ନିଶ୍ଚିତ। ତେବେ ବିରୋଧୀ ଦଳ ମଧ୍ୟ ନିଜ ଆଡୁ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି।

### ଆଉ କେତେ...

ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି ବୋଲି ନବୀନ କହିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ପଟ୍ଟାମୁଣ୍ଡାଇର ଆଉ ଜଣେ ଝିଅ ନ୍ୟାୟ ପାଇଁ ନିବେଦନ କରିବା ପରେ ହତାଶାରେ ନିଜକୁ ନିଆଁ ଲଗାଇ ଦେଇଥିବା ଜାଣି ମୁଁ ଗଭୀର ଦୁଃଖିତ ଏବଂ ମର୍ମାହତ। ଦୁଃଖର ଏହି ମୁହୂର୍ତ୍ତରେ ଯୁବତୀଙ୍କ ପ୍ରତି ମୋର ସମବେଦନା ଏବଂ ପରିବାର ସଦସ୍ୟଙ୍କୁ ସହାନଭୂତି ଜଣାଉଛି। ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଭଗବାନ ତାଙ୍କ ପରିବାର ସଦସ୍ୟଙ୍କୁ ଶକ୍ତି ଦିଅନ୍ତୁ। ମାତ୍ର ଗୋଟିଏ ମାସ ମଧ୍ୟରେ ସମାନ ପରିସ୍ଥିତିରେ ରାଜ୍ୟର ତିନି ଜଣ ଝିଅ ଜୀବନ ହରାଇଛନ୍ତି। ପ୍ରତ୍ୟେକଟି ନିରୀହ ଜୀବନ ଅଦିନରେ ଝଡ଼ିଯିବା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦର୍ଶାଉଛି। ଏହା ରାଜ୍ୟ ବିଜେପି ସରକାରଙ୍କ ଏକ ଭୟଙ୍କର ଅବହେଳା ବୋଲି ନିଜ କ୍ଷୋଭୋକ୍ତିରେ ନବୀନ କହିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଆମ ମାଟିର ତିନି ଜଣ ଝିଅ ସ୍ପଷ୍ଟ ଦିବାଲୋକରେ ମୃତ୍ୟୁବରଣ କରିବାର କାରଣ ହେଉଛି ଯେ ପ୍ରଶାସନ ପ୍ରତ୍ୟେକ ସମୟରେ ସେମାନଙ୍କ ଚିତ୍କାର, ନିବେଦନ ଶୁଣିବାରେ ବିଫଳ ହୋଇଛି। ପ୍ରାୟ ପ୍ରତିଦିନ ରାଜ୍ୟ ସାରା ମହିଳାମାନଙ୍କ ବିରୁଦ୍ଧରେ ଏପରି ଅନେକ ଜଘନ୍ୟ ଅପରାଧ ସାମ୍ନାକୁ ଆସୁଛି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେଜଣଙ୍କ ଚିତା ଜଳିବାକୁ ପଡିବ। ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ନେବା ଆଗରୁ ଆଉ କେତେ ମାଆଙ୍କୁ ସେମାନଙ୍କ ଝିଅଙ୍କ ଚିତାଭସ୍ମ ଧରିବାକୁ ପଡ଼ିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

### ୩୭ ପ୍ରତିଶତ...

ଦେଇଥିବା ତଥ୍ୟ ମୁତାବକ, ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୭୪ ଥିବାବେଳେ ସେଥିମଧ୍ୟରୁ ୫୮୩୪ ଡାକ୍ତର ପଦବୀ ଖାଲିପଡ଼ିଛି। ଅର୍ଥାତ୍ ପାଖାପାଖି ୩୭ ପ୍ରତିଶତ ଡାକ୍ତର ପଦବୀ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଖାଲି ପଡ଼ିଛି। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକ ପାଇଁ ୨୮୨୩ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୧୫୪୦ ପଦବୀରେ ଡାକ୍ତର ନାହାନ୍ତି। ଅର୍ଥାତ୍ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ପାଖାପାଖି ୫୫ ପ୍ରତିଶତ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସୁନ୍ଦରଗଡ଼, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ବଲାଙ୍ଗିର, ବରଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଅଧାରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ରାଜ୍ୟରେ ୩୨୦ଟି ଭେଷଜ ବିଶେଷଜ୍ଞଙ୍କ ପଦବୀ ଖାଲି ପଡ଼ିଥିବାବେଳେ ୨୩୫ଟି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀରେ ଡାକ୍ତର ନାହାନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଚିନ୍ତିତ ଥିବାବେଳେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ଓଡ଼ିଶାରେ ୫୯୧ଟି ମଞ୍ଜୁରୀପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୬୯ଟି ଖାଲି ପଡ଼ିଥିଲା। ବିଭିନ୍ନ କାରଣରୁ ଅସ୍ତ୍ରୋପଚାର ଚିକିତ୍ସା ଉପରେ ଚାପ ବଢୁଥିବାବେଳେ ରାଜ୍ୟରେ ୫୦୦ ମଞ୍ଜୁରୀପ୍ରାପ୍ତ ଶଲ୍ୟ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୪୨ଟି ଖାଲି ପଡିଥିଲା। ଅଧାରୁ ଅଧିକ ନିଶ୍ଚେତକ ବିଶେଷଜ୍ଞ ପଦବୀ ଆମ ରାଜ୍ୟରେ ଖାଲି ପଡ଼ିଥିବାବେଳେ ନିଦାନ, ହୃଦରୋଗ, ଟିବି ଆଦି ବିଶେଷଜ୍ଞ ପଦବୀ ମଧ୍ୟ ଅଧାରୁ ଅଧିକ ଖାଲି ପଡିଛି।

ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବି ସ୍ଥିତି ସେତେଟା ଭଲ ନାହିଁ। ୧୫ଟି ସରକାରୀ ମେଡିକାଲ କଲେଜରେ ପ୍ରାୟ ୧୦୦ ପ୍ରଫେସର ପଦବୀ, ପାଖାପାଖି ୨୦୦ ସହଯୋଗୀ ପ୍ରଫେସର ପଦବୀ ଓ ୯୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ ମଧ୍ୟ ଖାଲି ଥିବା ଜଣାପଡ଼ିଛି। ମୋଟାମୋଟି ଭାବେ ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବିଭିନ୍ନ ପାହ୍ୟାର ପାଖାପାଖି ୧୦୦୦ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡସ୍ତରୀୟ ଓ ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ବହୁ କ୍ଷେତ୍ରରେ ରୋଗୀମାନଙ୍କୁ ସରକାରୀ ମେଡିକାଲ୍ କଲେଜ ଓ ଅନ୍ୟ ଡାକ୍ତରଖାନାଗୁଡ଼ିକୁ ପଠାଇବାକୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରମାନେ ବାଧ ହେଉଛନ୍ତି। ସରକାରୀ ଡାକ୍ତରଖାନା ଓ ସରକାରୀ ମେଡିକାଲ କଲେଜଗୁଡ଼ିକ ଉପରେ ସଂଖ୍ୟାଧିକ ରୋଗୀ ଭରସା କରୁଥିବା ବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଓ ଡାକ୍ତରୀ ଶିକ୍ଷକ ନ ଥିବାରୁ ବାଧ ହୋଇ ଅନେକ କ୍ଷେତ୍ରରେ ରୋଗୀମାନଙ୍କୁ ବ୍ୟୟବହୁଳ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ଯାଇ ଲୋକେ ତଳିତଳାନ୍ତ ହେଉଛନ୍ତି।

### ହସ୍ପିଟାଲ ମ୍ୟାନେଜର୍...

ପ୍ରଦର୍ଶନ କରି ଆସୁଥିଲେ। ହସ୍ପିଟାଲରେ ଡ୍ୟୁଟି ସମୟରେ ସୁଯୋଗ ପାଇ ମହିଳା ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରୁଥିଲେ। ଏପରିକି, ଆଇସିସି କମିଟିରେ ଏହି ପ୍ରସଙ୍ଗ ଉତ୍ଥାପନ ହୋଇଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମ୍ୟାନେଜର୍ ନିଶିଥ ପାଲଟା ଅଭିଯୋଗକାରୀଙ୍କ ବିରୋଧରେ କହିଥିଲେ। ମହିଳା ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କୁ ଭୁଲ୍ ମାଗିବାକୁ ବାଧ କରାଇଥିଲେ। ନିଶିଥଙ୍କ ଏସବୁ ଆଚରଣରେ ଅତିଷ୍ଠ ହେବା ପରେ ଉଭୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଆଜି ନିଶିଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ିଚାଲିଛି। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ହସ୍ପିଟାଲରେ ମଧ୍ୟ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ଏପରିସ୍ଥଳେ କଟକ ସହର ଉପକଣ୍ଠରେ ଏଭଳି ଘଟଣା ସାମ୍ନାକୁ ଆସିଛି। କଟକ ସଦର ଥାନା ଅନ୍ତର୍ଗତ ୫୯ନଂ ୱାର୍ଡ ବଙ୍ଗକୁଦସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ମ୍ୟାନେଜର ନିଶିଥ ସେଠାରେ କାର୍ଯ୍ୟରତ ମହିଳା ଫାର୍ମାସିଷ୍ଟ ଓ ମହିଳା ଡାକ୍ତରଙ୍କୁ ଅସଦାଚରଣ କରି ଆସୁଥିଲେ। ବିଭିନ୍ନ ସମୟରେ ଆଳ କରି ମହିଳାଙ୍କର ନିକଟତର ହୋଇ ବିଭିନ୍ନ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ସହିତ ସର୍ବସାଧାରଣରେ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ନିର୍ଯାତନାର ଶିକାର ହେଉଥିବା ଦୁଇ ମହିଳା ନିଶିଥଙ୍କୁ ବାରଣ କରୁଥିଲେ ସୁଦ୍ଧା ସେ ଏହାକୁ ଭ୍ରୂକ୍ଷେପ କରୁନଥିଲେ। ଅଭିଯୋଗକାରିଣୀଦ୍ୱୟ ଏ ବିଷୟରେ ପୂର୍ବରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବିଭାଗୀୟ ଅଧିକାରୀ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିଲେ। ଏପରିକି, ଉଭୟ ମାନସିକ ସ୍ତରରେ ଭାଙ୍ଗିପଡ଼ି ପୂର୍ବରୁ ଆତ୍ମହତ୍ୟା କରିବା ପାଇଁ ମଧ୍ୟ ମନସ୍ଥ କରିଥିଲେ ବୋଲି ପୁଲିସ ନିକଟରେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପତ୍ନୀ ହସ୍ପିଟାଲ ଆସି ସେମାନଙ୍କୁ ଧମକ ଦେଇଥିବା କଥା ମଧ୍ୟ ଅଭିଯୋଗକାରିଣୀ ପ୍ରକାଶ କରିଛନ୍ତି।

■ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ

# ଥାନାଧିକାରୀଙ୍କ ସମେତ ୭ ଜଣଙ୍କ ବିରୋଧରେ ଏତଲା

ଯାଜପୁର/କୁଦଳ,୭।୮ (ସମିସ): ବାଲିଚନ୍ଦ୍ରପୁର ଥାନାରେ ଜଣେ ଯୁବକଙ୍କୁ ବେଆଇନ ଅଟକ ରଖି ନିର୍ଯାତନା ଦେବା ଘଟଣାରେ ୩ ପୁଲିସଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଘଟଣାରେ ଥାନା ଅଧିକାରୀଙ୍କ ସମେତ ୭ଜଣ ପୁଲିସଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି ଯୁବକଙ୍କ ପତ୍ନୀ। ସୂଚନାନୁଯାୟୀ, ଗଣ୍ଡଗୋଳ ଘଟଣାରେ ଅଣକା ପଞ୍ଚାୟତ ମହିପୁର ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କୁ ଥାନାରେ ଅଟକ ରଖି ପୁଲିସ ନିସ୍ଥୁକ ମାଡ଼ ମାରିଥିଲା। ପୁଲିସର ନିର୍ଯାତନା ସହି ନ ପାରି ରବୀନ୍ଦ୍ର ଥାନାରେ ବିଷ ପିଇ ଗୁରୁତର ହେବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଗୁରୁବାର ତାଙ୍କ ପତ୍ନୀ ଭାନୁ ମଲ୍ଲିକ ବାଲିଚନ୍ଦ୍ରପୁର ଥାନାକୁ ଆସି ଥାନାଧିକାରୀ ସମରଜିତ୍ ନାୟକ ଓ ଏସଆଇ ହରୀଶ ସିଂହଙ୍କ ସମେତ ୭ଜଣ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଯାଜପୁର ଏସ୍‌ପି, ଡିଜି, ଆଇଜି ଓ ମାନବ ଅଧିକାର କମିଶନଙ୍କୁ ଅବଗତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ଆସନ୍ତା ଆସନ୍ତା ସୋମବାର ଥାନା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.61 dated 06.08.2025 I, Kameswar Das, S/o- Sreenibasa Das resident of Vill.- Hataguda, Po.- Panthulunga, Ps.- Padwa, Dist.- koraput, Odisha, Pin- 764038 declare that I have changed my name from **Kameswar Hantala** to **Kameswar das**. Henceforth, I shall be known as **Kameswar Das** for all purposes.

Sd/- **Kameswar Das**

**NOTICE**

M/s. JYOTI ENTERPRISERS a partnership firm address at Plot No. 1353, H/O- DIPTI KUMARI SAMANTRAY, CMC HOLDING NO. 995B/4, WARD NO. 24(27), SANKARPUR, P.O- ARUNDOYA MARKET, P.S- BADAMBDI, CUTTACK, PIN-753012, DIST-CUTTACK, STATE-ODISHA registered as FIRM as NO. 7201900168 of 2019 Dt. 07.02.2019 before the Registrar of Firm, ODISHA. By a public Notice it is hereby informed that M/s. JYOTI ENTERPRISERS is a partnership firm which is re-constituted on dt. 01.04.2024 due to retirement of a 2nd partner named SRI MRUTYUNJAYA DASH, by virtue of a Retirement Notice to present Partner SRI JAYADEBA MOHANTY, Managing Partner and also a declaration of No Objection Certificate of retirement executed before the Notary Public, Cuttack on dt. 01.04.2024 and stated as retiring partner (SRI MRUTYUNJAYA DASH) unanimously agreed to leave the above FIRM and confirm that all financial dues, liabilities, or obligations owed to me by the partnership firm up to the date of my retirement have been settled to my satisfaction. I have no objection if the remaining partner, namely SRI JAYADEBA MOHANTY, Managing Partner, continue to operate the partnership firm under the same name and structure and also a new partner may admit as Incoming Partner named SMT. SUJATA MOHANTY. By this notice it informs to the public in general that, one partner of M/s JYOTI ENTERPRISERS is retiring named SRI MRUTYUNJAYA DASH and SMT. SUJATA MOHANTY admit as incoming Partner.

B-376

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
**Office of the Superintending Engineer, Bhubaneswar (R&B) Division No. IV, Nirman Soudha, Unit-V, Bhubaneswar**

E-mail ID- eernb4bbsr@gmail.com
Tel - (0674)-2390245

**INVITATIONS FOR BIDS THROUGH e-Procurement**
No. 6581/ Date 04.08.2025
Bid Identification No.- C.C. (R&B)- 04
e-Procurement Notice No. 12 of 2025-26

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.13.8.2025 to Dt.25.8.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.25.8.2025 at 17.30 Hours. |
| 9 | Opening of Bid through online | Dt.26.8.2025 at 11.30 Hours |
| 10 | Name & Address of the Officer inviting Bid | Er.Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

*N.B: Subsequent corrigendum / addendum if required shall be available in the website as indicated above*

Additional Chief Engineer,
BBSR (R&B) Division No. IV, BBSR

OIPR-34090/11/0016/2526

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

O-556

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-02 /EE/RW/AND/2025-26**
**Construction of Sub-Centre Building**

No. 4939 Date: 06.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover** system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Finalcial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-On line 02/ EE/ RW / AND/ 2025-26 | Dt.13.08.25 at 10.00 A.M. | Dt.22.08.25 upto 5.30 P.M. | Dt.21.08.25 up to 5.30 P.M. | Dt.25.08.25 at 11.30 A.M. | |

Executive Engineer
R.W. Division, Anandapur

OIPR-25055/14/0020/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର**
ସା: କୁଳଡେରା, ପୋ.: ମାଣ୍ଡୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୧୪

**ସର୍ବସାଧାରଣ ବିଜ୍ଞପ୍ତି**

**ମୋଟର ଗାଡିର FRESH REGISTRATION CERTIFICATE ନିର୍ଗମନ ପାଇଁ ପଞ୍ଜୀକୃତ ଗାଡିମାଲିକ ମାନଙ୍କୁ FORM-37 ନୋଟିସ୍ ଜାରି**

ଏତଦ୍ୱାରା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିମ୍ନୋକ୍ତ ପଞ୍ଜୀକୃତ ଗାଡିଗୁଡିକର ମାଲିକ ମାନଙ୍କୁ ଅବଗତ କରାଉଛନ୍ତି କି ସେମାନେ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର ସହାୟତାରେ କିଣି ଥିବା ଉକ୍ତ ଗାଡିଗୁଡିକର ଋଣ କିସ୍ତି ପ୍ରଦାନରେ ଖିଲାପ କାରଣରୁ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ଗାଡିଗୁଡିକୁ ଜବତ କରିବା ପୂର୍ବକ ଗାଡିଗୁଡିକର ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ରଦ୍ଦ କରିବା ସହିତ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରିବା ପାଇଁ ଗାଡି ପଞ୍ଜୀକରଣ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିକଟରେ **FORM-36** ରେ ଦରଖାସ୍ତ କରିଅଛନ୍ତି। ନିୟମ ଅନୁଯାୟୀ **FRESH REGISTRATION CERTIFICATE** ଜାରି କରିବା ନିମନ୍ତେ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କରିଥିବା ଦରଖାସ୍ତ ବାବଦରେ ତୁମ୍ଭର ମତାମତ ଉତ୍ତର ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝରଙ୍କ ଠାରେ ଉପସ୍ଥାପନ ନିମନ୍ତେ ତୁମ୍ଭ ନିକଟକୁ **FORM-37** ରେ ନୋଟିସ୍‌ଗୁଡିକ ଗାଡିର ପ୍ରଦତ୍ତ ଠିକଣାରେ ପୋଷ୍ଟାଲ ରେଜିଷ୍ଟ୍ରି ଡାକ ଜରିଆରେ ପ୍ରେରଣ କରଯାଇଥିଲା। କିନ୍ତୁ ଆପଣ ଉକ୍ତ ଠିକଣାରେ ନ ଥିବା ଟିପ୍ପଣୀ ସହିତ ପୋଷ୍ଟାଲ ସଂସ୍ଥା **FORM-37** ରେ ପଠାଯାଇଥିବା ନୋଟିସଗୁଡିକୁ ଉକ୍ତ କାର୍ଯ୍ୟାଳୟକୁ ଫେରସ୍ତ କରିଅଛନ୍ତି।

| କ୍ର. ସଂ. | ଗାଡିଗୁଡିକର ପଞ୍ଜୀକୃତ ନମ୍ବର | ପଞ୍ଜୀକୃତ ଗାଡି ମାଲିକମାନଙ୍କର ନାମ ଏବଂ ଠିକଣା | ପ୍ରେରଣ କରାଯାଇଥିବା FORM-37 ନୋଟିସର ପତ୍ର ସଂଖ୍ୟା ଓ ତାରିଖ | ସମ୍ପୃକ୍ତ ଗାଡିର ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର ନାମ |
|---|---|---|---|---|
| 1. | OD09P3246 | Sanjay Singh, S/o: Bansraj Singh, D B Singh, Hudisahi, Joda, Dist.: Keonjhar, Odisha-758034 | No. 87 /Dt.03.06.2025. AND No.1025 / Dt.19.06.2025 | BANK OF INDIA, JODA BRANCH, JODA, KEONJHAR |

ଅତଏବ, ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ଗାଡିଗୁଡିକର ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି ଉକ୍ତ ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ **FORM-37** ର ନୋଟିସ୍ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ବ୍ୟକ୍ତିଗତ ଗ୍ରହଣ କରିବା ସହିତ ନୋଟିସର ଉତ୍ତର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କୁ ସେହି ୧୫ ଦିନ ମଧ୍ୟରେ ପ୍ରଦାନ କରିବା ହେବେ। ଯଦି **FORM-37** ନୋଟିସର ଉତ୍ତର ଆପଣଙ୍କ ଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରାପ୍ତ ନହୁଏ ତେବେ ଗ୍ରହଣ କରାଯିବକି ଉକ୍ତ ନୋଟିସ୍ ବିରୁଦ୍ଧରେ ତୁମ୍ଭର କିଛି କହିବାର ନାହିଁ। ନିୟମ ଅନୁସାରେ ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ଉକ୍ତ ଗାଡିଗୁଡିକର ରେଜିଷ୍ଟ୍ରେସନ ସାର୍ଟିଫିକେଟ ରଦ୍ଦ କରିବା ସହିତ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରାଯିବ।

ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ
ବଡ଼ବିଲ, ଜିଲ୍ଲା: କେନ୍ଦୁଝର

**AFFIDAVIT**

By virtue of an affidavit sworn before The Executive Magistrate, Umerkote, Nabarangpur vide no.5225 dated 05.08.2025 I, Jaimani Jal, W/o- Late Ramachandra Jal resident of Vill.- D.N.k. Umerkote, Po./Ps.- Umerkote, Nabarangpur, Odisha declare that I have changed my name from **Jayamani Jal** to **Jaimani Jal**. Henceforth, I shall be known as **Jaimani Jal** for all purposes.

Sd/- **Jaimani Jal**

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.62 dated 07.08.2025 I, Madhaba Muduli, S/o- Sida Muduli resident of Vill.- Burudiput, Po.- Semala, Ps.- Nandapur, Dist.- koraput, Odisha, Pin- 764037 declare that I have changed my name from **Madhaba Khora** to **Madhaba Muduli**. Henceforth, I shall be known as **Madhaba Muduli** for all purposes.

Sd/- **Madhaba Muduli**

**AFFIDAVIT**

I Sharmistha Jena, W/o- Ashish Kumar Patra resident of Plot No-1297/2739, Sarada Niwas, Kapilaprasad, Bhubaneswar, P.S.- Airfield, Dist.- Khordha, Odisha, declare by this affidavit No-311243 dtd.31/07/2025 that, I want to change my son's name from **Adeytya Patra** to **Adeitya Patra**. Henceforth he will be known as **Adeitya Patra** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025, I **Venkata Ramana Patnala,** Address: Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Venkata Ramana to **Venkata Ramana Patnala.** Henceforth, I shall be known as **Venkata Ramana Patnala** for all purposes.

Venkata Ramana Patnala

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I HARSH KUMAR PAREKH, S/o- GAUTAM CHAND PAREKH, resident of Main Road, Po/PS- KOTPAD, Dt-Koraput, Odisha -764058, Odisha declare by this Affidavit No.757, Dated - 05/08/2025, that now onwards I shall be known as **HARSH PAREKH** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RAJENDRA PRASAD SUBUDHI, S/o- CHINARI KRUSHNA MURTY SUBUDHI, resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.787, Dated - 06/08/2025,that now onwards I shall be known as **CH RAJENDRA PRASAD SUBUDHI** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RUKMUNI SUBUDHI, W/o- CH RAJENDRA PRASAD SUBUDHI , resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.755, Dated - 05/08/2025,that now onwards I shall be known as **CH ROJARANI SUBUDHI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 06-08-2025 I, Mamata Naik, At-Bijaykrushnachandrapur, PO-Deuli, PS-Chandua, Dist-Mayurbhanj, Pin- 757021 declare that I have changed the name of my son from ATUTOSH BEHERA to ASUTOSH BEHERA. Henceforth, he shall be known as **ASUTOSH BEHERA** for all purposes.

**Mamata Naik**

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 03-06-2025 I, Sukulal Tudu, Address AT- Bhola, PO-Saluadahr, PS-Suliapada, Dist-Mayurbhanj, Pin- 757022 declare that I have changed the name of my son from Phranchis Tudu to Franchish Tudu. Henceforth, he shall be known as **Franchish Tudu** for all purposes.

**Sukulal Tudu**

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I GOUTAM CHANDJI PARAKH, S/o KHOOBCHAND PAREKH, resident of Main Road, Po/PS-KOTPAD, Dt-Koraput, odisha - 764 058, Odisha declare by this Affidavit No.786, Dated - 06/08/2025, that now onwards I shall be known as **GAUTAM CHAND PAREKH** for all future purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025 I **Jyotchna Patnala,** Address Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Jyotchna to **Jyotchna Patnala.** Henceforth, I shall be known as **Jyotchna Patnala** for all purposes.

Jyotchna Patnala

**AFFIDAVIT**

By virtue of an affidavit (CF No. 01, date- 07/08/2025) sworn before The Executive Magistrate, Padampur. I, **Lilima Mahananda** (new name), resident of At-Dangarmunda, PS- Gaisilat, Dist- Bargarh, Odisha declare that I have changed my name from **Nili Mahananda** (old name) to **Lilima Mahananda** (new name). Henceforth, I shall be known as **Lilima Mahananda** (new name), D/o Gobinda Mahananda for all future purposes.

**Lilima Mahananda**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no- 2866, dated 21/07/2025 I, **Rajani Nayak,** W/o- Ranjita Nayak of Address At- Bhapur, Po- Badasireipur, Ps- Banpur, Dist- Khordha declare that I have changed my name from **Kahari Dei** to **Rajani Nayak.** Henceforth, I shall be known as **Rajani Nayak** for all purposes.

**Rajani Nayak**

**AFFIDAVIT**

I, Rahul Kumar Jain, aged about 31 years, S/o- Binod Kumar Jain, resident of Tushura, Po- Tusra, Ps- Tushura, Dist- Bolangir, Odisha, Pin- 767030 declare by this affidavit No. 1576, dtd. 07/08/2025, that now onwards I shall be known as **RAHUL JAIN** for all future purposes.

**AFFIDAVIT**

I, **Sofia Bibi,** D/o: Sheik Mobarak W/o Sk Zabir, resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No.3103 dtd: 05/08/2025 that my name is mentioned as Sufiya Khatoon D/o: Shaikh Mobarak in Transfer Certificate. I declare that **Sufiya Khatoon** and **Sofia Bibi** is one and same person.

**Sd/- Sofia Bibi**

**AFFIDAVIT**

I, **SK. ZABIR,** S/o SK. Razak resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No. 3104 dtd: 05/08/2025 that my name is mentioned as Shaik Zabir S/o: Shaik Razaque in Transfer Certificate. I declare that **SK. Zabir** and **Shaik Zabir** is one and same person.

**Sd/- SK Zabir**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 06.08.2025, I **Deepanjali Nayak,** W/o- Ashok Nayak, resident of At- Patanebalipatana, Po.- Kunjuri, PS.- Khordha Sadar, Dist.- Khordha, Odisha- 752056 declare that I have changed my name from **Deepanjili Nayak** to **Deepanjali Nayak.** Henceforth I shall be known as **DEEPANJALI NAYAK** for all purposes.

**Deepanjali Nayak**

# ପରଲୋକରେ ରାଜା ବିଭୂତିଭୂଷଣ ସିଂହ ମର୍ଦ୍ଦରାଜ



ଖଣ୍ଡପଡ଼ା,୭।୮ (ସମିସ): ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି, ପୂର୍ବତନ ମନ୍ତ୍ରୀ ଏବଂ ଖଣ୍ଡପଡ଼ାର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ(୭୦)ଙ୍କର ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିବାବେଳେ ବୁଧବାର ରାତି ୧୨.୩୦ ମିନିଟ୍‌ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଥିବା ସୂଚନା ମିଳିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ତଥା ରାଣୀ ଦେବକୀ ଦେବୀ କୁମାରୀ, ପୁଅ ଯୁବରାଜ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଉପସ୍ଥିତ ଥିଲେ।

୧୯୫୫ ଜାନୁଆରୀ ୪ ତାରିଖରେ ଜନ୍ମଗ୍ରହଣ କରିଥିବା ବିଭୂତି ଭୂଷଣ ସିଂହ ୧୯୮୦ରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରଥମ ଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଶ୍ରୀ ମର୍ଦ୍ଦରାଜ ୧୯୮୫ ଏବଂ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ଭାବରେ ପୁନଃ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ରେ ସେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭାବେ

## ଆଜି ଶବ ସତ୍କାର

ନିର୍ବାଚିତ ହୋଇଥିଲେ ଏବଂ ୪ ବର୍ଷ ପାଇଁ ଏହି ପଦବୀରେ ରହିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବିଭିନ୍ନ ଦଳର ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ସକାଳେ ତାଙ୍କ ପାର୍ଥିବ ଶରୀରକୁ ଓଡ଼ିଶା ବିଧାନସଭାକୁ ଅଣାଯାଇଥିବା ବେଳେ ସେଠାରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସେହିପରି ବହୁ ସଂଖ୍ୟକ ରାଜନୈତିକ ଦଳର ନେତା ଏବଂ ସାମାଜିକ କର୍ମୀ ତାଙ୍କ ବାସଭବନକୁ ଯାଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ଖଣ୍ଡପଡ଼ାକୁ ଅଣାଯାଇଥିଲା। ଫତେଗଡ଼ଠାରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ, ବଜାର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶୁଭେଚ୍ଛୁମାନେ ସ୍ୱର୍ଗତ ସିଂହ ମର୍ଦ୍ଦରାଜଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅନ୍ତିମ ଦର୍ଶନ କରିଥିଲେ।

ସେହିଭଳି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ କୁମାର ମାର୍ଥା, ବରିଷ୍ଠ ବିଜେପି ନେତା ସନ୍ତୋଷ ପ୍ରଧାନ, ରାଘବ ମଲ୍ଲିକ, ମହିଳା ବିଜେପି ନେତ୍ରୀ ଇଂ ଅର୍ଚ୍ଚନା ଦାଶ, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତିଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାମ୍ବାଦିକ, ହଜାର ହଜାର ସଂଖ୍ୟାରେ ଶୁଭେଚ୍ଛୁ ଖଣ୍ଡପଡ଼ାସ୍ଥିତ ରାଜବାଟୀରେ ଉପସ୍ଥିତ ରହି ସ୍ୱର୍ଗତ ସିଂହ ମର୍ଦ୍ଦରାଜଙ୍କ ଅନ୍ତିମ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଥିଲେ। ଏତଦ୍ ବ୍ୟତୀତ ରାଜ୍ୟର ବିଭିନ୍ନ ରାଜ ପରିବାରର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ରାଜ ପରିବାର ସୂତ୍ରରୁ ସୂଚନା ମିଳିଛି।

## ରାଜାଙ୍କୁ ସବୁ ଛକ ବଜାରରେ ଶ୍ରଦ୍ଧାଞ୍ଜଳି



**ଭାପୁର:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ, ବିଧାନସଭାର ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବିୟୋଗରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ୍ ସହ ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ବୁଧବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ପରେ ଗୁରୁବାର ମଧ୍ୟାହ୍ନରେ ତାଙ୍କ ମରଶରୀରକୁ ଖଣ୍ଡପଡ଼ା ଅଭିମୁଖେ ଅଣାଯିବା ସମୟରେ ଭାପୁର ବ୍ଲକ୍‌ର ଫତେଗଡ଼, ଭାପୁର, ଜାମୁସାହି, କାଚେରୀସାହି, ବସନ୍ତପୁର, ବାଇଗୁଣିଆ, ବାହାଡ଼ା ଛକରେ ହଜାର ହଜାର ଜନତା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ଜଣେ ମେଳାପି ଓ ସ୍ନେହି ମଣିଷ ଭାବେ ଜଣାଶୁଣା ଥିଲେ। ଫତେଗଡ଼ ବଜାରରେ ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ଭାପୁର ବରିଷ୍ଠ ନାଗରିକ ସଂଘର ସଭାପତି ତଥା ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟଙ୍କ ସହ ଅନେକ ସରପଞ୍ଚ, ସମିତିସଭ୍ୟ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଭାପୁର ବଜାରରେ ସମାଜସେବୀ ଜିତେନ୍ଦ୍ର କୁମାର ରଣସିଂହ, ସରକାରୀ ଓକିଲ କେଦାର ନାଥ ସାହୁ, ବଜାର କମିଟିର କର୍ମକର୍ତ୍ତା ଓ ବହୁ ବରିଷ୍ଠ ନାଗରିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନୟାଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ

## ଶାସକ ଦଳ କର୍ମୀଙ୍କ ଗୁଣ୍ଡାଗିରି

ନୟାଗଡ଼,୭।୮ (ସମିସ): ନୟାଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର ଶାସକ ଦଳ ସମର୍ଥିତ କର୍ମୀଙ୍କ ଗୁଣ୍ଡାଗିରି ଦେଖିବାକୁ ମିଳିଛି। ବ୍ଲକ୍ କାର୍ଯ୍ୟାଳୟରେ ଶତାଧିକ ବିଜେପି ସମର୍ଥିତ କର୍ମୀ ପଶି ସହକାରୀ ଯନ୍ତ୍ରୀଙ୍କୁ ଆକ୍ରମଣ କରିଥିବା ଦେଖାଯାଇଛି। ଏନେଇ ଯନ୍ତ୍ରୀଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

ନୟାଗଡ଼ ବ୍ଲକ୍ ଅଧୀନ ୨୯ ପଞ୍ଚାୟତର କରାଯାଉଥିବା ବିକାଶମୂଳକ କାର୍ଯ୍ୟରେ ଶାସକ ଦଳ କର୍ମୀଙ୍କୁ ନିୟୋଜିତ କରି କାମ କରିବାକୁ ପରୋକ୍ଷରେ ଦାବି କରାଯାଉଛି। ଏପରିକି ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ରଦାନ ପାଇଁ କର୍ମଚାରୀଙ୍କୁ ବାଧ୍ୟ କରାଯାଉଛି। ଯାହାକୁ ବ୍ଲକ୍ କର୍ମଚାରୀ ଅଣଦେଖା କରିବାରୁ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଶତାଧିକ ଶାସକ ଦଳ କର୍ମୀ ବ୍ଲକ୍ କାର୍ଯ୍ୟାଳୟରେ ପଶି ହୋ-ହଲ୍ଲା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ମଧ୍ୟ ଦେଖିବାକୁ ମିଳିଛି। ଏପରିକି ଜନୈକ ନେତା ଆଗକୁ ବଡ଼ ଧରଣର କାଣ୍ଡ ଘଟିବ ବୋଲି ଚେତାବନୀ ଦେଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ବ୍ଲକ୍‌ରେ ସୃଷ୍ଟି ହୋଇଥିବା ଏଭଳି ପରିସ୍ଥିତିକୁ ନେଇ ଆଗାମୀ ଦିନରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା କରାଯାଉଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଗଣିଆ,୭।୮ (ସମିସ): ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଯୁବକ ଜଣକ ତାମରଖୋଲା ଗ୍ରାମର କିଶୋର ପ୍ରଧାନଙ୍କ ପୁଅ ସୁକାନ୍ତ ପ୍ରଧାନ। ସୁକାନ୍ତ ବାଇକ୍ ନେଇ ଯାଉଥିବାବେଳେ କାକୁଡ଼ିଖୋଲଠାରେ ଥିବା ଆଦର୍ଶ ବିଦ୍ୟାଳୟ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ତାଙ୍କ ମୁହଁ ଖଣ୍ଡିଆଖାବରା ହୋଇଯାଇଥିଲା। ରାସ୍ତା ପାଖର୍ରେ ଅଚେତ ଅବସ୍ଥାରେ ପଡ଼ି ରହିଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଗଣିଆ ଓ ପରେ ନୟାଗଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ● ଖରିଫ୍ ଚାଷୀ ପଞ୍ଜୀକରଣରେ ସମସ୍ୟା

## ପାକ୍ସ ସାମ୍ନାରେ ଭାଇ-ଭାଇ ଗଣ୍ଡଗୋଳ

ନୟାଗଡ଼,୭।୮ (ସମିସ): ଖରିଫ୍ ଚାଷୀ ପଞ୍ଜୀକରଣରେ ବ୍ୟାପକ ସମସ୍ୟା ଦେଖାଯାଉଛି। ସରାକରଙ୍କ ନିଷ୍ପତ୍ତି ପାଇଁ ପାକ୍ସ ସାମ୍ନାରେ ଭାଇ-ଭାଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ସାଜି ଜମି ପଞ୍ଜୀକରଣକୁ ନେଇ ବିଭିନ୍ନ ସ୍ଥାନରେ ମତଭେଦ ସୃଷ୍ଟି ହେବା ସହ ଅଡୁଆ ସ୍ଥିତିରେ ପଡୁଛନ୍ତି ପାକ୍ସ କର୍ମଚାରୀ। ପ୍ୟାକ୍ସ ସମ୍ପାଦକ ଓ ଡିଇଓ ଆକ୍ରୋଶର ଶିକାର ହେଉଥିବା ଦେଖିବାକୁ

### ପୁଲିସ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

### ପାକ୍ସ କର୍ମଚାରୀ ଆକ୍ରୋଶର ଶିକାର

ମିଳିଛି। ଯାହାକୁ ନେଇ ଗୁରୁବାର ନୟାଗଡ଼ ଜିଲ୍ଲାପାଳଙ୍କ ପକ୍ଷରୁ ପାକ୍ସଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାକୁ ନୟାଗଡ଼ ଏସ୍‌ପିଙ୍କୁ ପରାମର୍ଶ ଦିଆଯାଇଛି।

ପାକ୍ସ ସମ୍ପାଦକଙ୍କ ଅନୁରୋଧକ୍ରମେ ସ୍ଥାନୀୟ ଥାନା ପୁଲିସ ପାକ୍ସଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳଙ୍କ ପକ୍ଷରୁ କୁହାଯାଇଛି। ଯୋଗାଣ ବିଭାଗ ଚିଠି ନଂ ୩୮୫୭ରୁ ଏହା ଜଣାପଡ଼ିଥିବାବେଳେ ପଞ୍ଜୀକରଣକୁ ନେଇ ଜିଲ୍ଲାରେ ସୃଷ୍ଟି ହେଉଥିବା ସମସ୍ୟା ସ୍ପଷ୍ଟ ହୋଇଛି। ନୟାଗଡ଼ ଜିଲ୍ଲାର ୧୫୩ଟି ପ୍ୟାକ୍ସରେ ଚାଷୀ ପଞ୍ଜୀକରଣ ଚାଲିଥିବାବେଳେ ସବୁଠି ଏବେ ସରଗରମ ସ୍ଥିତି ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା କଡ଼ାକଡ଼ି ନିୟମ ଦ୍ୱାରା ଚାଷୀ ବଳିପଡ଼ିବା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ଚାଷୀ ବଳକା ଧାନ ବିକ୍ରି କରିବା ପାଇଁ ଯେଉଁ ବ୍ୟବସ୍ଥା ଆପଣା ଯାଇଛି, ତାହାଦ୍ୱାରା ଆବଶ୍ୟକ ଟୋକନ୍ ମିଳିବ କି ନାହିଁ ବୋଲି ସନ୍ଦେହ ପ୍ରକାଶ ପାଇଛି। ଯାହାକୁ ନେଇ ଚାଷୀ ମହଲରେ ଗଭୀର ଆଶଙ୍କା ସହ ଚିନ୍ତା ସୃଷ୍ଟି ହୋଇଛି। ଏହା ସହିତ ଠାକୁରଙ୍କ ନାମରେ ବିଭିନ୍ନ ଗ୍ରାମ ମାର୍ଫତ୍‌ରେ ରହିଥିବା ଜମିଗୁଡ଼ିକ ପଞ୍ଜୀକରଣ କରିବାରେ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଏହି ଜମି ପଞ୍ଜୀକରଣ କିଭଳି କରାଯିବା ତାକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରୁନାହିଁ। ସାଜି ଜମିଗୁଡ଼ିକ ଲିଗାଲ ହେୟାର ଅନୁସାରେ ପଞ୍ଜୀକରଣ କରିବାବେଳେ ଆଧାର ଅପ୍‌ଡେଟ୍ ହେଉ ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ଉକ୍ତ ଜମିଗୁଡ଼ିକୁ ଟୋକନପ୍ରାପ୍ତ ହେବ ନା ନାହିଁ ସନ୍ଦେହ ରହିଛି। ଚଳିତ ବର୍ଷ ପଞ୍ଜୀକରଣ ବ୍ୟବସ୍ଥାକୁ ଜଟିଳ କରି ଚାଷୀଙ୍କୁ ସରକାର ଅଡୁଆ ଭିତରକୁ ଠେଲି ଦେଇଥିବା ଅନେକ ମତ ଦେଇଛନ୍ତି। ଯାହାଦ୍ୱାରା ଚାଷୀ ନିଜ ଚାଷ କାର୍ଯ୍ୟ ଛାଡ଼ି ପାକ୍ସରେ ବସି ରହୁଥିବା ଦେଖିବାକୁ ମିଳିଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

ନୟାଗଡ଼,୭।୮ (ସମିସ): ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିନ୍ଧୁରିଆ ପଞ୍ଚାୟତ ସଭାଗୃହଠାରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଗ୍ରାମବାସୀଙ୍କୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକଙ୍କ ପାଇଁ କ'ଣ ସବୁ ଯୋଜନା ଅଛି ଏବଂ ଏହାର ସୁବିଧା ସୁଯୋଗ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶିବିର ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ଓଡ଼ିଶା ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ। ଏହି ଯୋଜନା ଲୋକଙ୍କ ଉପକାର ପାଇଁ ଉଦ୍ଦିଷ୍ଟ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଓକିଲ ରମେଶ ଚନ୍ଦ୍ର ମହାରଣା, ସଦସ୍ୟା କ୍ଷଣପ୍ରଭା କର, ସମାଜସେବୀ ପ୍ରଭାସିନୀ ନନ୍ଦ ଏବଂ ସରପଞ୍ଚ ପ୍ରମୋଦ କୁମାର ବେହେରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ।

### ■ ବିଧାୟକଙ୍କ ଜନଶୁଣାଣି ଶିବିର

## କ୍ରିୟାନୁଷ୍ଠାନ କମିଟିର ୧୨ ଦଫା ଦାବିପତ୍ର ପ୍ରଦାନ

ଭାପୁର,୭।୮ (ସମିସ): ଭାପୁର ପୂର୍ତ୍ତ ଡାକବଙ୍ଗଳାରେ ଗୁରୁବାର ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଜନଶୁଣାଣି ଶିବିର ଆୟୋଜନ କରିଥିଲେ। ଏହି ଶିବିରରେ ଭାପୁର ତହସିଲ୍‌ଦାର ଅର୍ଜ୍ଜୁନ ପ୍ରଧାନ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ ପ୍ରସାଦ ନାୟକ, ବ୍ଲକ୍ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ, ଯୋଗାଣ ଅଧିକାରୀ ଦୀପକ କୁମାର କହଁର, ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ସହ ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ମୋଟ୍ ୭୬ ଅଭିଯୋଗ ଆସିଥିଲା। ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ ଓ ସମ୍ପାଦକ ପ୍ରଭାକର ସାହୁ, ଗଙ୍ଗାଧର ବାରିକ, ପଦ୍ମନାଭ ବେହେରା, ଲକ୍ଷ୍ମୀଧର ମହାପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ



ପ୍ରଦାନ କରିଥିଲେ। ଏହି ଦାବିଗୁଡ଼ିକ ମଧ୍ୟରେ ଭାପୁରକୁ ଏନ୍‌ଏସି ମାନ୍ୟତା, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଖାଲି ପଡ଼ିଥିବା ୧୬ ଡାକ୍ତର ପଦ ପୂରଣ ଓ ସିଡିଏମ୍‌ଓ ନେଇଥିବା ଦୁଇ ଜଣ ଡାକ୍ତରଙ୍କ ଡେପୁଟେସନ ବାତିଲ୍ କରି ଭାପୁର ଡାକ୍ତରଖାନାକୁ ଫେରାଇଦେବା, ଭାପୁରରେ ବିଦ୍ୟୁତ୍ ସବ୍‌ଡିଭିଜନ ପ୍ରତିଷ୍ଠା, ଭାପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ବସ୍‌ଷ୍ଟାଣ୍ଡ ନିର୍ମାଣ, ଡାକଘରର ନିଜସ୍ୱ ଗୃହ ନିର୍ମାଣ, ସବ୍ ରେଜିଷ୍ଟ୍ରାର ଅଫିସକୁ ପୂର୍ଣ୍ଣ ମର୍ଯ୍ୟାଦା ପ୍ରଦାନ, ଜଳସେଚନ ଓ କ୍ଷୁଦ୍ର ଜଳସେଚନ ଅଫିସ ଭାପୁର କାର୍ଯ୍ୟ କରିବା ଓ ଗୋପାଳପ୍ରସାଦ ରାଧାକୃଷ୍ଣ ମନ୍ଦିର, ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିର, ପଥରଚକଡ଼ା ନାରାୟଣୀ ମନ୍ଦିର, ବାଘୁଆପଲ୍ଲୀର ଆଖଣ୍ଡଳମଣୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ, ଭାପୁରରେ ଟ୍ରେଜେରୀ ସ୍ଥାପନ ଦାବି ଭଳି ପ୍ରମୁଖ ଦାବି ରହିଛି।

### ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର

## ସୌନ୍ଦର୍ଯ୍ୟକରଣ ଓ ମନ୍ଦିର ବେଢ଼ାରୁ ଦୋକାନ ସ୍ଥାନାନ୍ତର ଦାବି

ଓଡ଼ଗାଁ,୭।୮ (ସମିସ): ନୟାଗଡ଼ ଜିଲ୍ଲା ତଥା ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ଓଡ଼ଗାଁ ଗୁପ୍ତ ଅଯୋଧ୍ୟାର ଅଧୀଶ୍ୱର ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ବହୁ ବାଦାନୁବାଦ ମଧ୍ୟରେ ରୂପାନ୍ତରଣ ନିଷ୍ପତ୍ତି ମିଳିବା ପରେ ସାରା ଓଡ଼ଗାଁ ଅଞ୍ଚଳବାସୀଙ୍କ ମନରେ ଏକ ଉତ୍ସାହର ବାତାବରଣ ଦେଖାଯାଇଥିଲା। ତତ୍କାଳୀନ ବିଜେଡି ସରକାର ଦ୍ୱାରା ଏଥିପାଇଁ ଅନୁମୋଦିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଘୋଷଣା କରାଯାଇ ଠିକାଦାର ନିଯୁକ୍ତ ହୋଇଥିଲେ। ସେହି ବର୍ଷ ମନ୍ଦିରର ସୌନ୍ଦର୍ଯ୍ୟକରଣ ସାରି ଧୁମ୍‌ଧାମ୍‌ରେ ଶ୍ରୀରାମ ନବମୀ ପାଳିତ ହେବାର ନିଷ୍ପତ୍ତି ରହିଥିବାବେଳେ ଘୋଷଣାରେ ବହୁ ବିଳମ୍ବରେ କାର୍ଯ୍ୟ ଆରମ୍ଭ କରି ଠିକାଦାର ମାସ ମାସ ଧରି କେଉଁଆଡ଼େ ଉଭାନ୍ ହୋଇଯିବାରୁ ବିନା ରଙ୍ଗରେ ପ୍ରସିଦ୍ଧ ଯାତ୍ରା ପାଳିତ ହୋଇଥିଲା। ପରବର୍ତ୍ତୀ ସମୟରେ ମନ୍ଦିର ପୂଜକ ଓ ସୁଆର ସେବକଙ୍କ ସହିତ ଅଞ୍ଚଳର ଶ୍ରଦ୍ଧାଳୁମାନେ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ସମୟରେ ଦାବି କରିଥିଲେ। ପ୍ରାୟ ୧ ବର୍ଷର ବିଳମ୍ବରେ ଉକ୍ତ କାର୍ଯ୍ୟକୁ ଠିକାଦାର ଆରମ୍ଭ କରିଥିଲେ ମଧ୍ୟ ମନ୍ଦିରର କାର୍ଯ୍ୟ ସହିତ କେବଳ ପ୍ରାଚୀରର ପ୍ଲାଷ୍ଟର, ଝୁଲଣ ମଣ୍ଡପ ଛାତରେ ବଜୁରୀ ପ୍ରଲେପ, ମନ୍ଦିର ଦକ୍ଷିଣ ଦ୍ୱାରରେ କିଛି କଳା ଗ୍ରାନାଇଟ୍ ପକାଇବା ସହିତ ମନ୍ଦିରକୁ ନୂଆ ରଙ୍ଗ ଦେଇ କାମରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ତେବେ ରାଜ୍ୟ ତଥା ଜିଲ୍ଲାର ଅନ୍ୟାନ୍ୟ ମନ୍ଦିରଗୁଡ଼ିକ ପରି ରୂପାନ୍ତରଣ ନିମନ୍ତେ ଐତିହ୍ୟସମ୍ପନ୍ନ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରର ରୂପାନ୍ତରଣ ନିମନ୍ତେ ମନ୍ଦିର ପୂଜକ ଓ ସୁଆର ସେବକମାନେ ମନ୍ଦିର ପରିଚାଳକଙ୍କ ଜରିଆରେ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦ୍ଦାରଙ୍କ ନିକଟରେ ପୁନଃ ଦାବି କରିଛନ୍ତି। ଏଥିସହିତ ମନ୍ଦିର ବେଢ଼ାରୁ ସମସ୍ତ ଅସ୍ଥାୟୀ ଦୋକାନ ଉଠାଇ ସ୍ଥାୟୀ ଗୃହକୁ ସ୍ଥାନାନ୍ତର କରାଯାଉ। ନୂତନ ଭାବେ ନିର୍ମିତ ପୂଜା ବଜାର ଗୃହ ନିଲାମଧାରୀମାନେ ଅନ୍ୟକୁ ଭଡ଼ା ନ ଦେଇ ନିଜେ ଦୋକାନ କରନ୍ତୁ। ଅନ୍ୟଥା ଏଠାରେ ଗୋଦାମ ଗୃହ କରି ସଟର ବନ୍ଦ ରଖୁଥିବାରୁ ବଜାର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଏଣୁ ସେମାନଙ୍କୁ ଉଚ୍ଛେଦ କରି ନୂତନ ବ୍ୟକ୍ତିଙ୍କୁ ଦୋକାନ ଗୃହ ପ୍ରଦାନ କରାଯାଉ। ସର୍ବୋପରି ମନ୍ଦିର ଚାରିପାଖକୁ ସଫାସୁତରା କରିବା ସହିତ ଆଲୋକୀକରଣ ଓ ଆବଶ୍ୟକୀୟ ବୃକ୍ଷରୋପଣ କରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ପୂଜକ ପରିଷଦ ସଭ୍ୟମାନେ ଏହି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।



## ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଏଚ୍‌ଆଇଭି ସଚେତନତା

ନୟାଗଡ଼,୭।୮ (ସମିସ): ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିଆରା ଢଙ୍ଗରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ତଥା ରେଡ୍ ରିବନ କ୍ଲବ୍ ତରଫରୁ ଏଚ୍‌ଆଇଭି ସଚେନତତା କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ସ୍ମିତାରାଣୀ ରାଉତରାୟ ଉଦ୍‌ଘାଟନ କରିଥିଲେ। ପ୍ରତୀକ ସ୍ୱରୂପ ରେଡ୍ ରିବନ ରାକ୍ଷୀ ସ୍ୱେଚ୍ଛାସେବୀମାନେ ତିଆରି କରି ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ହାତରେ ବାନ୍ଧିଥିଲେ। ଏହି ସଚେତନତା କ୍ଲବ୍ ସଂଯୋଜିକା ମିନାକ୍ଷୀବାଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଜିଲ୍ଲା ଚିକିତ୍ସାଳୟ କାଉନ୍‌ସିଲର ଦେବାଶିଷ ସିଂ ଏବଂ ଅଶୋକ କୁମାର ନାୟକ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଙ୍କୁ ଏଚ୍‌ଆଇଭି ମୂଳ ବିଜ୍ଞାନ, ସଂକ୍ରମଣ, କାରଣ ଏବଂ ସଂକ୍ରମଣ ରୋକିବାର ଉପାୟ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ରୀନାବାଳା ଆଚାର୍ଯ୍ୟ, ଅନ୍ୱେଷା ମହାନ୍ତି, ମଧୁପର୍ଣ୍ଣା ସାମଲ, ସୋମା କାଲିଆ, ରଚିତା ଚୌଧୁରୀ, ସରସ୍ୱତୀ ପ୍ରଧାନ, ପୂଜା ଜୟସିଂହ, ସସ୍ମିତା ନାୟକ, ଅଧ୍ୟାପକ ଭୁବନେଶ୍ୱର ବେହେରା, କୃଷ୍ଣ ଚନ୍ଦ୍ର ଦାଶ, ପୁଷ୍ପାଞ୍ଜଳି ତ୍ରିପାଠୀ, ନନ୍ଦିତା ଜେନା, କାଦମ୍ବିନୀ ଯାଦବ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସବିତା ବାଳା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳମାଧବ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

କଣ୍ଟିଲୋ,୭।୮ (ସମିସ): ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଯୁକ୍ତ ୨ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କର ମହାବିଦ୍ୟାଳୟ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏତଦ୍ ଉପଲକ୍ଷେ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ଅଣଶିକ୍ଷକ କର୍ମଚାରୀମାନଙ୍କର ଏକ ସଭା କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନନ୍ଦିତା ବାରିକ ସଭାପତିତ୍ୱ କରିଥିଲାବେଳେ କଣ୍ଟିଲୋ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶରତ କୁମାର ସାହୁ, ଅଧ୍ୟାପକ ହୃଷୀକେଶ ମିଶ୍ର, ଅଧ୍ୟାପକ ସୁଜଳ ମହାରଣା ଓ ସାମ୍ବାଦିକ ପ୍ରଭାକର ଶିରୋମଣି ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ପ୍ରଭୁ ଶ୍ରୀନୀଳମାଧବଙ୍କ ଚିତ୍ର ପ୍ରତିମାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉପର ଶ୍ରେଣୀର ଛାତ୍ରଛାତ୍ରୀମାନେ ନୂତନ ବିଦ୍ୟାର୍ଥୀମାନଙ୍କୁ ଫୁଲ-ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଅଧ୍ୟାପକ ଓମ୍ ପ୍ରକାଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟାପକ ପ୍ରଭାତ କୁମାର ବେହେରା ସଭାର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟାପକ ମାନଗୋବିନ୍ଦ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା କାମ ଅଧାରୁ ଛାଡ଼ି ଠିକାଦାର ଛୁ'

ରଣପୁର,୭।୮ (ସମିସ): ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ମର୍ଦ୍ଦାବାଡ଼ିଠାରୁ ଲେଖନପୁର ବିନୋଦପଡ଼ା ରାସ୍ତା ଏବେ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଠିକାଦାର ଆଧାରୁ କାମ ଛାଡ଼ି ଚାଲିଯାଇଛନ୍ତି ବୋଲି ନିକଟସ୍ଥ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁସାରେ, ବିଭାଗୀୟ ଜେଇ ଦିଲ୍ଲୀପ ବରାଳ ଓ ଜନୈକ ଠିକାଦାରଙ୍କ ମିଳିଭଗତରେ ରାସ୍ତାର ପିଚୁ କାମ ଅତି ନିମ୍ନମାନର ଓ ରାତିଅଧରେ ହେଉଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ଅଭିଯୋଗ କରିବାରୁ ମିଛ କେସ୍ କରି ଲୋକଙ୍କୁ ଭୟଭୀତ କରାଯାଇଥିଲା। ସେବେଠାରୁ ଠିକାଦାର କାମ ବନ୍ଦ କରି ଛୁ ମାରିଛନ୍ତି। ଫଳରେ ଗାଡ଼ି ଯାତାୟାତ ଅସମ୍ଭବ ହୋଇପଡ଼ିଛି। ଯଦି ସେ ରାସ୍ତାରେ ଅଜାଣତରେ କେହି ଗାଡ଼ି ପୂରାଇ ଦେଉଛି ତ ଅନ୍ୟ ପଟରୁ ଯଦି ଗାଡ଼ି ଆସିଯାଏ, ତାହେଲେ ଏହାକୁ ବାହାର କରିବା ପାଇଁ ଘଣ୍ଟାଘଣ୍ଟା ସମୟ ଲାଗିଯାଉଛି। ଏହି ରାସ୍ତା ଉପରେ ହଜାର ହଜାର ଲୋକ ଓ ୧୦ରୁ ୧୨ ଗ୍ରାମ ପଞ୍ଚାୟତର ଅଧିବାସୀମାନେ ନିର୍ଭର କରୁଛନ୍ତି। ହେଲେ ରାସ୍ତା କାମ ଅଧାରୁ ବନ୍ଦ ରହିବା ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେଉଁ



କାରଣରୁ ଓ କି ଉଦ୍ଦେଶ୍ୟରେ ଠିକାଦାର କାମ ଛାଡ଼ି ଚାଲିଯାଇଛନ୍ତି ତାହା ସମସ୍ତଙ୍କୁ ଅଗୋଚର। ଏ ଦିଗରେ ବିଭାଗୀୟ ଅଧିକାରୀ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅତ୍ୟନ୍ତ ଜରୁରୀ ସେବା ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଆସିବା ବି ବନ୍ଦ ହୋଇଛି। ଜିଲ୍ଲାପାଳ ଓ ରାଜ୍ୟ ସରକାର ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

### ଫତେଗଡ଼ ହାଇସ୍କୁଲ ରାସ୍ତା ଜବରଦଖଲ

## ଆଣ୍ଠୁଏ ପାଣିରେ ଯାଉଛନ୍ତି ଛାତ୍ରଛାତ୍ରୀ

ଭାପୁର,୭।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ହାଇସ୍କୁଲ ରାସ୍ତା ଜବରଦଖଲ ଯୋଗୁଁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଯିବାଆସିବା କଷ୍ଟକର ହେଉଛି। ଜବରଦଖଲକାରୀ ଡ୍ରେନ୍ ପୋତିଦେଇଥିବାରୁ ବର୍ଷା ସମୟରେ ଆଣ୍ଠୁଏ ପାଣିରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ବହୁ କଷ୍ଟରେ ଯିବାଆସିବା କରୁଛନ୍ତି।

ଫତେଗଡ଼ ଛକ ଉପରେ ପ୍ରତିଷ୍ଠିତ ଏହି ହାଇସ୍କୁଲ ସହ ପ୍ରାଥମିକ ବିଦ୍ୟାଳୟ ଓ ଏମ୍‌ଇ ସ୍କୁଲର ମିଶ୍ରଣ ହୋଇଛି। ଫଳରେ ଏଠାରେ ବର୍ତ୍ତମାନ ୫ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଫତେଗଡ଼ ଥାନା ପାଚେରିକୁ ଲାଗି ଏହି ଜବରଦଖଲ ହୋଇଛି। ଜବରଦଖଲକାରୀମାନେ ଡ୍ରେନ୍‌କୁ ପୋତି ବାରଣ୍ଡା କରିଥିବାର ଅଭିଯୋଗ ହୋଇଛି। ବିଦ୍ୟାଳୟକୁ ବଜାରରୁ ମାତ୍ର ୧୦୦ ମିଟର ରାସ୍ତାକୁ କିଛି ପରିବାର ଜବରଦଖଲ କରି ରାସ୍ତାରେ ଗୋଡ଼ି, ବାଲି, କାଠ ଜମା କରିବା ଓ ଗାଇ ବଳଦ ବାନ୍ଧୁଛନ୍ତି। ଫଳରେ ପ୍ରତିଦିନ ଛାତ୍ରଛାତ୍ରୀମାନେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ସମୟରେ କରୁଣ ଅବସ୍ଥା ସୃଷ୍ଟି ହେଉଛି। ବର୍ଷାଜଳ ନିଷ୍କାସନ ପାଇଁ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଏକ ପୋଲ ଏବଂ ଏହାକୁ ଲାଗି ଏକ ଡ୍ରେନ୍ ନିର୍ମାଣ ହୋଇଥିଲେ ହେଁ ଏହା ଜବରଦଖଲ ଯୋଗୁଁ କାମରେ ଆସୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ଭାପୁରର ବର୍ତ୍ତମାନ ବ୍ଲକ୍ ଅଧ୍ୟକ୍ଷ ବେଣୁଧର ପ୍ରଧାନ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ତୋଫାନ ପ୍ରଧାନ ଏହି ବିଦ୍ୟାଳୟର ପୁରାତନ ଛାତ୍ର ଥିଲେ। ବିଦ୍ୟାଳୟର ଉନ୍ନତି ଦିଗରେ ସେମାନେ ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ତହସିଲ୍‌ଦାର ଛାତ୍ରଛାତ୍ରୀଙ୍କ ଏପରି ଦୟନୀୟ ଅବସ୍ଥାକୁ ଗୁରୁତ୍ୱ ଦେଇ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।



## ବିଦ୍ୟୁତ୍ କେବୁଲ ଚୋରି ଘଟଣାରେ ଜଣେ ଗିରଫ

ଜଟଣୀ, ୭।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟାରେ ଏକ ଗୋଦାମରେ ପଶି ବିଦ୍ୟୁତ୍ କେବୁଲ୍ ଲୁଟ୍ ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଗଡ଼ଖୋର୍ଦ୍ଧା ପରିଡ଼ାସାହିର ସୁଦର୍ଶନ ବିଶ୍ୱାଳ ଓରଫ ବବ୍‌ଲୁ (୨୬)। ୧୫୦ ମିଟର ଆଲୁମିନିୟମ୍ ଆର୍ମଡ୍ କେବୁଲ୍ ଓ ୫୦୦ ମିଟର କପର ଆର୍ମଡ୍ କେବୁଲ୍ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଗୋଦାମ ମାଲିକ ରୁଦ୍ର ପ୍ରସାଦ ଜେନାଙ୍କ ବଡ଼ତୋଟାରେ ଥିବା ଗୋଦାମରୁ ବବ୍‌ଲୁ ଗତ ଜୁନ୍ ୧୧ ଓ ୧୪ ତାରିଖ ରାତିରେ ପାଚେରି ଡେଇଁ ପ୍ରାୟ ୧୦ଲକ୍ଷ ଟଙ୍କାର ଆଲୁମିନିୟମ୍ ଆର୍ମଡ୍ କେବୁଲ୍ ଓ କପର ଆର୍ମଡ୍ କେବୁଲ୍ ଚୋରି କରି ନେଇଥିଲା। ଶ୍ରୀ ଜେନା ସିସିଟିଭି କ୍ୟାମେରାରେ ଅଭିଯୁକ୍ତକୁ ଚିହ୍ନଟ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଯାଞ୍ଚ କରି ଗୁରୁବାର ବବ୍‌ଲୁକୁ ଖୋର୍ଦ୍ଧା ଅଞ୍ଚଳରୁ ଗିରଫ କରିଥିଲା। ପଚରାଉଚରାବେଳେ ଚୋରି ସାମଗ୍ରୀର କିଛି ଅଂଶ ତିରିମଲର ମଙ୍ଗୁଳି ମହାନ୍ତି ନାମକ ଜଣେ ସ୍କ୍ରାପ୍ ଡିଲରକୁ ଦେଇଥିବାବେଳେ ଆଉ କିଛି ନିଜ ଘରେ ରଖିଥିବା ସ୍ୱୀକାର କରିଥିଲା। ପୁଲିସ ଟିମ୍ ତାଙ୍କ ଘରେ ଚଢ଼ଉ କରି ୧୫୦ ମିଟର ଆଲୁମିନିୟମ୍ ଆର୍ମଡ୍ କେବୁଲ୍ ଓ ୫୦୦ ମିଟର କପର ଆର୍ମଡ୍ କେବୁଲ୍ ଜବତ କରିଥିଲା। ପରେ ତିରିମଲର ମଙ୍ଗୁଳି ଘରେ ଚଢ଼ଉ କରିଥିବାବେଳେ ସେଠାରୁ କୌଣସି ସାମଗ୍ରୀ ମିଳି ନ ଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଟ୍ରିପଲ 'ଏ'ର ୩୦ତମ ପ୍ରତିଷ୍ଠା ଦିବସ




ଖୋର୍ଦ୍ଧା, ୭।୮ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକ ଏବଂ ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତିଙ୍କ ସମେତ ମେଜର ସୁଶାନ୍ତ ମହାନ୍ତି, ଇଷ୍ଟେଟ୍ ମ୍ୟାନେଜର୍ ଚିତ୍ତରଞ୍ଜନ ପଟ୍ଟନାୟକ, ଆସୋସିଏଟ୍ ଡିରେକ୍ଟର ମିତାଲି ପରିଡ଼ା ଏବଂ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପ୍ରଭୁ ଶ୍ରୀଜଗନ୍ନାଥ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ପରେ ପ୍ରତିଷ୍ଠାତାଙ୍କ ଦ୍ୱାରା ପ୍ରଦର୍ଶନୀର ଉଦ୍‌ଘାଟନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ସାହିତ୍ୟ, ହିନ୍ଦୀ, ସଂସ୍କୃତ, ବାଣିଜ୍ୟ, ଗଣିତ ବିଭାଗକୁ ନେଇ ପ୍ରତିଯୋଗିତା କରାଯାଇଥିଲା। ଯେଉଁଥିରେ କି ୨୩୦ ପ୍ରକଳ୍ପ ସ୍ଥାନ ପାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରଦର୍ଶନୀର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏକାଦଶ ଶ୍ରେଣୀର ସଂଘର୍ଷ ଏବଂ ରିଶିତା ପରିଚାଳନା କରିବା ସହିତ ସାନିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ୧୫ ଗୋରୁ ମୃତ

ଖୋର୍ଦ୍ଧା, ୭।୮ (ସମିସ): ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ଗୋରୁଗାଈ ଅସୁରକ୍ଷିତ। ଦୈନିକ ମାଲ୍‌ବାହୀ ଟ୍ରକ୍, କଣ୍ଟେନର ଧକ୍କାରେ ଗୋରୁଗାଈଙ୍କ ମୃତାହତ ବଢ଼ିବାରେ ଲାଗିଛି। ଗୁରୁବାର ଅଜଣା ଗାଡ଼ି ଧକ୍କାରେ ୧୫ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି, ଗୁରୁବାର ଭୋର୍ ସମୟରେ ସଦର ଥାନା ଅନ୍ତର୍ଗତ ଦଳେଇପୁଟ ପେଟ୍ରୋଲ ପମ୍ପ ନିକଟରେ ରାଜପଥରେ ୧୫ଟି ଗୋରୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୁଲିସ, ଗୋ-ସେବକଙ୍କ ସହଯୋଗରେ ଉଦ୍ଧାର କରି କେତକୀଝର ନର୍ସରୀରେ ପୋତିଛି। ରାଜପଥରେ ରାତିରେ ବିଶ୍ରାମ କରୁଥିବା ଗୋରୁଙ୍କୁ କୌଣସି ଅଜଣା ମାଲ୍‌ବାହୀ ଗାଡ଼ି ଚଢ଼ାଇବା ଫଳରେ ଏକାଧିକ ଗୋରୁଙ୍କ ଅନ୍ତଃବୁଜୁଳା ବାହାରି ପଡ଼ିଥିବାବେଳେ ୨ଟି ଗୋରୁ ଗୁରୁତର ଆହତ ହୋଇଛନ୍ତି। ଗତ ସପ୍ତାହେ ତଳେ ଉକ୍ତ ସ୍ଥାନରେ ୮ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ସେହିପରି ମାସକ ତଳେ ଗଙ୍ଗାପଡ଼ା ଛକରେ ୪ଟି ଗୋରୁ ମରିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ରାଜପଥରେ ପାଟ୍ରୋଲିଂ ପାଇଁ ସ୍ୱତନ୍ତ୍ର ଭାବେ ଗଠନ ହୋଇଥିବା ଷ୍ଟେଟ୍ ପୁଲିସ ଅଧିକାରୀଙ୍କ ଅବହେଳାରୁ ଗୋରୁଗାଈଙ୍କ ଜୀବନ ଯାଉଛି ବୋଲି ଗୋ-ସେବକମାନେ ଅଭିଯୋଗ କରିଛନ୍ତି। ରାଜପଥ ଉପରେ ଶୋଉଥିବା ଗୋରୁଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଦାବି କରିଛନ୍ତି।

## ଝୁଲଣ ମଣ୍ଡପରେ ଝୁଲିଲେ ମହାପ୍ରଭୁ

ବାଲୁଗାଁ, ୭।୮ (ସମିସ): ପବିତ୍ର ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥି ସୋମବାରଠାରୁ ଆରମ୍ଭ ହୋଇଛି ଭଗବତୀ କ୍ଷେତ୍ର ବାଣପୁର ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କ ଝୁଲଣ ଯାତ। ମହାପ୍ରଭୁଙ୍କ ଏହି ଝୁଲଣ ଯାତ ଭାଦ୍ରବ କୃଷ୍ଣ ପ୍ରତିପଦା ତଥା ଗହ୍ମାପୂର୍ଣ୍ଣିମା ପରବର୍ତ୍ତୀ ଦିବସ ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଝୁଲଣ ଯାତର ପ୍ରଥମ ଦିବସରେ ଦୈନନ୍ଦିନ ପରି ଭୋର୍ ସମୟରୁ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ଦ୍ୱାରପାଳ



ପୂଜା, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ଶ୍ରୀଜୀଉମାନଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ ଲାଗି ହୋଇଥିଲା। ଠିକୁର ସର୍ବାଙ୍ଗ ହୋଇ ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ଆଜ୍ଞାମାଳ ଲାଗି କରାଯାଇ ଭୋଗ ବଢ଼ି ପହଡ଼ ପଡ଼ିଥିଲା। ପରେ ମହାପ୍ରଭୁଙ୍କ ଝୁଲଣ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ କର୍ପୂର ଆଳତି ଓ ସନ୍ଧ୍ୟା ଆଳତି ବଢ଼ିବା ପରେ ଶ୍ରୀଜୀଉଙ୍କ ବିଜୟ ବିଗ୍ରହ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ବିଜେ କରାଇ ସେବାୟତ ମନ୍ଦିର ପରିକ୍ରମା କରାଇଥିଲେ। ସୁସଜ୍ଜିତ ଝୁଲଣ ମଣ୍ଡପକୁ ଶ୍ରୀଜୀଉଙ୍କୁ ବିଜେ କରାଇ ଦୋଳିରେ ଉପବେଶନ କରାଯାଇଥିବାବେଳେ ଝୁଲଣ ମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ ନିମନ୍ତେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଝୁଲଣ ମଣ୍ଡପରେ ଝୁଲଣ ନୀତି ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରଙ୍ଗନାଥ ଦେବ ରତ୍ନସିଂହାସନକୁ ବିଜେ କରିଥିଲେ। ଅନୁରୂପ ଭାବେ ବାଲୁଗାଁ ସାମନ୍ତରାପୁରସ୍ଥିତ ଶ୍ରୀଦଧିବାମନ ଦେବଙ୍କ ପୀଠରେ ଝୁଲଣ ଯାତ ଆଡ଼ମ୍ବର ସହ ଅନୁଷ୍ଠିତ ହେଉଛି।

### ପୁଣି ପରିବହନ ବିଭାଗର ଚଢ଼ଉ

# ୪୧ଟି ଚାଲାଣରେ ୩.୭୩ ଲକ୍ଷ ଜରିମାନା

ଟାଙ୍ଗୀ/ନିରାକାରପୁର, ୭।୮ (ସମିସ)

ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ବିଭାଗ ଗତ ୧୫ ଦିନ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଖିଲାପି ଗାଡ଼ି ମାଲିକ ଓ ଡ୍ରାଇଭରମାନଙ୍କ ଆଖିରୁ ନିଦ ହଜାଇ ଦେଇଥିବା ଜଣାପଡ଼ିଛି। ଗୁରୁବାର ପୁଣି ୧୬ ନମ୍ବର

**● ୭ ଚାଳକଙ୍କ ଲାଇସେନ୍ସ ରଦ୍ଦ**



ଜାତୀୟ ରାଜପଥର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୪୧ଟି ଚାଲାଣରେ ୩ ଲକ୍ଷ ୭୨ ହଜାର ୭୮୧ ଟଙ୍କା ଜରିମାନା କରିବା ସହ ୭ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ୩ ମାସ ରଦ୍ଦ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟାଳୟର ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା ସଦଳବଳେ ଚଢ଼ଉ କରି ଗତ ଜୁଲାଇ ୨୨, ୨୪ ଓ ଅଗଷ୍ଟ ୬ ତାରିଖ ସୁଦ୍ଧା ସମୁଦାୟ ୧୦୬ଟି ଚାଲାଣରେ ୮ ଲକ୍ଷ ୧୧ଶହ ୬ ଟଙ୍କା ଜରିମାନା କରି ୫ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ସସ୍‌ପେଣ୍ଡ କରିଥିଲେ। ଗୁରୁବାର ଗୋଟିଏ ଦିନରେ ନିରାକାରପୁର ୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ, କୁହୁଡ଼ି, ନାଚୁଣୀ ଅଞ୍ଚଳରେ ଚଢ଼ଉ କରି ସମୁଦାୟ ୪୧ଟି ଚାଲାଣରେ ୩ ଲକ୍ଷ ୭୨ ହଜାର ୭୮୧ ଟଙ୍କା ଜରିମାନା କରିଥିବାବେଳେ ୭ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ସସ୍‌ପେଣ୍ଡ କରି ରେକର୍ଡ ସୃଷ୍ଟି କରିଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୧୧ଟି ମାଲ୍‌ବୋଝେଇ ଗାଡ଼ିରେ ବିପଜ୍ଜନକ ଭାବେ ଯାତ୍ରୀ ପରିବହନ କରି ନେଉଥିବାବେଳେ ଧରାପଡ଼ି ଜରିମାନାର ଶିକାର ହୋଇଥିବା ଏ ଅଞ୍ଚଳ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତ୍ୟେକ ଗାଡ଼ି ଚଳାଇବା ପାଇଁ ରାଜ୍ୟ ପରିବହନ ବିଭାଗର ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏ ଅଞ୍ଚଳରେ ଛତୁ ଫୁଟିବା ଭଳି ବେସରକାରୀ ଶିକ୍ଷାନୁଷ୍ଠାନ ଏପରିକି ସରକାରଙ୍କ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ବେଆଇନ ଭାବେ ଘରୋଇ ପଞ୍ଜୀକରଣ ଗାଡ଼ିରେ ବିପଜ୍ଜନକ ଭାବେ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ପରିବହନ କରୁଥିବା ସମ୍ପର୍କରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅଭିଯୋଗ ପରେ ଚଢ଼ଉ ଜାରି ରହିଥିବା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ଓ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା ସୂଚନା ଦେବା ସହ ବିଭିନ୍ନ ବିଦ୍ୟାଳୟରେ ବେଆଇନ ଭାବେ ଛାତ୍ରଛାତ୍ରୀଙ୍କୁ ପରିବହନ କରାଯାଉଥିବା ସ୍ୱୀକାର କରିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ, ଗୋଷ୍ଠୀ ଶିକ୍ଷାଧିକାରୀ ସର୍ବୋପରି ଅଭିଭାବକ ଏଥିପ୍ରତି ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇ ନ ପାରେ।

### ■ ଉଗ୍ରରୂପ ନେଲା କୋଟପଲା-ଓସ୍ତପୁର ଗ୍ରାମ ବଜାର ନାମକରଣ ବିବାଦ

## ୧୫ ଦୋକାନ ଭଙ୍ଗାରୁଜା; ୧୬୩ ଧାରା ଲାଗୁ

ବେଗୁନିଆ, ୭।୮ (ସମିସ): ବାଘମାରୀ ଥାନା ଅନ୍ତର୍ଗତ କୋଟପଲା-ଓସ୍ତପୁର ବଜାରର ନାମକରଣକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରି ବଜାରରେ ଥିବା ଦୋକାନଗୁଡ଼ିକ ଭଙ୍ଗାରୁଜା ହୋଇଛି।

**● ଦେଢ଼ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ;**



ଦୀର୍ଘ ଦିନ ଧରି ଚାଲିଥିବା ବିବାଦ ସମାଧାନ କରିବା ପାଇଁ ବେଗୁନିଆ ତହସିଲ୍‌ଦାର ତାପସ ବିଶି, ଖୋର୍ଦ୍ଧା ଜିଲ୍ଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବାଘମାରୀ ଓ ବେଗୁନିଆ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଏବଂ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ନାମଫଳକ ଲଗାଇବା ପାଇଁ ପହଞ୍ଚିଥିଲେ। ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ନାମଫଳକ ଲଗାଇବା କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ଚେଷ୍ଟା ଜାରି ହୋଇଥିଲା। ତେବେ ଗୁରୁବାର ମଧ୍ୟାହ୍ନରେ ଉଭୟ ଗ୍ରାମର ଲୋକମାନେ ମୁହାଁମୁହିଁ ହୋଇ ଟେକାପଥର ଫିଙ୍ଗିବା ସହ ୧୦ରୁ ୧୫ ଦୋକାନ ଭଙ୍ଗାରୁଜା ଆରମ୍ଭ କରିଥିଲେ। ଏହି ଘଟଣାରୁ ନିବୃତ୍ତ ରହିବା ପାଇଁ ବୁଝାସୁଝା କରୁଥିବା ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସମେତ ପୁଲିସ କର୍ମଚାରୀଙ୍କୁ ଗ୍ରାମବାସୀମାନେ ୨ ଘଣ୍ଟା ଧରି ଅଟକ ରଖିଥିବାରୁ ଦେଢ଼ ପ୍ଲାଟୁନ୍ ପୁଲିସ ଫୋର୍ସ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏପରିକି ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ, ପଥଚାରୀ ବସ୍ ଓ ଟ୍ରକ୍‌ଗୁଡ଼ିକ ଅଯଥା ଅସୁବିଧାର ସମ୍ମୁଖୀନ ହୋଇଥିବାର ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ବଜାରର ୧ କି.ମି. ମଧ୍ୟରେ ଅନିର୍ଦ୍ଦିଷ୍ଟ କାଳ ୧୬୩ ଧାରା ଲାଗୁ ହୋଇଥିବାବେଳେ ଉତ୍ତେଜନା ଥିବାରୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨ ଦିନ ଛୁଟି ଘୋଷଣା କରାଯାଇଛି। ଏହି ବିବାଦ କେବେ ସମାଧାନ ହୋଇ ଶାନ୍ତ ବାତାବରଣ ଫେରିଆସିବ ସେଥିପାଇଁ ସଚେତନ ନାଗରିକମାନେ ଚାତକ ଭଳି ଚାହିଁ ବସିଛନ୍ତି।

## ନିଶା କାରବାରକୁ ବିରୋଧ କରିବାରୁ ଆକ୍ରମଣ

ଜଟଣୀ, ୭।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁର ଅଞ୍ଚଳରେ ନିଶା କାରବାରକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ରାଲି କରାଯାଇଥିଲା। ଏହି ଘଟଣାକୁ କେନ୍ଦ୍ର ଜଣେ ଯୁବକ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ଷଣ୍ଢପୁରର ସଞ୍ଜିତ ବେହେରା (୨୮)।

ସୂଚନାଯୋଗ୍ୟ ଯେ, ଷଣ୍ଢପୁର ଅଞ୍ଚଳରେ ବେଆଇନ ଭାବେ ନିଶାଦ୍ରବ୍ୟ ବିକ୍ରି ଓ ସେବନକୁ ବିରୋଧ କରି ମହିଳାମାନେ ଶୋଭାଯାତ୍ରା କରିଥିଲେ। ଘଟଣାକୁ ନେଇ ଅଭିଯୁକ୍ତ ଜଣେ ବ୍ୟକ୍ତିଙ୍କ ଘରେ ପଶି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲା। ଏଥିସହ ତାଙ୍କ ଶାଶୂଙ୍କୁ ଏକ କାଠଫାଳିଆରେ ମୁଣ୍ଡକୁ ପିଟି ଫଟେଇ ଦେଇଥିଲା। ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗୁରୁବାର ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବେଗୁନିଆ, ୭।୮ (ସମିସ): ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ପାଣିକୋଇଲି ଗ୍ରାମର ମାୟାଧର ପରିଡ଼ାଙ୍କ ପୁଅ ଅନିଲ (୪୦)ଙ୍କର ବ୍ରେନ୍‌ଷ୍ଟ୍ରୋକ୍ ଯୋଗୁଁ ମୃତ୍ୟୁ ହୋଇଛି। ସେ କୁମୁସର ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରି ଆସୁଥିଲେ। ଏପରିକି ୩ବର୍ଷ ଧରି ଦୈନିକ ଖବର କାଗଜ 'ସକାଳ'ର ନିୟମିତ ପାଠକ ଥିଲେ। ଯାହାକି ତାଙ୍କ ମୃତ୍ୟୁରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

## ବକେୟା ଅର୍ଥ ନ ମିଳିବାରୁ ଖାଲି କରାଗଲା ରାମେଶ୍ୱର ପାନ୍ଥିକା

ନିରାକାରପୁର, ୭।୮ (ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପାନ୍ଥିକାକୁ ୨୦୧୭ ଡିସେମ୍ବର ୫ରେ ୩୦ ବର୍ଷ ପାଇଁ ଟେଣ୍ଡରରେ ପ୍ରିୟଦର୍ଶୀ ରଥ ନାମକ ଜଣେ ବ୍ୟକ୍ତି ବର୍ଷକୁ ୧ ଲକ୍ଷ ୭୦ ହଜାର ଟଙ୍କା ହିସାବରେ ପ୍ରଦାନ କରିଥିଲେ। ପରେ ୨୦୨୦ ମସିହା ପର୍ଯ୍ୟନ୍ତ ଠିକ୍ ରୂପରେ ଅର୍ଥ ଭରଣା କରାଯାଇଥିଲା। କିନ୍ତୁ ସେବେଠାରୁ ଆଜି ପର୍ଯ୍ୟନ୍ତ ବିଭାଗର ତାଗିଦ୍ ସତ୍ତ୍ୱେ ଅର୍ଥ ଡିପୋଜିଟ୍ କରାଯାଇ ନ ଥିଲା। ସମୁଦାୟ ୧୧ ଲକ୍ଷ ୪୯ ହଜାର ୨୧୫ ଟଙ୍କା ଦେବାକୁ ବିଭାଗ ତରଫରୁ କୁହାଯାଇଥିଲେ ବି ଟେଣ୍ଡର ନେଇଥିବା ବ୍ୟକ୍ତି ନା ଟଙ୍କା ଡିପୋଜିଟ୍ କରିଥିଲେ ନା ପାନ୍ଥିକା ଖାଲି କରିଥିଲେ। ବାଧ୍ୟ ହୋଇ ପର୍ଯ୍ୟଟନ ବିଭାଗ ଚେୟାରମ୍ୟାନ୍‌ଙ୍କ ନିର୍ଦ୍ଦେଶରେ ଗୁରୁବାର ଖୋର୍ଦ୍ଧା ପର୍ଯ୍ୟଟନ ଅଧିକାରୀ, ଟାଙ୍ଗୀ ଅତିରିକ୍ତ ତହସିଲ୍‌ଦାର ସନାତନ ମଲ୍ଲିକ, ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ସମେତ ମହିଳା, ପୁରୁଷ ପୁଲିସ ଫୋର୍ସ ଉପସ୍ଥିତିରେ ପାନ୍ଥିକାରୁ ସମସ୍ତ ଆସବାବପତ୍ର ସହିତ ଅନ୍ୟାନ୍ୟ ସାମଗ୍ରୀ ବାହାର କରାଯାଇ ସିଲ୍ କରାଯାଇଥିବା ଜଣାପଡ଼ିଛି।

## ବଜ୍ରପାତରେ ୭ ଗୋରୁ ମୃତ

ଖୋର୍ଦ୍ଧା, ୭।୮ (ସମିସ): ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ୭ ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଗୋରୁ ଆହତ ହୋଇଛି। ସୂଚନା ଅନୁସାରେ, ଗୁରୁବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଶରଧାପୁର ଖଣି ନିକଟରେ ଚରୁଥିବା ୭ ଗୋରୁଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଏକ ଗାଈଙ୍କ ଦେହରେ ଗଭୀର ଆଘାତ ଲାଗିଛି।

## ସାର, ବିହନ, କୀଟନାଶକ ବିକ୍ରୟ କେନ୍ଦ୍ରରେ ଚଢ଼ଉ

ଟାଙ୍ଗୀ, ୭।୮ (ସମିସ): ଗୁରୁବାର ରାଜ୍ୟସ୍ତରୀୟ କୃଷି ବିଭାଗର ଏକ ଦଳ ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିକ୍ରୟ କେନ୍ଦ୍ରଗୁଡ଼ିକ ଯାଞ୍ଚ କରି ବିଭିନ୍ନ ବ୍ୟତିକ୍ରମ ଧରାପଡ଼ିବା ପରେ ତାଗିଦ୍ କରିବା ସହିତ ବିହିତ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଟାଙ୍ଗୀ ଅଞ୍ଚଳରେ ଥିବା ଏକାଧିକ ବିହନ, ସାର, କୀଟନାଶକ ବିକ୍ରୟ କେନ୍ଦ୍ର ଉପରେ ଚଢ଼ଉ କରି ବିଭିନ୍ନ ବିହନର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ମାନ ନିରୀକ୍ଷଣ ପାଇଁ ପଠାଯାଇଥିବା ଜଣାପଡ଼ିଛି। ବିଭିନ୍ନ ବିକ୍ରୟ କେନ୍ଦ୍ରଗୁଡ଼ିକରେ ଖାତାପତ୍ର ଠିକ୍‌ରେ ମେଣ୍ଟେନ କରାଯାଉ ନ ଥିବା ଦୃଷ୍ଟିକୁ ଆସିବା ପରେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଟାଙ୍ଗୀ କେନ୍ଦ୍ର ସମବାୟ ସମିତିରେ ମଧ୍ୟ ତଖନି କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଯୁଗ୍ମ ନିର୍ଦ୍ଦେଶକ (ମାନନିର୍ଦ୍ଧାରଣ) ବସନ୍ତ କୁମାର ଦେ, ଉପ କୃଷି ନିର୍ଦ୍ଦେଶକ ଅଭୟ କୁମାର ସାମନ୍ତ, ଉପକୃଷି ନିର୍ଦ୍ଦେଶକ (ମାନନିର୍ଦ୍ଧାରଣ ଓ ପ୍ରବର୍ତ୍ତକ) ସାରଦା ପ୍ରସନ୍ନ କର, ଉପକୃଷି ନିର୍ଦ୍ଦେଶକ (ସାର) ସୁବ୍ରତ କୁମାର ରଥ, କୃଷି ଜିଲ୍ଲା ଅଧିକାରୀ ଖୋର୍ଦ୍ଧା ମନୋରଞ୍ଜନ ମିଶ୍ର, କୃଷି ଜିଲ୍ଲା ଅଧିକାରୀ ଟାଙ୍ଗୀ ସୌମେନ୍ଦ୍ର କୁମାର ବେହେରା, ବ୍ଲକ କୃଷି ଅଧିକାରୀ ଟାଙ୍ଗୀ ଦୁର୍ଗେଶ ପଟ୍ଟନାୟକ, ସହକାରୀ କୃଷି ଅଧିକାରୀ ଟାଙ୍ଗୀ ସୌମ୍ୟରଞ୍ଜନ ସାହୁ, ସହକାରୀ କୃଷି ଅଧିକାରୀ ଟାଙ୍ଗୀ ପ୍ରମୁଖ ଏହି ନିରୀକ୍ଷଣ ଟିମ୍‌ରେ ସାମିଲ୍ ଥିଲେ।

# ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଆନ୍ଦୋଳନ





ନିରାକାରପୁର, ୭।୮ (ସମିସ)

ଗାଁରୁ ସହର ବେଳାଭୂମିରୁ କ୍ୟାମ୍ପସ୍ ସବୁଠି ଛାତ୍ରୀ, ମହିଳା ଅସୁରକ୍ଷିତ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। କିନ୍ତୁ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। କଲେଜ କ୍ୟାମ୍ପସ୍‌ରେ ଛାତ୍ରୀ ଆଜି ଅସୁରକ୍ଷିତ, ମହିଳା ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ପ୍ରତିବାଦ ପରିପ୍ରେକ୍ଷୀରେ ଗୁରୁବାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଖୋର୍ଦ୍ଧା ଯୁବ ଛାତ୍ର ଜନତା ଦଳ ପକ୍ଷରୁ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ନିରାକାରପୁରର ବହୁ ଛାତ୍ରଛାତ୍ରୀ ଏକାଠି ହୋଇ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନିରାକାରପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଛାତ୍ର ସଭାପତି ଅନିଲ ସେନାପତି, ଯୁବ ନେତା ସୁକାନ୍ତ ବେହେରା, ଛାତ୍ର ନେତା ଶକ୍ତିପ୍ରସାଦ ରାଉତରାୟ, ବିଷ୍ଣୁପ୍ରସାଦ ସେନାପତି, ଗଣୁ ସେନାପତି, ମନୋଜ ପ୍ରଧାନ, ଚନ୍ଦ୍ରକାନ୍ତ ବେହେରା(ଦିଲୁ), ଚଗଲା ବେହେରା, ମାନସ ପଟ୍ଟନାୟକ, ଚନ୍ଦନ ଓ ଅନେକ ଛାତ୍ରଛାତ୍ରୀ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

**ବେଗୁନିଆ:** ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଆବାହକତ୍ୱରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମହିଳାଙ୍କ କ୍ଷେତ୍ରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିବାରୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ବେଗୁନିଆ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ବିଜେପି କ୍ଷମତାସୀନ ରହିଥିବାରୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରରେ ଥିବା ବେଳାଭୂମି ସହ କଲେଜ କ୍ୟାମ୍ପସ୍ ସବୁଠାରେ ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ ହୋଇ ବାହାରକୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ର ବେଗୁନିଆ ମହାବିଦ୍ୟାଳୟରୁ ବାହାରି ପୋଷ୍ଟ ଅଫିସ ଛକ ଦେଇ ବେଗୁନିଆ ଥାନା ପରିସରରେ ପହଞ୍ଚିଥିଲେ।

# ଜିଲ୍ଲାସ୍ତରୀୟ ରେଡ୍ ରନ୍ ୩.୦ ମାରାଥନ୍

ଖୋର୍ଦ୍ଧା, ୭।୮ (ସମିସ): ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଜିଲ୍ଲା ଏଡ୍‌ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ୍ ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ରେଡ୍ ରନ୍ (୩.୦) ମାରାଥନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ମାରାଥନ୍‌ରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ୭୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ ପତାକା ଦେଖାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଉଦ୍‌ଘାଟନ କରିଥିଲେ। ମାରାଥନ ରାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଖୋର୍ଦ୍ଧା ସହର ମଧ୍ୟ ଦେଇ ଯୁବଗୋଷ୍ଠୀମାନଙ୍କୁ ଏଡ୍‌ସର ଭୟାବହତା ସମ୍ବନ୍ଧରେ ସଚେତନତା ବାର୍ତ୍ତା, ସ୍ଲୋଗାନ ଦେଇ ନୂଆ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚି ସେଠାରୁ ପୁନର୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହର୍ଷି, ପିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଗୋଦାବରୀଶ, ବାଲୁଗାଁ, ଗୋବିନ୍ଦପୁର, କେରଙ୍ଗ ପଞ୍ଚାୟତ ମହାବିଦ୍ୟାଳୟ ସମେତ ପାଇକ ପ୍ରତିଷ୍ଠାନ, ରିଲାଏନ୍ସ ଫାଉଣ୍ଡେସନ, ୟୁଥ୍ ସ୍ପୋର୍ଟସ୍, ଆମ୍ବେଦକର ମେମୋରିଆଲ ଶିକ୍ଷା ପ୍ରତିଷ୍ଠାନ, ଆର୍ମି ଶିକ୍ଷା ଓ ନିଯୁକ୍ତି ପ୍ରତିଷ୍ଠାନର ଉତ୍ସାହୀ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଏବଂ




ବିଭିନ୍ନ ବର୍ଗର ସଚେତନ ନାଗରିକ ଯୋଗଦେଇଥିଲେ। ମାରାଥନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପୁରୁଷ ବିଭାଗରେ ଶୁଭମ୍ ବେହେରା, ଗୋବିନ୍ଦପୁର ମହାବିଦ୍ୟାଳୟ ପ୍ରଥମ ସ୍ଥାନ, ଅଜୟ ମୁଦୁଲି ଓ ଶିବ ମାଝୀ, ପାଇକ ପ୍ରତିଷ୍ଠାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ପୂଜା ବେହେରା, ଆମ୍ବେଦକର ଶିକ୍ଷା ପ୍ରତିଷ୍ଠାନ, ପ୍ରଥମ, ସାଇବା ପିଙ୍ଗୁଆ ଏବଂ ସୁଭଦ୍ରା ହିକକା, ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିପିଏମ୍ ବିଧାନ ଚନ୍ଦ୍ର ନାୟକ ସମ୍ବର୍ଦ୍ଧନା ସଭା ସଂଯୋଜନା କରିଥିବାବେଳେ କିଶୋର କାନୁନ୍‌ଗୋ, ଅଶୋକ ଦାସ, ଜୟନ୍ତିବାଳା ସାମନ୍ତରାୟ, ବିମଳ ମାନସିଂହ, ଆଇଇଟିସି, ଡିଏସ୍‌ଆର୍‌ସି, କାଉନ୍‌ସିଲର, ଏଲ୍‌ଟିଟିଆଇ, ଏଲ୍‌ଡବ୍ଲୁଏସ୍, ସିଏସ୍‌ସି ପ୍ରକଳ୍ପର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୨୫ • ପାଉଣ୍ଡ ୧୧୭.୯୬
- ୟୁରୋ ୧୦୨.୭୬ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୨୨୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୨୩.୦୦
- ନିଫ୍ଟି ୨୪,୫୯୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଲାଗୁ ହେଲା ଟ୍ରମ୍ପ୍ ଶୁଳ୍କ

# ଆଜିଠୁ ୨୫%, ଅବଶିଷ୍ଟ ୨୫% ୨୭ରୁ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ ହୋଇଥିବା ୨୫% ଆମଦାନୀ ଶୁଳ୍କ ଆଜିଠାରୁ କାର୍ଯ୍ୟକାରୀ ହେବ। ଏହି ଶୁଳ୍କ ଲାଗୁ ହେବାର ଗୋଟିଏ ଦିନ ପୂର୍ବରୁ, ଟ୍ରମ୍ପ୍ ରୁଷ ସହିତ ବାଣିଜ୍ୟ କାରବାରକୁ ନେଇ ଭାରତ ଉପରେ ଜୋରିମାନା ସ୍ୱରୂପ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଥିଲେ। ବର୍ଦ୍ଧିତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ ହେବ। ଅର୍ଥାତ୍,ଚଳିତ ମାସ ଶେଷ ସୁଦ୍ଧା ଭାରତରୁ ଆମେରିକା ଯାଉଥିବା ଉତ୍ପାଦ ଉପରେ ମୋଟ ଶୁଳ୍କ ୫୦% ପହଞ୍ଚିବ।



ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବାର ପ୍ରାୟ ଏକ ମାସ ପରେ, ଫେବୃଆରୀରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ଅର୍ଥାତ୍, ଭାରତ ପ୍ରଥମ କିଛି ଦେଶ ମଧ୍ୟରେ ଥିଲା ଯେଉଁମାନେ ଯଥାଶୀଘ୍ର ଆମେରିକା ସହିତ ବାଣିଜ୍ୟ ଚୁକ୍ତିକୁ ପ୍ରାଥମିକତା ଦେଇଥିଲେ। ଉଭୟ ଦେଶ ବାଣିଜ୍ୟ ଆଲୋଚନା ପାଇଁ ସେମାନଙ୍କର ପ୍ରତିନିଧିମଣ୍ଡଳୀ ମଧ୍ୟ ଘୋଷଣା କରିଥିଲେ। ତଥାପି, ଗତ ୫ ମାସ ମଧ୍ୟରେ ୫ଟି ବୈଠକ ସତ୍ତ୍ୱେ ଭାରତ-ଆମେରିକା ଏକ ଚୁକ୍ତିରେ ପହଞ୍ଚି ପାରି ନାହାନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚଳିତ ବର୍ଷ ଏପ୍ରିଲରେ ଭାରତ ଗସ୍ତ କରିଥିଲେ। ତାଙ୍କ ସହିତ ଆସିଥିବା ପ୍ରତିନିଧି ଦଳ ମଧ୍ୟ ଭାରତ ସହିତ ଆଲୋଚନାର ଡ୍ରାଫ୍ଟକୁ ଚୂଡ଼ାନ୍ତ କରିଥିଲେ। ଏହି ବୈଠକ ପରେ ଭାରତକୁ ଅନେକ କ୍ଷେତ୍ରରେ ରିଆତି ମିଳିଥିଲା କୁହାଯାଉଥିଲା। ସେତେବେଳେ ଭାରତ ଆମେରିକାକୁ ଏହାର ଶିଳ୍ପ ଉତ୍ପାଦର ରପ୍ତାନି ଉପରେ କୌଣସି ଶୁଳ୍କ ଲାଗୁ ନ କରିବାକୁ ପ୍ରସ୍ତାବ ଦେଇଥିଲା। ଆମେରିକାରୁ ଭାରତକୁ ହେଉଥିବା ମୋଟ ରପ୍ତାନିର ୪୦% ହେଉଛି ଶିଳ୍ପ ଉତ୍ପାଦ। ଭାରତ ମଦ ସହିତ ଆମେରିକୀୟ କାର ଉପରେ ଶୁଳ୍କ ହାର ହ୍ରାସ କରିବାକୁ ରାଜି ହୋଇଥିଲା। ଏହାସହିତ, ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ନିଅଣ୍ଟ ୪୫ ବିଲିୟନ ଡଲାର ହ୍ରାସ କରିବା ପାଇଁ ଏହାର ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ୨୫ ବିଲିୟନ ଡଲାର ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲା। କୁହାଯାଏ ଯେ ୫ମ ପର୍ଯ୍ୟାୟ ବୈଠକ ଆସିବା ପର୍ଯ୍ୟନ୍ତ, ଉଭୟ ଦେଶ ସେମାନଙ୍କର ମତଭେଦ ଦୂର କରିଥିଲେ। ଟ୍ରମ୍ପ୍ ଏ ସମ୍ପର୍କରେ ଶୀଘ୍ର ଏକ 'ବଡ଼ ଚୁକ୍ତି' କରିବାକୁ ମଧ୍ୟ ଘୋଷଣା କରିଥିଲେ। ତଥାପି, ଏହା ସତ୍ତ୍ୱେ ଟ୍ରମ୍ପ ପ୍ରଶାସନ ଭାରତରୁ ଶୁଳ୍କ ହ୍ରାସରେ ଖୁସି ନ ଥିଲା। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଆଶା କରୁଥିଲେ ଯେ ସେମାନେ କେବଳ ଶୁଳ୍କ ରିଆତି ଦେଇ ସେମାନଙ୍କର କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ରକ୍ଷା କରିପାରିବେ। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଭାରତ ପାଇଁ କିଛି କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଆମେରିକୀୟ ଦାବି ଆଗରେ ମୁଣ୍ଡ ନୁଆଁଇ ନ ଥିଲେ।

## ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତି ରଦ୍ଦ

ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନକୁ ଭାରତ ବଡ଼ ଝଟକା ଦେଇଛି। ଆମେରିକା ସହ ଭାରତ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ରଦ୍ଦ କରିଦେଇଛି। ଭାରତ ଏହି ନିଷ୍ପତ୍ତି ସେତେବେଳେ ନେଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାର ଭାରତୀୟ ନୌସେନା ପି-୮ ସାମୁଦ୍ରିକ ବିମାନ କ୍ରୟ ନିମନ୍ତେ ଚୁକ୍ତି କରିଥିଲା। ଏବେ କୁହାଯାଉଛି ଏହି ଚୁକ୍ତି ବାତିଲ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଭାରତ ଉପରେ ଆମେରିକା ୫୦% ଟାରିଫ ଲାଗୁ କରିଛି। ରିପୋର୍ଟ ଅନୁସାରେ ଆମେରିକାଠାରୁ ଭାରତ ଏଫ-୩୫ ଯୁଦ୍ଧ ବିମାନ ମଧ୍ୟ କିଣିବ ନାହିଁ। ସୂଚନାନୁସାରେ ଜୁଲାଇ ୨୦୨୫ରେ ଭାରତ ଆମେରିକୀୟ କମ୍ପାନୀ ବୋଇଂ ସହିତ ୩୧,୫୦୦ କୋଟି ଟଙ୍କାର ଚୁକ୍ତି କରିଥିଲା।

## ଶୁଳ୍କ ଲାଗୁ ପରେ ସେୟାର ବଜାରରେ ୟୁ-ଟର୍ଣ୍ଣ

ସେନ୍‌ସେକ୍ସରେ ୮୦ ପଏଣ୍ଟ ବୃଦ୍ଧି

ମୁମ୍ବଇ,୭।୮ (ଏଜେନ୍ସି): ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଗୁରୁବାର ଷ୍ଟକ୍ ବଜାର ବହୁତ ଭୟଭୀତ ହୋଇଥିଲା, ଗୋଟିଏ ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ୭୦୦ ପଏଣ୍ଟରୁ ଅଧିକ ହ୍ରାସ ସହିତ କାରବାର କରୁଥିଲା। ଏହାପରେ ଷ୍ଟକ୍ ବଜାରରେ ଏକ ୟୁ-ଟର୍ଣ୍ଣ ଦେଖାଯାଇଥିଲା। ଅପରାହ୍ନ ୧ଟା ୩୦ ପରେ ଷ୍ଟକ୍ ବଜାରରେ ପୁନରୁଦ୍ଧାର ଦେଖାଯାଇଥିଲା। ବଜାର ବନ୍ଦ ହେବାର କିଛି ମିନିଟ୍ ପୂର୍ବରୁ ସେନସେକ୍ସ ୧୨୦ ପଏଣ୍ଟରୁ ଅଧିକ ବୃଦ୍ଧି ସହିତ କାରବାର କରୁଥିବା ଦେଖାଯାଇଥିଲା। ଯେତେବେଳେ ଷ୍ଟକ୍ ବଜାର ବନ୍ଦ ହୋଇଥିଲା, ସେତେବେଳେ ଏହା ଉପରମୁହାଁ ହୋଇଥିଲା।

### ଆମେରିକା ଟାରିଫ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଘେରିଲେ ରାହୁଲ

## ଭାରତକୁ ଆର୍ଥିକ ବ୍ଲାକମେଲ୍ କରୁଛି ଆମେରିକା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଘୋଷଣା କରିବା ପରେ ରାଜନୀତି ତେଜିଛି। କଂଗ୍ରେସ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ବୁଧବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏକ ପୋଷ୍ଟ କରି କହିଛନ୍ତି '୫୦%ଶୁଳ୍କ ଲାଗୁ କରି ଆମେରିକା ଭାରତକୁ ଆର୍ଥିକ ଭାବରେ ବ୍ଲାକମେଲ୍ କରୁଛି। ଏପରି କରି ଅନୁଚିତ ବାଣିଜ୍ୟ ଚୁକ୍ତି ପାଇଁ ଧମକାଉଛି ଆମେରିକା। ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତା ଜନସାଧାରଣଙ୍କ ଉପରେ ଚାପ ନ ପକାଉ। ଏହା ପୂର୍ବରୁ ମଧ୍ୟ ରାହୁଲ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଉପରେ ନୀରବତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିଲେ। ରାହୁଲ କହିଥିଲେ "ଆଦାନୀ ଉପରେ ଆମେରିକାର ତଦନ୍ତ" ଯୋଗୁ ବାରମ୍ବାର ଶୁଳ୍କ ଧମକ ଦେବା ସତ୍ତ୍ୱେ ଟ୍ରମ୍ପଙ୍କ ବିରୁଦ୍ଧରେ ପ୍ରଧାନମନ୍ତ୍ରୀ ମୋଦୀ କହିପାରିବେ ନାହିଁ।

## ଟ୍ରମ୍ପ୍‌ଙ୍କ ରାଗ ପଛରେ ଅସ୍ତ୍ରବିରତି

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପାଇଁ ଯେଉଁ କାରଣ ଦେଇଛନ୍ତି ତାହା ହେଉଛି ରୁଷରୁ ତେଲ କିଣିବା, କିନ୍ତୁ ଟ୍ରମ୍ପ ଯାହା କହୁଛନ୍ତି ତାହା କ'ଣ ଏକମାତ୍ର ସତ୍ୟ। ଯଦି ଏହା କେବଳ ରୁଷ ତେଲ ବିଷୟରେ ହୋଇଥାନ୍ତା, ତେବେ ଚୀନ ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା, ଯଦି ଏହା କେବଳ ତେଲ ବିଷୟରେ ହୋଇଥାନ୍ତା, ତେବେ ୟୁରୋପୀୟ ସଂଘ(ଇୟୁ) ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା। ଭାରତ ଉପରେ କେବଳ ଶୁଳ୍କ ଲଗାଯାଇନାହିଁ, ବରଂ ଏକ ଜୋରିମାନା ମଧ୍ୟ ଲଗାଯାଇଛି। ଏହି ଦଣ୍ଡ ଏହି କଥାର ପ୍ରମାଣ ଯେ ଟ୍ରମ୍ପଙ୍କ ଶୁଳ୍କ ଲଗାଯିବା ପଛରେ ରୁଷ ତେଲ ନୁହେଁ ବରଂ ଅନ୍ୟ କିଛି ଖେଳ ଅଛି। ପ୍ରଥମ ଘଟଣା ହେଉଛି, ଯେତେବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର ଆରମ୍ଭ କରି ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଦେଲା ଏବଂ ପାକିସ୍ତାନରେ ବିନାଶ କରିବା ପରେ ପାକିସ୍ତାନର ଅନୁରୋଧରେ ଅପରେସନ ସିନ୍ଦୁର ବନ୍ଦ କରିଦେଲା। ଟ୍ରମ୍ପ ଏହାକୁ ଯୁଦ୍ଧବିରତି ବୋଲି କହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେବାକୁ ଚେଷ୍ଟା କଲେ। ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ ବିଶ୍ୱର କୌଣସି ଦେଶ ତାଙ୍କୁ ଏହି ଯୁଦ୍ଧ ବନ୍ଦ କରିବାକୁ କହିନାହାଁନ୍ତି। ଏହାଛଡା ବିଶ୍ୱର ବିଭିନ୍ନ ଦେଶରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରୟାସ କରୁଥିବାରୁ ନୋବେଲ ପୁରସ୍କାର ପାଇଁ ଟ୍ରମ୍ପ୍‌ଙ୍କୁ ଭାରତ ସମର୍ଥନ କରୁ ନ ଥିବା ପ୍ରସଙ୍ଗକୁ ଆମେରିକା ରାଷ୍ଟ୍ରପତି ସହଜରେ ହଜମ କରୁପାରୁ ନ ଥିଲେ।

ଏହି ଶୁଳ୍କର ଆଉ ଏକ ବଡ଼ କାରଣ ହେଉଛି, ଟ୍ରମ୍ପଙ୍କ ବ୍ୟକ୍ତିଗତ ଅହଂକାର। ତାହା ହେଉଛି ବ୍ୟବସାୟ ଯାହା ବିଷୟରେ ଟ୍ରମ୍ପ ବାରମ୍ବାର ସମଗ୍ର ବିଶ୍ୱକୁ ଧମକ ଦେଉଛନ୍ତି। ଯେତେବେଳେ ଟ୍ରମ୍ପ ଭାରତ ସହିତ ବ୍ୟବସାୟର ଗଣିତ ଦେଖିଲେ ଯେ, ଆମେରିକା ଭାରତକୁ କମ୍ ବିକ୍ରି କରେ ଏବଂ ଅଧିକ କିଣେ। ତେଣୁ ଟ୍ରମ୍ପ ଏହି ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ପାଇଁ ଭାରତ ଉପରେ ଚାପ ପକାଇଲେ, କିନ୍ତୁ ଭୁଲ ସ୍ଥାନରେ। ଟ୍ରମ୍ପ ଚାହୁଁଥିଲେ ଯେ ଭାରତ ଆମେରିକା ପାଇଁ କୃଷି ଏବଂ କ୍ଷୀର ଉତ୍ପାଦ ପାଇଁ ବଜାର ଖୋଲି ଦେଉ। ଯାହା ଦ୍ୱାରା ଆମେରିକା ଭାରତକୁ ତା'ର ସାମଗ୍ରୀ ବିକ୍ରି କରିପାରିବ।

## ରାଜଧାନୀରେ ସ୍କୋଡାର ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା'



ଭୁବନେଶ୍ୱର, ୭।୮ (ସମିସ): ନେଟୱାର୍କ ସମ୍ପ୍ରସାରଣର ଅଂଶସ୍ୱରୂପ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରର ରଘୁନାଥପୁରଠାରେ ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା' ଖୋଲିଛି। ଏହା ସହ ଦୁଇଟି ନୂଆ ଟଚ୍ ପଏଣ୍ଟ ମଧ୍ୟ ଖୋଲାଯାଇଛି। ନୂଆ ଶୋ ' ରୁମ୍‌କୁ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଅଶିଷ ଗୁପ୍ତା ଉଦ୍‌ଘାଟନ କରି ଭୁବନେଶ୍ୱର ଓ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏହି ନୂତନ ଟଚ୍ ପଏଣ୍ଟ ସେଣ୍ଟର ଆମ ଦେଶବ୍ୟାପୀ ନେଟୱାର୍କ ବିକାଶର ଏକ ପ୍ରମାଣ। ଏହା ଗ୍ରାହକଙ୍କୁ ଉତ୍କୃଷ୍ଟ ସେଲ୍ସ ଓ ଆଫ୍ଟରସେଲ୍ସ ଅନୁଭବ ଦେବା ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ। ଏହି ଅବସରରେ ଏମ୍ପୋରିଓ ଆଲ୍ଲିଡ଼ ପ୍ରାଇଭେଟ ଲିମିଟେଡ଼ର ଡିଲର୍ ପ୍ରିନ୍ସିପାଲ୍ ଅବିନାଶ ସାମଲ କହିଥିଲେ ଯେ ସ୍କୋଡା ଗୁଣବତ୍ତା, ଗ୍ରାହକ ସେବା ପାଇଁ ପରିଚିତ। ଭୁବନେଶ୍ୱରରେ ଏହି ନୂଆ ସୁବିଧା ସହ ଆମେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ପାଇଁ ଗର୍ବିତ । ଆଗାମୀ ଦିନରେ ଆଉ ଅଧିକ ଓ ଉନ୍ନତ ଗ୍ରାହକ

### ଦୁଇଟି ନୂଆ ଟଚ୍ ପଏଣ୍ଟ ଉଦ୍‌ଘାଟିତ

ସେବା ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ। ସ୍କୋଡା ଅଟୋ ଇଣ୍ଡିଆର କୁସାକ, ସ୍ଲାଭିଆ, କୋଡିଅକ ଓ ଇନିଆକ ପରି ଲୋକପ୍ରିୟ ଗାଡି ଏଠାରେ ଉପଲବ୍ଧ । ଗ୍ରାହକମାନେ ଅନେକ ଆଫ୍ଟରସେଲ୍ସ ପ୍ରୋଗ୍ରାମ୍ – ସୁପର କେୟାର , ଏକ୍ସଟେଣ୍ଡେଡ୍ ୱାରାଣ୍ଟି, ଭାଲ୍ୟୁ ସର୍ଭିସ୍ ପ୍ଲାନ୍ ପରି ସୁବିଧା ଉପଭୋଗ କରିପାରିବେ। ଏବେ ସ୍କୋଡା ଅଟୋ ଇଣ୍ଡିଆର ୩୦୦ରୁ ଅଧିକ ଟଚ୍‌ପଏଣ୍ଟ ୧୭୬ଟି ସହରରେ ବ୍ୟାପିଛି, ଯାହା ଦେଶରେ ଗ୍ରାହକ ସମ୍ପର୍କ ବୃଦ୍ଧିରେ ମୂଳ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଅଧ୍ୟକ୍ଷ ଗଙ୍ଗାଧର ସାମଲଙ୍କ ସହ ସ୍କୋଡା ସ୍କୋଡା ଅଟୋ ଇଣ୍ଡିଆର ଅନୀଲା, ପ୍ରଦୀପ କେମ୍ପାନ୍ନା, ବିଜୁ, ସୁଦୀପ ପୁରୀ ଓ ମିଥିନ ପ୍ରମୁଖ ପ୍ରତିନିଧି ରୂପେ ଯୋଗଦେଇଥିଲେ।

'ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ ୨୦୨୫'

## ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର



ଭୁବନେଶ୍ୱର,୭।୮ (ସମିସ: ଇମ୍ପାର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ନୂଆଦିଲ୍ଲୀଠାରେ ' ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି। ଏହାବ୍ୟତୀତ, ଆଜିର ବିଶ୍ୱରେ ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ଯେ ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରେ। ଏହି ବର୍ଷର 'ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ସଂସ୍କରଣରେ ଡ. ଶଶି ଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିଧିତ୍ୱ, ସୁରକ୍ଷା ଏବଂ ନ୍ୟାୟ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏକତା କପୁର, ଦିୟା ମିର୍ଜା, ଶବାନା ଆଜମୀ, ନିମ୍ରତ୍ କୌର୍ ଏବଂ ଡିଜାଇନର ରିତୁ ବେରୀ ଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ଯେତେବେଳେ ପ୍ରିୟଙ୍କା ଚତୁର୍ବେଦୀ,ହର୍ ସିମ୍ରତ କୌର ବାଦଲ ଏବଂ ଲେଫ୍ଟନାଣ୍ଟ ଜେନେରାଲ ସାଧନା ସକ୍ସେନା ନାୟାର (ଅବସରପ୍ରାପ୍ତ) ପରି ରାଜନୈତିକ ସ୍ୱର ପ୍ରଶାସନ ଏବଂ ସାର୍ବଜନୀନ ସେବାର ଦୃଷ୍ଟିକୋଣ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରୋନ୍ ଦିଦି ଏବଂ ଲକ୍ଷପତି ଦିଦିମାନଙ୍କ ସମେତ ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ହାତୀ ମାଧୁରୀ ନନ୍ଦିନୀ ମଠକୁ ଫେରିବାରେ ସୁପ୍ରିମକୋର୍ଟରେ ସାଥ ଦେବ ବନତାରା

ମାଧୁରୀ'କୁ ନେଇ ବନତାରା ପକ୍ଷରୁ ସ୍ପଷ୍ଟୋକ୍ତି

ମୁମ୍ବଇ,୭।୮ (ଏଜେନ୍ସି): ହାତୀ 'ମାଧୁରୀ'କୁ ନେଇ ବନତାରା ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ, ଜୈନ ମଠ ଓ କୋହ୍ଲାପୁର ଲୋକଙ୍କ ପାଇଁ ମାଧୁରୀକୁ ନେଇ ଥିବା ଗଭୀର ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱକୁ ସ୍ୱୀକାର କରୁଛି। ୩ ବର୍ଷ ବୟସରୁ ସେ ଲୋକଙ୍କ ଗହଣରେ ରହିଆସୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଆଧାତ୍ମିକ ଓ ସମୁଦାୟ ଜୀବନର ଅଙ୍ଗ ରୂପେ ଅବିଚ୍ଛିନ୍ନ ଅଂଶ ରହିଥିଲା 'ମାଧୁରୀ'। ଆମେ ସେହି ଭକ୍ତ, ଜୈନ ମଠର ନେତୃତ୍ୱ , ବ୍ୟାପକ ସମୁଦାୟଙ୍କ ଭାବନା, ଚିନ୍ତାକୁ ସ୍ୱୀକାର ଓ ସମ୍ମାନ କରୁଛୁ। ଯେଉଁମାନେ କୋହ୍ଲାପୁରରେ ମାଧୁରୀଙ୍କ ଉପସ୍ଥିତି ପ୍ରତି ନିଜ ଆସକ୍ତି ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ମାମଲାରେ ବନତାରା ଭୂମିକା କେବଳ ସର୍ବୋଚ୍ଚ ନ୍ୟାୟାଳୟ ଓ ବମ୍ବେ ହାଇକୋର୍ଟ ଦ୍ୱାରା ଜାରି କରାଯାଇଥିବା ବାଧ୍ୟକର ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିବା ପର୍ଯ୍ୟନ୍ତ ସୀମିତ ଥିଲା। ମାଧୁରୀଙ୍କୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନ୍ୟାୟିକ ଅଧିକାର ଅଧୀନରେ ନିଆଯାଇଥିଲା। ବନତାରାର ଭୂମିକା ଉତ୍ପୀଡ଼ନର ଶିକାର ଏବଂ ଭୟରେ ଥିବା ପଶୁମାନଙ୍କୁ ଉଦ୍ଧାର, ଚିକିତ୍ସା, ଯତ୍ନ ଓ ଥଇଥାନ ବ୍ୟବସ୍ଥା କରାଇଥାଏ। ବନତାରା ନା ସ୍ଥାନାନ୍ତର କରିବା ଆରମ୍ଭ କରିଛି ନା ସୁପାରିସ କରିଛି। ଧାର୍ମିକ ପ୍ରଥା ବା ଭାବନାକୁ ଆଘାତ ଦେବା ଭଳି କୌଣସି କାମ କରାଯାଇ ନାହିଁ ଓ ଏହାର ଆମର ଉଦ୍ଦେଶ୍ୟ ନୁହେଁ ବୋଲି ବନତାରା ପକ୍ଷରୁ କୁହାଯାଇଛି। ଆଇନଗତ ଆଚରଣ, ଦାୟିତ୍ୱପୂର୍ଣ୍ଣ ପଶୁ ଯତ୍ନ ଓ ସମୁଦାୟ ସହଯୋଗ ପ୍ରତି ଆମର ଅନୁଗତି ଅନୁଯାୟୀ, ବନତାରା ଜୈନ ମଠ ଓ ମହାରାଷ୍ଟ୍ର ସରକାର ଦ୍ୱାରା ନ୍ୟାୟାଳୟଙ୍କ ହସ୍ତକ୍ଷପରେ ମାଧୁରୀଙ୍କୁ ପୁଣିଥରେ କୋହ୍ଲାପୁରକୁ ଆଣିବା ପାଇଁ ଦାଖଲ ହେବାକୁ ଯାଉଥିବା ସମସ୍ତ ଆବେଦନକୁ ପୂର୍ଣ୍ଣ ସମର୍ଥନ ଦେବ। ନ୍ୟାୟାଳୟ ଅନୁମତି ଅଧୀନରେ ବନତାରା ମାଧୁରୀକୁ ସୁରକ୍ଷିତ ଓ ସମ୍ମାନଜନକ ଭାବେ ଫେରାଇବା ପାଇଁ ପୂର୍ଣ୍ଣ ପ୍ରଯୁକ୍ତି ଓ ପଶୁ ଚିକିତ୍ସା ସାହାଯ୍ୟ ପ୍ରଦାନ କରିବ।

## କିଆ କାରେନ୍ସ କ୍ଲାଭିସ୍ ଇଭିର ବଜାର ପ୍ରବେଶ




କଟକ,୭।୮ (ସମିସ): କିଆ ଇଣ୍ଡିଆ ଲିମିଟେଡ ଇଭି୬ କାର ପୂର୍ବରୁ ବଜାରକୁ ଛାଡିଥିବାବେଳେ ଆଜି କାରେନ୍ସ କ୍ଲାଭିସ ଇଭିର ବଜାର ପ୍ରବେଶ କରାଇଛି। ଭୁବନେଶ୍ୱର ପାହାଲସ୍ଥିତ ସୋ'ରୁମ୍‌ରେ ସେଣ୍ଟ୍ରାଲ କିଆର ଏମ୍‌ଡି ବିଶାଳ ଧୱନ୍, ଡାଇରେକ୍ଟର ଆଦର୍ଶ ଧୱନ୍ ଓ ସେଲ୍ସ (ଜିଏମ୍) ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତରେ ଏହାକୁ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କର ଉପମହାପ୍ରବନ୍ଧକ ନିଶାନ୍ତ ବଜାର ପ୍ରବେଶ କରାଇଥିଲେ। ଆଡଭାନ୍ସ ଟେକ୍ନୋଲୋଜିରେ ନିର୍ମିତ ଏହି ଗାଡ଼ି ୭ ସିଟ୍ ବିଶିଷ୍ଟ କାର୍ ହୋଇଥିଲାବେଳେ ଏଥିରେ ଡବଲ ବ୍ୟାଟେରୀର ସୁବିଧା ରହିଛି। ୪୨ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୦୪ କିମିର ଓ ୫୧.୪ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୯୦ କିମି ଯାଇପାରିବ ବୋଲି ଶ୍ରୀ ଧୱନ୍ କହିଛନ୍ତି। ଗାଡ଼ିର ଏକ୍ସ ଶୋ' ରୁମ ମୂଲ୍ୟ ସର୍ବନିମ୍ନ ୧୭.୯୯ ଲକ୍ଷ ଟଙ୍କାରୁ ସର୍ବାଧିକ ୨୪. ୫୦ ଲକ୍ଷ ଟଙ୍କା ରହିଛି। ଆଇଭରୀ ସିଲିଭର, ଇମ୍ପେରିଆଲ ବ୍ଲୁ, ବ୍ଲାକ, ହ୍ୟାଇଟ,ପିଟର ଅଲିଭ ,ଗ୍ରେ ଭଳି ୬ ଟି ରଙ୍ଗରେ ଉପଲବ୍ଧ ଏହି କାର ପାଇଁ ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଚାର୍ଜିଙ୍ଗ ପଏଣ୍ଟ ମାନ ମଧ୍ୟ ରହିଛି। ଏହାର ବାହାର ଓ ଭିତର ଡିଜାଇନ୍ ଉଚ୍ଚକୋଟୀର ହେବା ବ୍ୟତୀତ ୨୦ ଟି ଅଟନୋମସ ଆଡାସ ଲେଭଲ ୨.୦ଯାହାକି ବ୍ୟବହାର କରୁଥିବା ବ୍ୟକ୍ତିର ସୁବିଧା ଓ ସୁରକ୍ଷା ସୁଦୃଢ଼ କରେ ବୋଲି ଜିଏମ୍ ଶ୍ରୀ ବେହେରା କହିଛନ୍ତି। ବଜାର ପ୍ରବଶେ ଅବସରରେ ସେଣ୍ଟ୍ରାଲ କିଆର ଏଜିଏମ୍ ଆଲାଏଡ ଅରବିନ୍ଦ ସିହ୍ନା, ଏଜି ଏମ୍ ସେଲ୍ସ ସରୋଜ କୁଅଁର ,ସିନିୟର୍ ସେଲସ ମ୍ୟାନେଜର ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋର ପ୍ରଥମ ତ୍ରୈମାସିକ ଫଳାଫଳରେ ୭୭% ଅଭିବୃଦ୍ଧି

ଭୁବନେଶ୍ୱର, ୭।୮ (ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲକୋ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି। ନାଲକୋ ବୋର୍ଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ ୨.୫୦ଙ୍କା ହିସାବରେ ୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ। ଏଥିସହ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ।



ନାଲକୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି. ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୫- ସୋଭିଏତ୍ ସଂଘ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।
- ୨୦୧୩- ପାକିସ୍ତାନର କ୍ୱେଟାରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୨୮ ଲୋକଙ୍କ ପ୍ରାଣହାନି।



### କୀଟପତଙ୍ଗଙ୍କୁ ଅସ୍ତ୍ର କରିବ ଚୀନ୍

# ମହୁମାଛି ପିନ୍ଧିବ ବିପଜ୍ଜନକ ଡିଭାଇସ୍

ମୁଖ୍ୟତଃ ବର୍ଷା ଏବଂ ଶୀତଦିନରେ ଘରେ ତଥା ଘର ବାହାରେ ମଶା, ମାଛି ଆଦି ଦେଖାଯାନ୍ତି। ମଶା, ଡାଆଁଶ, ମାଛି, ମହୁମାଛି କବଳରୁ ରକ୍ଷା କରିବାକୁ ଲୋକେ ଘରଦ୍ୱାର ପରିଷ୍କାର କରନ୍ତି। ହେଲେ ଏହି କୀଟପତଙ୍ଗଗୁଡ଼ିକ ମଣିଷ ଇଚ୍ଛା ମୁତାବିକ ଏବେ କାମ କରିବେ। ଚୀନ୍‌ରେ ଏପରି ଏକ ମହୁମାଛି ପ୍ରସ୍ତୁତ କରାଯାଉଛି, ଯାହା ମଣିଷର ଇଶାରାରେ ଚାଲିବ। ପ୍ରଥମ ଥର ପାଇଁ ବେଜିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିଆଇଟି) ର ପ୍ରଫେସର ଝାଓ ଜେଲିଆଙ୍ଗ ଏବଂ ତାଙ୍କର ଟିମ୍ କୀଟର ମସ୍ତିଷ୍କ ନିୟନ୍ତ୍ରଣ ପାଇଁ ଏହି ବିକଳ୍ପ ଖୋଜିଛନ୍ତି। ଏଥିପାଇଁ ସେମାନେ ଏକ ସୂକ୍ଷ୍ମ ଯନ୍ତ୍ରକୁ ମହୁମାଛିର ପିଠିରେ ବାନ୍ଧିବେ। ଏହି ଉପକରଣର ଓଜନ ମହୁମାଛିର ମହୁ ଥଳି ସହିତ ସମାନ। ଏହା ପାଖାପାଖି ୭୪ ମିଲିଗ୍ରାମ୍ ହେବ। ଏହି ଉପକରଣଟି ମହୁମାଛିର ପିଠିରେ ବନ୍ଧା ଯିବା ସହ ତିନିଟି ପତଳା ଛୁଞ୍ଚି ମାଧ୍ୟମରେ ତା'ର ମସ୍ତିଷ୍କ ସହିତ ସଂଯୁକ୍ତ ହେବ। ବୈଦ୍ୟୁତିକ ସଙ୍କେତ ସାହାଯ୍ୟରେ ଏଥିରେ ମହୁମାଛିକୁ ନିର୍ଦ୍ଦେଶ ପଠାଯିବ। ଏହି ଗବେଷଣା 'ଚାଇନିଜ ଜର୍ଣ୍ଣାଲ ଅଫ୍ ମେକାନିକାଲ ଇଞ୍ଜିନିୟରିଂ'ରେ ପ୍ରକାଶ କରାଯାଇଛି। ଯେତେବେଳେ ଏହାକୁ ପରୀକ୍ଷା କରାଯାଇଥିଲା, ସେତେବେଳେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମହୁମାଛି ୧୦ ଥରରୁ ୯ଥର ସଠିକ୍ ଦିଗରେ ଉଡ଼ିଥିଲା। ତେଣୁ ଏହି ପରୀକ୍ଷଣର ସଫଳତାକୁ ଦୃଷ୍ଟିରେ ରଖି କୁହାଯାଉଛି ଯେ, ମହୁମାଛି ଭବିଷ୍ୟତରେ ସେନା ପାଇଁ ଗୁପ୍ତଚର ଭାବେ କାମ କରିପାରିବ। ଏହାବାଦ୍ ଭୂମିକମ୍ପ ପରି ଘଟଣା ପରେ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ଖୋଜିବାରେ ମଧ୍ୟ ସଫଳ ହେବ। ତେବେ ଏହା ପୂର୍ବରୁ ସିଙ୍ଗାପୁରରେ ମଧ୍ୟ ଏହିପ୍ରକାର ଏକ ଉପକରଣ ବିକଶିତ କରାଯାଇଥିଲା। ଅବଶ୍ୟ ସେହି ଉପକରଣଟି ଚୀନ୍‌ର ଉପକରଣଠାରୁ ତିନି ଗୁଣ ଭାରି ଥିଲା। ଯାହାଫଳରେ ଉପକରଣଟି କେବଳ ଧୀର ଗତିରେ ଗତି କରୁଥିବା ପୋକ ଯେପରିକି ଗୋବର ପୋକ ଏବଂ ଅସରପା ଉପରେ ହିଁ କାମ କରିପାରୁଥିଲା।

# ଛଅ ବର୍ଷ ପରେ ବଲିଉଡ୍‌କୁ ଫେରିବେ ପ୍ରିୟଙ୍କା

ବଲିଉଡ୍‌ଠାରୁ ଆରମ୍ଭ କରି ହଲିଉଡ୍‌ରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଶେଷ ଥର ପାଇଁ ପ୍ରିୟଙ୍କା ବଲିଉଡ୍ ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'ରେ ନଜର ଆସିଥିଲେ। ଏବେ ସେ ଦୀର୍ଘ ଛଅ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି। ପ୍ରିୟଙ୍କା ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜୟଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ସେ ନଜର ଆସିବେ। କିନ୍ତୁ ଏଯାବତ୍ ଏନେଇ ପ୍ରିୟଙ୍କା କି ସଞ୍ଜୟ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ଏଥିରେ ପ୍ରିୟଙ୍କାଙ୍କର ଏକ ଡ୍ୟାନ୍ସ ନମ୍ବର ରହିବ ବୋଲି କୁହାଯାଉଛି। ଏହା ପୂର୍ବରୁ ପ୍ରିୟଙ୍କା ସଞ୍ଜୟଙ୍କ ଫିଲ୍ମ 'ରାମ ଲୀଲା'ର 'ରାମ ଚାହେ ଲୀଲା' ଗୀତରେ ଜବରଦସ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଗୀତଟି ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, ୨୦୧୫ ମସିହାରେ ପ୍ରିୟଙ୍କା ଆମେରିକା ଚାଲି ଯାଇଥିଲେ। ଏହାପରେ ସେ ମାତ୍ର ଦୁଇଟି ବଲିଉଡ୍ ଫିଲ୍ମରେ କାମ କରିଛନ୍ତି। ସେ ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୧୯ ରେ ମୁକ୍ତିଲାଭ କରିଥିଲା।



# ସବୁବେଳେ ଜୋତା ପିନ୍ଧିବା ଭଲ ନୁହେଁ

ସାଧାରଣତଃ ସ୍କୁଲ, କଲେଜ ତଥା ଅଫିସ୍ ଯାଉଥିବା ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିଥାନ୍ତି। କାରଣ ଜୋତା ପାଦ ପାଇଁ ଆରାମଦାୟକ ହୋଇଥାଏ। ହେଲେ ଏବେ ପ୍ରଶ୍ନ ଉଠୁଛି ଦିନସାରା ଜୋତା ପିନ୍ଧି ରହିବା ପାଦ ପାଇଁ କେତେ ଭଲ? ଏ ନେଇ ମୁମ୍ବାଇର କୋକିଳାବେନ୍ ହସପିଟାଲର ଅର୍ଥୋପେଡିକ୍ ସର୍ଜନ ଡା. ବିକାଶ ବାସା ଲୋକଙ୍କୁ ସଚେତନ କରାଇଛନ୍ତି। ସେ କହିଛନ୍ତି, ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିବା ଦ୍ୱାରା ପାଦ ଏକ ବିଶେଷ ଭଙ୍ଗୀରେ ଲକ୍ ବା ଛନ୍ଦି ହୋଇଯାଏ। ଏହାଦ୍ୱାରା ପାଦର ମାଂସପେଶୀ ଅପେକ୍ଷାକୃତ ଅଧିକ ଶକ୍ତ ହେବା ସହ ଭିତରୁ ଦୁର୍ବଳ ହେବାକୁ ଲାଗେ। ଲଗାତାର ଏଭଳି ହେବା ଦ୍ୱାରା ପାଦର ସ୍ୱାଭାବିକ ଚଳନକ୍ରିୟା ହ୍ରାସ ପାଏ। ଫଳରେ ଦୀର୍ଘ ଦିନ ଧରି ପାଦ ସମସ୍ୟା ଲାଗି ରହେ। ମୁଖ୍ୟତଃ ଏହା ପାଦରେ ଟାଇଟ୍ ହୋଇ ରହୁଥିବା ଜୋତା ଯୋଗୁ ହୋଇଥାଏ। ତେବେ ପାଦକୁ ଗୋଟିଏ ପୋଜିସନରେ ଦୀର୍ଘ ସମୟ ଧରି ରଖିବା ଦ୍ୱାରା ମାଂସପେଶୀଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଏ। ଏଥିଯୋଗୁ ପାଦରେ ଯନ୍ତ୍ରଣା ହେବା ସହ ପ୍ଲାଣ୍ଟର ଫାସାଇଟିସ୍ ଭଳି ଅନ୍ୟ ସମସ୍ୟା ମଧ୍ୟ ଦେଖାଯାଇପାରେ। ସେହିପରି ଯେଉଁ ଜୋତା ପାଦକୁ ଆଦୌ ହଲିବାକୁ ଦିଏ ନାହିଁ ଏବଂ ପାଦରେ ଠିକ୍ ଭାବେ ଫିଟିଂ ହୋଇ ନ ଥାଏ, ଏଭଳି ଜୋତା ଯୋଗୁଁ ପାଦରେ ସଂକ୍ରମଣ ତଥା ଚମ ଉତୁରିବା ଭଳି ସମସ୍ୟା ସୃଷ୍ଟି ହୁଏ। ଅନ୍ୟପଟେ ଭୁଲ ସାଇଜ୍‌ର ଓ ଅଧିକ ଫିଟିଂ ଜୋତା ପିନ୍ଧିବା ଦ୍ୱାରା ପାଦ ଓ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ। ସେହିପରି ଦିନ ତମାମ ଜୋତା ପିନ୍ଧିବା ଦ୍ୱାରା ପାଦରୁ ଅଧିକ ଝାଳ ବହେ ଏବଂ ଖରାଦିନେ ଏହା ବେଶି ବଢ଼ିଯାଏ। ଯଦ୍ଦ୍ୱାରା ପାଦରେ କବକ ଏବଂ ଜୀବାଣୁଜନିତ ସଂକ୍ରମଣ ହୋଇଥାଏ। ତେଣୁ କିଛି ସମୟ ବ୍ୟବଧାନରେ ପାଦରୁ ଜୋତା ବାହାର କରିବା ପାଇଁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।








### ଚୁଟ୍‌କିରେ ଦୂର ହେବ

# ଗ୍ୟାସ୍-ପେଟଫମ୍ପା ସମସ୍ୟା

**ବର୍ତ୍ତମାନ ସମୟରେ ଖାଦ୍ୟପେୟ ଶୈଳୀ, ଶାରୀରିକ ସକ୍ରିୟତାର ଅଭାବ, ଅତ୍ୟଧିକ ତେଲ ମସଲା ଓ ରାଗଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଅତିଗରିଷ୍ଠ ଭୋଜନ ଆଦି ଦ୍ୱାରା ଗ୍ୟାସ୍, ପେଟ ଫାମ୍ପିବା, ଅମ୍ଳ ଏବଂ କୋଷ୍ଠକାଠିନ୍ୟ ଆଦି ସାଧାରଣ ସମସ୍ୟା ଭାବେ ଉଭା ହୋଇଛି। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗିବା, ଭୋକ ନ ଲାଗିବା, ମୁଣ୍ଡ ବିନ୍ଧିବା, ତଣ୍ଟି ଓ ଛାତି ଜଳାପୋଡ଼ା, ବାନ୍ତି ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଏସବୁ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଅଧିକାଂଶ ଡାକ୍ତରଙ୍କ ବିନା ପରାମର୍ଶରେ ବି ଔଷଧ ସେବନ କରିଥାନ୍ତି। ଯଦିଓ ଔଷଧ ସେବନରୁ ଆରାମ ମିଳିଥାଏ ହେଲେ ଏହାର ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରେ। ତେଣୁ ଏକ୍ଷେତ୍ରରେ ଘରୋଇ ଚିକିତ୍ସା ଉପାୟ ଆପଣାଇ ପାରିବେ।**

ପାନ ମଧୁରୀ, ଜିରା ଏବଂ ଜୁଆଣିକୁ ଅନୁମୋଦିତ ହାରରେ ମିଶାଇ ଏହାକୁ ଅଳ୍ପ ଆଞ୍ଚରେ ହାଲୁକା ଭାଜି ଦିଅନ୍ତୁ। ଏହି ମିଶ୍ରଣକୁ ଗୁଣ୍ଡ କରି ନିର୍ଦ୍ଦିଷ୍ଟ ପରିମାଣରେ ସେବନ କଲେ, ଗ୍ୟାସ୍, ଅମ୍ଳ, ପେଟଫାମ୍ପିବା ସମସ୍ୟାରୁ ଉପଶମ ମିଳିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି ଚୟାପଚୟ ପ୍ରକ୍ରିୟାକୁ ତ୍ୱରାନିତ କରେ। ଯାହାଦ୍ୱାରା ଓଜନ ନିୟନ୍ତ୍ରଣ ହୋଇପାରେ। ଆୟୁର୍ବେଦ ଚିକିତ୍ସକଙ୍କ ମତଅନୁଯାୟୀ ପାନ ମଧୁରୀ, ଜିରା ଏବଂ ଜୁଆଣି ତିନିଟିରେ ଭରପୁର ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ତତ୍ତ୍ୱ ରହିଛି। ଏହାକୁ ମିଶାଇ ଖାଇବା ଦ୍ୱାରା ଏହା ପାଚନଶକ୍ତିକୁ ମଜଭୁତ କରିଥାଏ।

ଶରୀରରେ ଜମା ହୋଇଥିବା ଦୂଷିତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ। ପେଟକୁ ସଫା କରିବା ସହ ଗ୍ୟାସ୍ ଓ ଅପଚ କମ୍ କରିଥାଏ। ତେଣୁ ଏହି ଗୁଣ୍ଡରେ ଅଳ୍ପ ହେଙ୍ଗୁ କିମ୍ବା କଳା ଲୁଣ ମିଶାଇ ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ ପରେ ଅଧା ଚାମଚ ଉଷୁମ ପାଣି ସହିତ ମିଶାଇ ପିଇପାରିବେ।

ସେହିପରି ସାଧାରଣଭାବେ ଜିରା, ପାନ ମଧୁରୀ, ଜୁଆଣି ଭଜା ହୋଇ ନ ଥିଲେ, ଏହାକୁ ପାଣିରେ ଫୁଟାଇ ସକାଳୁ ପିଇ ହେବ। ଖାଲି ପାଣିରେ ମଧ୍ୟ ରାତିସାରା ଏହାକୁ ବତୁରାଇ ସକାଳୁ ଏହାକୁ ଛାଣି ସେହି ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ ଉପଶମ କରିବାରେ ସହାୟକ ହୋଇଥାଏ। ସେହିପରି ଖାଦ୍ୟ ଖାଇବାର ଘଣ୍ଟାଏ ପରେ ପାଣି ପିଇବା ଦରକାର। ରାତ୍ରି ଭୋଜନରେ ଅଳ୍ପ ଖାଦ୍ୟ ଖାଇବା ଆବଶ୍ୟକ। ପଞ୍ଚଗବ୍ୟ ଔଷଧଆକାରରେ ଗୋମୂତ୍ର ଅର୍କ, ଜୀବନଧାରା, ଗାୟତ୍ରୀ ଚୂର୍ଣ୍ଣ, ହରିଡ଼ା ଚୂର୍ଣ୍ଣ ଆଦି ସେବନ କଲେ, ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

### ମେରୁଦଣ୍ଡ ଯନ୍ତ୍ରଣାକୁ କମ୍ କରିପାରେ

# ବୈଦ୍ୟୁତିକ ଅନ୍ତର୍ସ୍ଥାପନ ଉପକରଣ

ମେରୁଦଣ୍ଡ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଭୁଲ୍ ଶୈଳୀରେ ଦୀର୍ଘ ସମୟ ବସିବା, ବୟସ ବୃଦ୍ଧି, ମୋଟାପଣ, ଜୀବନଶୈଳୀ ଆଦି ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହୋଇଥାଏ। ମେରୁଦଣ୍ଡରେ ଆଘାତ ଲାଗିଲେ, ଅସହ୍ୟ ଯନ୍ତ୍ରଣା ଜୀବନକୁ ପ୍ରଭାବିତ କରିଥାଏ। ତେବେ ଏହି ସମସ୍ୟାରୁ ଉପଶମ ପାଇଁ ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ, ଫିଜିଓଥେରାପି କିମ୍ବା ଆବଶ୍ୟକସ୍ଥଳେ ସର୍ଜରୀ କରାଯାଇଥାଏ। ହେଲେ ନ୍ୟୁଜିଲ୍ୟାଣ୍ଡ, ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଏକ ଟିମ୍ ଏକ ବୈଦ୍ୟୁତିକ ଅନ୍ତର୍ସ୍ଥାପନଯୁକ୍ତ ଉପକରଣ ବିକଶିତ କରିଛନ୍ତି। ଯାହାକି ମେରୁଦଣ୍ଡରେ ଆଘାତ ଲାଗିଲା ପରେ ବି ଏହାର ବ୍ୟବହାର ଚଲାବୁଲା କରିବା କ୍ଷମତାକୁ ପୁନଃସ୍ଥାପିତ କରିପାରିବ। ଉକ୍ତ ବୈଦ୍ୟୁତିକ ଉପକରଣଟି ପିନ୍ଧିବା ଯୋଗ୍ୟ। ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ୱାଇପାପା ତୌମାତା ରାଓ ଫାର୍ମାସୀ ସ୍କୁଲର ଜଣେ ବରିଷ୍ଠ ଗବେଷଣା ଫେଲୋ, ମୁଖ୍ୟ ଗବେଷକ ଡା. ବ୍ରୁସ୍ ହାରଲାଣ୍ଡ ଏବଂ ତାଙ୍କର ଟିମ୍ ବିକଶିତ କରିଥିବା ଏହି ଉପକରଣଟି ବହୁତ ପତଳା, ହାଲୁକା ଭାବେ ଡିଜାଇନ୍ କରାଯାଇଛି। ଡ. ହାରଲାଣ୍ଡ କୁହନ୍ତି, ମେରୁଦଣ୍ଡ ଅସହ୍ୟ ଯନ୍ତ୍ରଣାରୁ ଆଶ୍ୱସ୍ତି ପାଇବାକୁ ଏହି ଉପକରଣକୁ ମେରୁଦଣ୍ଡରେ ଲଗାଯାଇଥାଏ। ବିଶେଷକରି ଯେଉଁସ୍ଥାନରେ ଆଘାତ ଲାଗିଥାଏ, ଉପକରଣଟି ସେଠାରେ ଆଲୋକ ଏବଂ ନିୟନ୍ତ୍ରିତ ବିଦ୍ୟୁତ୍ ପ୍ରବାହ ପଠାଇଥାଏ। ଫଳରେ ଏହା କ୍ଷତ ସ୍ଥାନକୁ ଭରିବାରେ ସାହାଯ୍ୟ କରିଥାଏ। ଏହା ସ୍ନାୟୁଆରୋଗ୍ୟକୁ ଉତ୍ତେଜିତ କରିବାକୁ ପ୍ରାକୃତିକ ବିକାଶ ମୂଳକ ସଙ୍କେତକୁ ଅନୁକରଣ କରିଥାଏ। ଫଳରେ ମେରୁଦଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇପାରେ। ବୈଜ୍ଞାନିକମାନେ ପ୍ରାଥମିକ ପର୍ଯ୍ୟାୟରେ ମୂଷା ଉପରେ ପରୀକ୍ଷା କରିଥିଲେ। ଏଥିରୁ ପ୍ରାକୃତିକ ରୂପେ ସୁସ୍ଥ ହେବା ତୁଳନାରେ ବୈଦ୍ୟୁତିକ ଉତ୍ତେଜନା ଜରିଆରେ କ'ଣ ପାର୍ଥକ୍ୟ ରହୁଛି ତାହା ଦେଖିବାକୁ ମିଳିଥିଲା। ଚାରି ସପ୍ତାହ ଧରି ଯେଉଁ ମୂଷାଙ୍କୁ ବୈଦ୍ୟୁତିକ ଉତ୍ତେଜନା ଚିକିତ୍ସା ଦିଆଯାଉଥିଲା। ଆଦୌ ଏହି ଚିକିତ୍ସା ଦିଆଯାଉନଥିବା ମୂଷାଙ୍କ ତୁଳନାରେ ସେମାନଙ୍କର ଚାଲିବା କ୍ଷମତା ଅପେକ୍ଷାକୃତ ଭଲ ଥିଲା। ୧୨ ସପ୍ତାହ ଧରି ଅଧ୍ୟୟନ କରାଯାଇଥିବାବେଳେ ଉକ୍ତ ମୂଷାମାନେ ହାଲୁକା ସ୍ପର୍ଶରେ ଶୀଘ୍ର ପ୍ରତିକ୍ରିୟା ଦେବା ଆରମ୍ଭ କରିଥିବା ଦେଖାଯାଇଥିଲା। ତେଣୁ ବୈଜ୍ଞାନିକମାନେ ଏହି ଗବେଷଣାରେ ସମ୍ପୂର୍ଣ୍ଣ ଭାବେ ସଫଳତା ପାଇବା ପରେ ଏହା ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିପାରିବ।



# ପୁଣି ଡରାଉଛି ଚିକନଗୁନିଆ

**ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନେ ଭୂତାଣୁ ଓ ଜୀବାଣୁ ଜନିତ ଜ୍ୱର ସାଧାରଣ କଥା। ତେବେ ବିଭିନ୍ନ ସ୍ଥାନରେ ପାଣି ଜମିଯାଉଥିବାରୁ ମଶା, ମାଛି ବଂଶବିସ୍ତାର କରିଥାନ୍ତି। ସଂକ୍ରମଣ, ଫ୍ଲୁ ତଥା ମଶାମାଛିଙ୍କଠାରୁ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଏହି କ୍ରମରେ ଏବେ ଚିକନଗୁନିଆ ଚିନ୍ତାର କାରଣ ସାଜିଛି। ୨୦ ବର୍ଷ ପୂର୍ବରୁ ଏହି ଭୂତାଣୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ଆଉ ଏବେ ଏହା ଲୋକଙ୍କ ମଧ୍ୟରେ ପୁଣି ଆତଙ୍କ ସୃଷ୍ଟି କରିଛି। ମାୟୋଟେ, ମରିସସ ଆଦି ଦ୍ୱୀପ ସମେତ ଆଫ୍ରିକୀୟ ଦେଶ ପରେ ଚୀନ୍‌ରେ ଚିକନଗୁନିଆ ପୁଣି ବ୍ୟାପିବାରେ ଲାଗିଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ସତର୍କତା ଜାରି କରିଛି। ତେବେ ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**

ଚିକନଗୁନିଆ ଏକ ଭୂତାଣୁ ଜନିତ ରୋଗ। ମଶା କାମୁଡିବା ଦ୍ୱାରା ଏହା ବ୍ୟାପିଥାଏ। ଏହାକୁ ଚିକନଗୁନିଆ ଜ୍ୱର ବୋଲି କୁହାଯାଏ। ମୁଖ୍ୟତଃ ବର୍ଷାଦିନେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଥାଏ। ଚିକନଗୁନିଆ ଏଡିସ୍ ଏଜିପ୍ଟି ଏବଂ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶା ସାଧାରଣତଃ ଦିନରେ ଅଧିକ ସକ୍ରିୟ ରହିଥାନ୍ତି। ତେଣୁ ଏହି ସଂକ୍ରମିତ ମଶା ଜଣଙ୍କୁ କାମୁଡ଼ିଲେ, ଭୂତାଣୁ ଉକ୍ତ ବ୍ୟକ୍ତିଙ୍କ ରକ୍ତରେ ପ୍ରବେଶ କରି ଶରୀରରେ ଦ୍ରୁତ ଗତିରେ ବ୍ୟାପିପାରେ। ଏହା ଶରୀରର ମାଂସପେଶୀ ଏବଂ ସ୍ନାୟୁକୁ ଅଧିକ ପ୍ରଭାବିତ କରେ।



**ଲକ୍ଷଣ:** ଭୂତାଣୁ ସଂକ୍ରମଣ ହେବାର କିଛି ଦିନ ପରେ ଚିକନଗୁନିଆର ଲକ୍ଷଣଗୁଡ଼ିକ ଦେଖାଯାଏ। ରୋଗୀଙ୍କୁ ପ୍ରବଳ ଯନ୍ତ୍ରଣା ଏବଂ ଦୁର୍ବଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଅତ୍ୟଧିକ ଜ୍ୱର, ପ୍ରବଳ ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ବିନ୍ଧିବା ଭଳି ଲକ୍ଷଣ ଦେଖାଯାଏ। ଗଣ୍ଠି ଯନ୍ତ୍ରଣା ସପ୍ତାହରୁ ପ୍ରାୟ ମାସେ ପର୍ଯ୍ୟନ୍ତ ରହିପାରେ। ଏହାସହ ମୁଣ୍ଡବିନ୍ଧା, ଥକ୍କାପଣ, ଥଣ୍ଡା ଲାଗିବା, ବାନ୍ତି, ଆଖି ଯନ୍ତ୍ରଣା, ଶରୀରରେ ଲାଲ୍ ଫୋଟକା ଭଳି ଦେଖାଦେଇପାରେ। ପ୍ରାୟତଃ ଲକ୍ଷଣଗୁଡିକ ଡେଙ୍ଗୁ ପରି ହୋଇଥିବାରୁ ଏହି ରୋଗକୁ ସଠିକ୍ ଭାବେ ଚିହ୍ନଟ କରିବାରେ ବିଳମ୍ବ ହୋଇପାରେ। ଏହି ସଂକ୍ରମଣ, ବୟସ୍କ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କଠାରେ ଗମ୍ଭୀର ରୂପ ନେଇପାରେ।

**ଜ୍ୱର ନିୟନ୍ତ୍ରଣ ପାଇଁ ଉପାୟ:** ଉପରୋକ୍ତ ଲକ୍ଷଣ ଶରୀରରେ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରିବା ଜରୁରି। ଚିକନଗୁନିଆର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱରର ତୀବ୍ରତାକୁ ନିୟନ୍ତ୍ରଣ କରିବାକୁ ସହାୟକ ଚିକିତ୍ସା ଦିଆଯାଏ। ରୋଗୀଙ୍କୁ ତରଳପେୟ ଓ ହାଲୁକା ଭୋଜନ କରିବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ସେହିପରି ମଶା ନ ହେବାକୁ ଘର ଚତୁଃପାର୍ଶ୍ୱରେ ପାଣି ଜମା ହେବାକୁ ଦିଅନ୍ତୁନି। ଶରୀରକୁ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ। ମଶା ନିୟନ୍ତ୍ରଣ ପାଇଁ ମଶାରୀ ଟାଙ୍ଗି ଶୋଇବା ସହିତ କଏଲ, ଲିକ୍ୟୁଡି ଆଦି ବ୍ୟବହାର କରିପାରିବେ। ଯେଉଁ ସ୍ଥାନରେ ଭୂତାଣୁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେଠାକୁ ଯାଆନ୍ତୁନି। ଦୈନିକ ଶାରୀରିକ କାର୍ଯ୍ୟ କରିବା ଆବଶ୍ୟକ।

# ସାଇ ସ୍ୱରୂପଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ

## ଜାତୀୟ ଜୁନିଅର ଜଳକ୍ରୀଡ଼ା



ଭୁବନେଶ୍ୱର, ୭।୮ (ସମିସ): ଓଡ଼ିଶାର ଯୁବ ଓ ଉଦୀୟମାନ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁଙ୍କ ଦମ୍‌ଦାର ପ୍ରଦର୍ଶନ ଚଳିତ ୫୧ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ପ୍ରତିଯୋଗିତାରେ ଜାରି ରହିଛି। ଅହମ୍ମଦାବାଦରେ ଚାଲିଥିବା ଏହି ଜଳକ୍ରୀଡ଼ା ପ୍ରତିଯୋଗିତାରେ ସାଇ ସ୍ୱରୂପ କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। ଗୁରୁବାର ସେ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଦୂରତାକୁ ସାଇ ସ୍ୱରୂପ ଏକ ମିନିଟ୍ ୧୦.୬୧ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିପୂର୍ବରୁ ସେ ବୁଧବାର ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ସାଇ ସ୍ୱରୂପ କୌଣସି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏବେ ସେ ଏହି ଐତିହାସିକ ସଫଳତାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଯୋଡ଼ିଛନ୍ତି। ଚଳିତ ଜାତୀୟ ପ୍ରତିଯୋଗିତାରେ ସାଇ ସ୍ୱରୂପଙ୍କ ଏହା ୩ୟ ପଦକ ଥିଲା। ସେ ମଧ୍ୟ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ହାସଲ କରିଥିଲେ।

ସାଇଙ୍କ ଏହି କ୍ରମାଗତ ସଫଳତା ଲାଗି ତାଙ୍କ ନିକଟକୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ସାଇଙ୍କ ଘର କଟକ ବାରଙ୍ଗରେ ହୋଇଥିବାବେଳେ ତାଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ଓ ମାତା ରୁନୁ ସ୍ୱାଇଁ ଉଭୟ ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ରହିଛନ୍ତି। ବର୍ତ୍ତମାନ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-୧ରେ ଅଧ୍ୟୟନରତ। ଗତ ରାଜ୍ୟ ର୍‍ୟାଙ୍କିଙ୍ଗ ସନ୍ତରଣରେ ସାଇ ସ୍ୱରୂପ ୮ଟି ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ହାଇପରଫର୍ମାନ୍ସ ସେଣ୍ଟରରେ ସେ ବର୍ତ୍ତମାନ ପ୍ରଶିକ୍ଷଣ ନେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପଙ୍କ ପୂର୍ବରୁ ରାଜ୍ୟର ଏକମାତ୍ର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ସେଠ୍ ୧୯୯୧ରେ କୋଲକାତାରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ସନ୍ତରଣରେ କାଂସ୍ୟ ପଦକ ଜିତିଥିଲେ। ଓଡ଼ିଶାର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ଗତ ୩୪ ବର୍ଷ ଧରି ଏକମାତ୍ର ଜାତୀୟ ପଦକ ବିଜେତା ରହିଥିଲେ।

■ ୪ ବର୍ଷର ବାସନ୍ଦ ଶେଷ ପରେ

## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଲେ ଟେଲର୍

ହରାରେ, ୭।୮ (ଏଜେନ୍ସି): ଦୀର୍ଘ ୪ ବର୍ଷର ବାସନ୍ଦ ପରେ ଜିମ୍ବାୱେର ଷ୍ଟାର କ୍ରିକେଟର ବ୍ରେଣ୍ଡାନ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଛନ୍ତି। ଆଜି ଏଠାରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ସେ ଜିମ୍ବାୱେ ପକ୍ଷରୁ ଖେଳିଥିଲେ। ଜିମ୍ବାୱେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୧୨୫ରେ ଅଲଆଉଟ ହୋଇଥିଲାବେଳେ ଇନିଂସ ଓପନ କରିଥିବା ଟେଲର ସର୍ବାଧିକ ୪୪ ରନ୍ କରିଥିଲେ। ୱିକେଟରକ୍ଷକ ତାଫଜୱା ସିଗା ୩୩ ରନ୍ କରିଥିଲେ। ପତିପକ୍ଷ ଦଳର ମ୍ୟାଟ୍ ହେନରୀ ୫ଟି ଓ ୨୩ ବର୍ଷୀୟ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଜାକାରୀ ଫୋକ୍ସ ୪ଟି ୱିକେଟ ପାଇଥିଲେ। ଜବାବରେ ପ୍ରଥମ ଦିନ ଷ୍ଟମ୍ପ୍‌ସ ସୁଦ୍ଧା ନ୍ୟୁଜିଲାଣ୍ଡ ୧ ୱିକେଟ୍ ବିନିମୟରେ ୧୭୪ ରନ୍ କରିନେଇଛି। ଏହି ସମୟରେ ଡେଭନ କନୱେ ୭୯ ଓ ଜ୍ୟାକବ୍ ଡଫି ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ୱିଲ ୟଙ୍ଗ୍ ୭୪ ରନ୍ କରି ଆଉଟ୍ ହୋଇଛନ୍ତି। ସୂଚନାଯୋଗ୍ୟ ୪ ବର୍ଷ ପୂର୍ବେ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେର ଟେଲର ଜଣେ ଭାରତୀୟ ବୁକିଙ୍କଠାରୁ ୧୫,୦୦୦ ଡଲାର ଲାଞ୍ଚ ନେଇ ଧରାପଡ଼ିଥିଲେ। ଫଳରେ ତାଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୪ ବର୍ଷ ଲାଗି ଆଇସିସି ବାସନ୍ଦ କରିଥିଲା।



## ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟବଲ ଦଳର ର୍‍ୟାଙ୍କିଙ୍ଗ ଶ୍ରେଷ୍ଠ ହୋଇଛି। ସର୍ବଶେଷ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନ ୬୩ରେ ପହଞ୍ଚିଛି। ପୂର୍ବରୁ ୨୦୨୩ ଅଗଷ୍ଟ ୨୧ରେ ଭାରତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୬୧ତମ ସ୍ଥାନରେ ଥିଲା। ନିକଟରେ ନିଜଠାରୁ ଉନ୍ନତ ର୍‍ୟାଙ୍କିଙ୍ଗ୍ ଦଳ ଥାଇଲାଣ୍ଡକୁ ପରାସ୍ତ କରି ଏଏଫ୍‌ସି ମହିଳା ଏସିଆ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପରେ ଭାରତର ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ହୋଇଛି।

## ପ୍ରଥମ ଟି-୨୦ରେ ହାରିଲେ ଭାରତୀୟ ମହିଳା

ମ୍ୟାକୟ, ୭।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଆସିଥିବା ଭାରତୀୟ ମହିଳା-ଏ' କ୍ରିକେଟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏଠାରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲି-ଏ' ୧୩ ରନ୍‌ରେ ଭାରତ-ଏ'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୩୭ ରନ୍ କରିଥିଲା। ଏହା କମ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ-ଏ' ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟରେ ୧୨୪ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରେମା ରାୱତ ୩ଟି ୱିକେଟ ନେଇଥିଲାବେଳେ ଉମା ଛେତ୍ରୀ ୩୧ ଓ ରାଘବୀ ବିସ୍ତ ୩୩ ରନ୍ କରିଥିଲେ। ଶେଫାଳି ବର୍ମା ୩ ରନ୍‌ରେ ଆଉଟ ହୋଇଥିଲେ। ଏହି ଗସ୍ତରେ ଭାରତ-ଏ' ୩ଟି ଟି-୨୦, ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ୍ ଓ ଗୋଟିଏ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

## 'ବାଲନ୍ ଡି ଓର୍' ପୁରସ୍କାର ଦୌଡ଼ରେ ସ୍ଥାନ ପାଇଲେନି ମେସି, ରୋନାଲ୍ଡୋ

ପ୍ୟାରିସ, ୭।୮ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ପୁରସ୍କାର 'ବାଲନ୍ ଡି ଓର୍' ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ମନୋନୀତ ୩୦ ଜଣିଆ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ଦୁଇ କିମ୍ବଦନ୍ତୀ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ୍ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋଙ୍କ ନାମ ପାଇନାହିଁ। ଫ୍ରାନ୍ସ ତାରକା କିଲିଆନ୍ ଏମ୍‌ବାପ୍ପେ ଓ ଓଉସମାନେ ଡେମ୍ବେଲଙ୍କ ସମେତ ଇଜିପ୍ଟର ମହମ୍ମଦ ସାଲାହ ପ୍ରମୁଖ ଏହି ତାଲିକାରେ ରହିଛନ୍ତି। ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ର ଫରୱାର୍ଡ ଡେମ୍ବେଲ ଏଥର 'ବାଲନ୍ ଡି ଓର୍' ପୁରସ୍କାର ଜିତିବା ଲାଗି ପ୍ରମୁଖ ଦାବିଦାର୍ ରହିଛନ୍ତି। ସେ ଉଭୟ ଦେଶ ଓ କ୍ଲବ ପାଇଁ ୩୬ ଗୋଲ୍ ଦେଇଥିବାବେଳେ ୧୩ରେ ସହାୟତା କରିଥିଲେ। ପ୍ରକାଶଯୋଗ୍ୟ, ମେସି ଓ ରୋନାଲ୍ଡୋ ମିଳିତ ଭାବେ ୧୩ଥର ଏହି ପୁରସ୍କାର ଜିତିଛନ୍ତି। ଯେଉଁଥିରେ ମେସି ରେକର୍ଡ ୮ଥର ଓ ରୋନାଲ୍ଡୋ ୫ଥର ବାଲନ୍ ଡି ଓର୍ ଟ୍ରଫି ହାସଲ କରିଛନ୍ତି।

# ଆଶଙ୍କାରେ ଆଇଏସ୍ଏଲ୍; ସେପ୍ଟେମ୍ବରରେ ସୁପର କପ୍

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଆୟୋଜନ ଆଶଙ୍କାରେ। ଏ ସମ୍ପର୍କରେ ଆଇଏସ୍ଏଲ୍‌ରେ ସାମିଲ ଥିବା ୧୩ଟି ଯାକ ଫ୍ରାଞ୍ଚାଇଜର୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ଆଜି ଅନୁଷ୍ଠିତ ବୈଠକରେ ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇ ପାରିଲାନି। ବରଂ ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍ ଫୁଟବଲ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆୟୋଜିତ ହେବ ବୋଲି ଏଆଇଏଫ୍ଏଫ୍ ସଭାପତି ଚୌବେ କହିବା ପରେ ଆଇଏସ୍ଏଲ୍ ଚଳିତବର୍ଷ ଆଉ ହେବ ନାହିଁ ବୋଲି ସିଇଓ ମାନେ ବିଶ୍ୱାସ କରୁଛନ୍ତି। ଏହି ବୈଠକରେ ସମସ୍ତ ୧୩ଟି ଯାକ କ୍ଲବ୍ ଅଂଶଗ୍ରହଣ କରିଥିଲେ। ଚୌବେଙ୍କ ମତରେ ଆସନ୍ତା ସପ୍ତାହକ ମଧ୍ୟରେ ଏହି ବୈଠକ ଦ୍ୱିତୀୟଥର ଆୟୋଜିତ ହେବ। ଏହା ପରେ କିଛି ଗୋଟାଏ ସମାଧାନର ରାସ୍ତା ବାହାରିବ। ଆଇଏସ୍ଏଲ୍ ବାତିଲ କିମ୍ବା ସ୍ଥଗିତ ହେବ ନାହିଁ। ଏହା ବିଳମ୍ବରେ ହେବ ଓ ଫର୍ମାଟ ବଦଳିବ ବୋଲି ସେ କହିଛନ୍ତି। ଏହାର ଅର୍ଥ ଯଦି ବି ଏହି ମାର୍କମରା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ, ସେଥିଲାଗି ଅନେକ କସରତ କରିବାକୁ ପଡ଼ିବ। ଏଥିଲାଗି ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍‌କୁ ସିଜନ ଆରମ୍ଭରେ ଆୟୋଜନ କରିବାକୁ ଏଆଇଏଫ୍ଏଫ୍ ଯୋଜନା କରୁଛି। ଯାହା ଫଳରେ ଭାରତୀୟ ଖେଳାଳି, କ୍ଲବ୍ ଫିଟ୍ ରହି ପାରିବେ। ଅକ୍ଟୋବର ୯ ଓ ୧୦ରେ ଭାରତର ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ସିଙ୍ଗାପୁର ସହ ଅକ୍ଟୋବର ୯ ଓ ୧୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଏଆଇଏଫ୍ଏଫ୍ ସୁପର କପ୍ ଆଗୁଆ ଆୟୋଜନ କରୁଛି। ସୁପର କପ୍ ଶେଷ ହେଲା ବେଳକୁ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ।

ଏହା ମଧ୍ୟରେ ଆଇଏସ୍ଏଲ୍‌ର ଆୟୋଜକ ନୀତା ଅମ୍ବାନୀଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିଃ (ଏଫ୍ଏସ୍‌ଡିଏଲ୍) ଓ ଏଆଇଏଫ୍ଏଫ୍ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଯେଉଁ ମାଷ୍ଟର ରାଇଟସ ରାଜିନାମା ହୋଇଥିଲା ତାହାର ଅବଧି ଡିସେମ୍ବର ୮ରେ ଶେଷ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ରାଜିନାମାର ନବୀକରଣ ଲାଗି ନୀତାଙ୍କ କମ୍ପାନୀ ପକ୍ଷରୁ କୌଣସି ଆଗ୍ରହ ପ୍ରକାଶ ପାଉନାହିଁ। ବିଶେଷ କରି ଏଫ୍ଏସ୍‌ଡିଏଲ୍ ସହ ଥିବା କମ୍ପାନୀଗୁଡିକ ଆଉ ନବୀକରଣ କରିବାକୁ ଚାହିଁନାହାନ୍ତି। ସେମାନେ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯେତିକି ଅର୍ଥ ଦେଉଛନ୍ତି ତାହା ଫେରୁ ନାହିଁ। ଭାରତରେ ଆଇଏସ୍ଏଲ୍‌ର ଲୋକପ୍ରିୟତା ହେଲା ନାହିଁ କିମ୍ବା ଦର୍ଶକ ଏହାକୁ ବିଶେଷ ଦେଖୁନାହାନ୍ତି। ଏଣୁ ବିଜ୍ଞାପନଦାତା ମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ଏଆଇଏଫ୍ଏଫ୍ ଏତେ ବଡ଼ ବଜେଟର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବା ସମ୍ଭବ ନୁହେଁ। ସଭାପତି ଚୌବେ ବାରମ୍ବାର ଏ ସମ୍ପର୍କରେ ଆୟୋଜକଙ୍କ ସହ ଆଲୋଚନା କରି ବିଫଳ ହୋଇସାରିଲେଣି। ସେ ବିକଳ୍ପ ଆୟୋଜନ ସନ୍ଧାନରେ ଥାଇ ବିଫଳ ହୋଇଛନ୍ତି। ଏଣୁ ଏହାର ଆୟୋଜନ ହେବା ସମ୍ଭବ ନୁହେଁ ବୋଲି ଟିମ୍ ଗୁଡିକର ସିଇଓଙ୍କର ଉପଲବ୍ଧ ହୋଇଛି।

ଏହା ମଧ୍ୟରେ ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ତାହାର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଚୁକ୍ତିନାମାକୁ ଚଳିତବର୍ଷ ବାତିଲ କରିଛନ୍ତି। ସେମାନେ ଚାହିଁଲେ ଚଳିତବର୍ଷ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା କ୍ଲବ୍ ପକ୍ଷରୁ ଖେଳିପାରିବେ। ଏହାର ଅର୍ଥ ଏହି ୩ଟି ଆଇଏସ୍ଏଲ କ୍ଲବ୍ ଯେତେବେଳେ ପ୍ରସ୍ତୁତି ଜୋରଦାର କରିବା କଥା, ସେତେବେଳେ କ୍ଲବ୍‌କୁ ଭାଙ୍ଗିଦେଇଛନ୍ତି। ଏହା ଫଳରେ ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। କ୍ଲବ୍ ଗୁଡିକୁ ଆଶ୍ୱାସନା ଦେବା ଓ ଭାରତୀୟ ଖେଳାଳିମାନଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ଲାଗି ଫିଟ ରଖିବା ସକାଶେ ସୁପର କପ୍ ଆଗୁଆ କରିବାକୁ ଏଆଇଏଫ୍ଏଫ୍ ପକ୍ଷରୁ ଯୋଜନା କରାଯାଇଛି। କିନ୍ତୁ ଆଇଏସ୍ଏଲ୍ ଆୟୋଜନ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇପାରିନାହିଁ।



## ଗିଲ୍‌ଙ୍କୁ ଉତ୍ତରାଞ୍ଚଳ, ଜୁରେଲଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ



ଦୁଲୀପ୍ ଟ୍ରଫି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି। ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ୍ ଟ୍ରଫି ଲାଗି ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ବ୍ୟତୀତ ଉତ୍ତରାଞ୍ଚଳ ଦଳରେ ଅନେକ ତାରକା ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆୟୁଷ ବଦୋନୀ ପ୍ରମୁଖ ରହିଛନ୍ତି। କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳର ମୁକାବିଲା ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ହେବ। ସେହିଭଳି ଗୁରୁବାର କେନ୍ଦ୍ରାଞ୍ଚଳ ଦଳ ମଧ୍ୟ ଘୋଷଣା କରାଯାଇଛି। ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଦଳରେ ଆଇପିଏଲ୍ ଟ୍ରଫି ବିଜୟୀ ଅଧିନାୟକ ରଜତ ପଟିଦାର, କୁଲଦୀପ୍ ଯାଦବ, ଆଦିତ୍ୟ ଥାକରେ, ଦୀପକ ଚହର, ଖଲିଲ ଅହମ୍ମଦଙ୍କ ଭଳି ତାରକା ଖେଳାଳି ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୁଲୀପ୍ ଟ୍ରଫି ସହ ବିସିସିଆଇର ୨୦୨୫-୨୬ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବ। ଏଥର ୬ ଦଳୀୟ ଜୋନାଲ୍ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି। ସେହିଭଳି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୮ରୁ ଆରମ୍ଭ ହେବ। ଦୁଇ କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳକୁ ଭେଟିବେ।

## ବିଏଫ୍ଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଲଭ୍‌ଲିନା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ମଲିକ ତାଙ୍କ ପ୍ରତି ଭେଦଭାବ ଓ ଅପମାନଜନକ ଆଚରଣ ପ୍ରଦର୍ଶନ କରିଥିବା ନେଇ ଲଭ୍‌ଲିନା ଅଭିଯୋଗ କରିଛନ୍ତି। ଦୁଇ ପୃଷ୍ଠା ସମ୍ବଳିତ ଏହି ଅଭିଯୋଗ ପତ୍ରକୁ ଲଭଲିନା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ, ସାଇ ନିର୍ଦ୍ଦେଶକ ହରି ରଞ୍ଜନ ରାଓ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଅଫିସିଆଲ୍ ଓ ବିଏଫ୍ଆଇ ନିକଟକୁ ପଠାଇଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ଜୁଲାଇ ୮ରେ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଜୁମ୍ ବୈଠକରେ ଏହି ଅଘଟଣ ଘଟିଥିଲା। ଏହି ବୈଠକରେ ଲଭଲିନା ଅନୁରୋଧ କରିଥିଲେ ଯେ ତାଙ୍କର ଆଗାମୀ ୟୁରୋପ ପ୍ରଶିକ୍ଷଣ ଲାଗି ପ୍ରଣମିକା ବୋରୋଙ୍କୁ ସେ ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ନେବାକୁ ଚାହୁଁଛନ୍ତି। ଏଥିଲାଗି ତାଙ୍କୁ ଅନୁମତି ଦିଆଯାଉ। କିନ୍ତୁ ଏହି ସମୟରେ ଅରୁଣ ମଲିକ ତାଙ୍କୁ ଅପମାନିତ କରି କହିଥିଲେ, 'ଚୁପ୍ ରୁହ ଆମେ ଯାହା କହୁଛୁ ମୁଣ୍ଡ ତଳକୁ କରି ତାହାକୁ ଶୁଣ'। ଲଭଲିନା ଅଭିଯୋଗ ପତ୍ରରେ ଏହା ଦର୍ଶାଇଛନ୍ତି।

## ଜାଭେଲିନ୍ ଦିବସ ପାଳିଲା ଓଡ଼ିଶା



କଟକ, ୭।୮ (ସମିସ): ଭାରତର ନୀରଜ ଚୋପ୍ରା ଅଗଷ୍ଟ ୭ ତାରିଖରେ ଅଲିମ୍ପିକ୍ସରେ ଜାଭେଲିନ୍‌ରେ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଭାରତ ଲାଗି ଥିଲା ବିରଳ। ଯାହା ଫଳରେ ନୀରଜଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟ ପରଠାରୁ ଭାରତରେ ଅଗଷ୍ଟ ୭କୁ ଜାଭେଲିନ୍ ଦିବସ ଭାବେ ପାଳନ କରାଯାଇଆସୁଛି। ଓଡ଼ିଶାରେ ମଧ୍ୟ ଏହି ଦିବସ ଆଜି ଓଡ଼ିଶା ଆଥଲେଟିକ୍ ସଂଘ ପାଳନ କରିଥିଲା। ଏଥିଲାଗି ସମଗ୍ର ଓଡ଼ିଶାରୁ ୬୦ଜଣ ଜାଭେଲିନ୍ ଫିଙ୍ଗାଳି ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଥଲେଟିକ୍ସ କୋଚ୍ ଚିତ୍ତରଞ୍ଜନ ମହାପାତ୍ର ଓ ଶୈଳେନ୍ଦ୍ର ପ୍ରସନ୍ନ ବର୍ମା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭବାନୀ ଶଙ୍କର ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିଲାବେଳେ ଅନେକ ଆଥଲେଟ ଓ କୋଚ୍ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ୨୦୨୧ ଅଗଷ୍ଟ ୭ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

### ଟେନିସ୍ ଇତିହାସରେ ରେକର୍ଡ ପୁରସ୍କାର ରାଶି

## ୟୁଏସ୍ ଓପନ୍ ଚାମ୍ପିଅନଙ୍କୁ ମିଳିବ ୪୩.୭୫ କୋଟି

ନ୍ୟୁୟର୍କ, ୭।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ୟୁଏସ୍ ଓପନ୍‌ର ଏହା ହେବ ୧୪୫ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ଲାଗି ଆୟୋଜକ ୟୁଏସ୍ ଟେନିସ ସଂଘ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏଥର ୟୁଏସ୍ ଓପନ୍‌ରେ ମୋଟ୍ ପୁରସ୍କାର ରାଶି ୯୦ ମିଲିୟନ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୭ ଶହ ୮୭ କୋଟି ୩୧ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ୬ ଶହ ୫୬ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯାଇଥିଲା। ବିଶ୍ୱ ଟେନିସରେ ଆୟୋଜନ କରାଯାଉଥିବା ଯେକୌଣସି ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ ପୁରସ୍କାର ରାଶି ହୋଇଛି। ଯଦି ଗତ ମାସରେ ଅନୁଷ୍ଠିତ ହୋଇଥିବା ୱିମ୍ବଲଡନ ଉପରେ ନଜର ପକାଇବା ତେବେ ସେହି ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ୭୩ ମିଲିୟନ ଡଲାର (୬ ଶହ ୩୮ କୋଟି ୫୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଥିଲା।




ଅପରପକ୍ଷରେ ଏଥର ୟୁଏସ୍ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ଆଖିଦୃଶିଆ ରାଶି ମିଳିବ। ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଜେତା ଏଥର ୫ ମିଲିୟନ ଡଲାର ତଥା ୪୩ କୋଟି ୭୫ ଲକ୍ଷ ଟଙ୍କା ସାଙ୍ଗରେ ନେଇ ଘରକୁ ଯିବେ। ୨୦୨୪ରେ ୟୁଏସ୍ ଓପନ୍ ବିଜେତାକୁ ୩୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅର୍ଥାତ୍ ଚଳିତ ବର୍ଷ ଏହି ରାଶିରେ ୩୯ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିଭଳି ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବେ ସେ ୯୬ ଲକ୍ଷ ଟଙ୍କା ପାଇବେ।

## ଜୁନିଅର ମହିଳା ହକି କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୭।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୨ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ମହାରାଷ୍ଟ୍ର (୬) ପଛକୁ ୨ୟ ସ୍ଥାନରେ ରହିଥିଲା। ମହାରାଷ୍ଟ୍ର ଏହାର ଶେଷ ପୁଲ୍ ମୁକାବିଲାରେ ଗୁରୁବାର ଆନ୍ଧ୍ର ପ୍ରଦେଶକୁ ୫-୧ ଗୋଲ୍‌ରେ ହରାଇବା ପରେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଖେଳିବା ସ୍ପଷ୍ଟ ହୋଇଥିଲା। ଶନିବାର କ୍ୱାର୍ଟର ଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶାର ମୁକାବିଲା ଶକ୍ତିଶାଳୀ ହରିୟାଣା ସହ ହେବ। ପୁଲ୍-ସି'ରେ ହରିୟାଣା ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଅନ୍ୟ ୩ଟି କ୍ୱାର୍ଟରରେ ମହାରାଷ୍ଟ-ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ-ଛତିଶଗଡ଼ ଏବଂ ଝାଡ଼ଖଣ୍ଡ-ପଞ୍ଜାବ ସାମ୍ନାସାମ୍ନି ହେବେ।

## ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଆରମ୍ଭ



ଭୁବନେଶ୍ୱର, ୭।୮ (ସମିସ): ସ୍ଥାନୀୟ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଗୁରୁବାର ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ସିବିଏସ୍‌ଇ ରିଜିଅନର ୧୧୫ ସ୍କୁଲର ହଜାରେରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିବିଏସ୍‌ଇର ପର୍ଯ୍ୟବେକ୍ଷକ ସୋନୁ କାମାତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ୍ ସଞ୍ଜୟ ସୁଆର, ଅଧକ୍ଷା ଡ. ମୋନାଲିସା ବଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଫିସଆଲ୍‌ଙ୍କୁ ଏହି ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS
PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS